

କାହାଣୀ ଲିକ୍: ଚର୍ଚ୍ଚାରେ ଶ୍ରଦ୍ଧା
ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-270 • BHUBANESWAR • SATURDAY • 29 MARCH 2025 • PAGE-14 • ₹ 6.00

• ବର୍ଷ-୪୨ • ସଂଖ୍ୟା-୨୭୦ • ଭୁବନେଶ୍ୱର • ଶନିବାର • ୨୯ ମାର୍ଚ୍ଚ ୨୦୨୫ • ପୃଷ୍ଠା-୧୪ • ଟ.୬.୦୦


# EVERY 2 MINUTES*, ONE STUDENT JOINS US

To pursue dream of becoming **DOCTOR OR ENGINEER!**

**Aakash**
Medical | IIT-JEE | Foundations

Don't be left out this admission session.

## PROVEN. TRUSTED. UNMATCHED.


### 115484 AAKASHIANS QUALIFIED IN NEET (UG) 2024




### 3081 AAKASHIANS QUALIFIED IN JEE (ADVANCED) 2024




### OUR CHAMPIONS FROM Aakash ODISHA (CLASSROOM PROGRAMS)




*Calculated basis the number of admissions taken from July 2023 to June 2024

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

## ADMISSIONS OPEN for OUR NEXT BATCH

| CLASS 8th Studying Students | CLASS 9th-10th Studying Students | CLASS 11th Studying Students | CLASS 12th Studying Students | CLASS 12th Appearing / Passed Students |
|---|---|---|---|---|
| Foundation Courses for School Exams / Olympiads | School Plus and Prep Plus Courses for School / Board Exams, Pre-NEET / Pre-JEE along with Olympiads | 2 Year Integrated Classroom Courses for NEET / JEE | 1 Year Integrated Classroom Courses for NEET / JEE | 1 Year Repeater / Dropper Courses for NEET / JEE |
| Batches Starting From : 4th April, 2025 | | Batches Starting From : 6th April, 2025 | Batches Starting From : 1st April, 2025 | Batches Starting From : 17th April - 9th May |

**Appear for Instant Admission cum Scholarship Test (iACST)**
Get up to 90% Total Scholarship*
SCAN TO ENROLL
Register now for FREE,
visit: iacst.aakash.ac.in
T & C Apply

## CRASH COURSE for NEET 2025

LIMITED SEATS

Batches Starting on : 31st March, 2025



## Aakash INVICTUS
Advanced JEE Prep Program

Appear INVICTUS ADMISSION TEST
Get Upto 90% Scholarship
For Students going to Class VIII, IX, X, XI & XII
*For Bhoumanagar Branch Only

Invictus Admission Test Date : 30th March, 2025

Scan code to locate the nearest branch

**Call Your Nearest Branch: Bhubaneswar (Bhoumanagar):** 8800852494, 9337870700 **Bhubaneswar (Chandrasekharpur):** 8800874104, 9311734469 **Berhampur:** 8800502470, 9078884998 **Baleswar:** 8800538720, 7008000100 **Cuttack:** 8800849243, 9337355230 **Sambalpur:** 8448693770, 9338170700

**Newly Open - Angul:** 8093083557 **Balangir:** 8093083552 **CDA, Cuttack:** 8093083568 **Jajpur Road:** 9078677290 **Jeypore:** 8093083564 **Khandagiri:** 9938896677 **Rourkela:** 8093083553 **Samantarapur:** 8093083567

CALL (TOLL-FREE): 1800-102-2727

VISIT: aakash.ac.in

Scan the QR Code to Download Aakash App — GET IT ON Google Play

Aakash
Medical | IIT-JEE | Foundations

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବସାୟୀଙ୍କୁ ବଡ଼ ଧରଣର ସଫଳତା ମିଳିପାରେ। ସମାଜସେବା ପାଇଁ ପ୍ରସ୍ତୁତ ରହିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ପରିବାରଲୋକଙ୍କ ସହ ସମୟ ବିତାଇବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ଅର୍ଥ ସଞ୍ଚୟ କରିପାରନ୍ତି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରୁ ଲାଭବାନ ହୋଇପାରନ୍ତି। ଯାନବାହନ କିଣିବା ଯୋଗ ଅଛି। କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ। ଜୀବନ ସୁଖମୟ ହେବ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ। ଅଫିସ୍‌ରମାନେ ନୂତନ ପ୍ରୋଜେକ୍ଟ ଉପରେ ଅଧିକ ଧ୍ୟାନ ଦେବେ। ଗୁରୁଜନଙ୍କ ପରାମର୍ଶ ଅନୁସାରେ କାମ କରନ୍ତୁ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନହାନିର ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଜାଗା ତଥା ଯାନବାହନ କିଣିବା ପାଇଁ ମନ ବଳାଇବେ।

**ବିଛା:** ବୈବାହିକ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** କର୍ମତତ୍ପର ରହିବେ। ବାପାମାଆଙ୍କ ସହଯୋଗ ମିଳିବ। ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୫୭-ମଙ୍ଗଳ ପାଣ୍ଡେ ବାରାକ୍‌ପୁରରେ ଇଂରେଜ ଶାସନ ବିରୋଧରେ ବିଦ୍ରୋହ ଆରମ୍ଭ କଲେ।
- ୧୯୫୪-ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ ଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଏନ୍‌ଟି ରାମାରାଓ ତେଲୁଗୁ ଦେଶମ୍ ପାର୍ଟି ଗଠନ କଲେ।
- ୨୦୦୪- ଆୟରଲ୍ୟାଣ୍ଡ କାର୍ଯ୍ୟସ୍ଥଳରେ ଧୂମପାନକୁ ନିଷିଦ୍ଧ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର ହେଲା।



## 'ସ୍ତ୍ରୀ-୩'ର କାହାଣୀ ଲିକ୍ ଚର୍ଚ୍ଚାରେ ଶ୍ରଦ୍ଧା

ଶ୍ରଦ୍ଧା କପୁର ଓ ରାଜକୁମାର ରାଓଙ୍କ 'ସ୍ତ୍ରୀ' ସିରିଜ୍‌ର ଦୁଇଟି ଯାକ ଫିଲ୍ମ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏବେ ଦର୍ଶକେ ଏହାର ତୃତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ 'ସ୍ତ୍ରୀ ୩'ର କାହାଣୀ ଲିକ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ, ଶ୍ରଦ୍ଧାଙ୍କ ନାଁ ମଧ୍ୟ ଏଥିରେ ସାମ୍ନାକୁ ଆସିଛି। ଏଥିରେ ଶ୍ରଦ୍ଧାଙ୍କ ନାଁ ଗାୟତ୍ରୀ ରଖାଯାଇଛି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। କିଛି ୟୁଜର୍ସ ଏହାକୁ ଗୁଜବ କହୁଥିବାବେଳେ ଆଉ କିଛି ଜଣ ଯଦି ଏହା ସତ ହୋଇଥାଏ, ପରବର୍ତ୍ତୀ ସମୟରେ ନିର୍ମାତା ଏହାର ନାମ ବଦଳାଇ ଦେବେ ବୋଲି କହିଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ସ୍ତ୍ରୀ' ଫିଲ୍ମ ୨୦୧୮ ରେ ଆସିଥିଲା। ଅମର କୌଶିକ୍ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ। ଦିନେଶ ବିଜାନ୍ ଓ ରାଜ୍ ଆଣ୍ଡ ଡିକେ ଏହାର ପ୍ରଯୋଜନା ଦାୟିତ୍ୱରେ ଥିଲେ। ଏହାର ଦ୍ୱିତୀୟ ଫିଲ୍ମ ୨୦୨୪ରେ ଆସିଥିଲା। ଏହି ସିରିଜ୍‌ର ଦୁଇଟି ଯାକ ଫିଲ୍ମ ଭଲ ବିଜିନେସ୍ କରିଥିଲା।


## ପାହାଡ଼ ଦେଖାଇ ଲକ୍ଷ ଲକ୍ଷ ରୋଜଗାର



କଥାରେ ଅଛି, ଟଙ୍କା ଉଡ଼ୁଛି, ଧରିପାରିଲେ ହେଲା। ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ଚୀନ୍‌ର ୨୬ ବର୍ଷୀୟ ଯୁବକ ଶିୟାଓ ଚେନ। ସେ କୌଣସି ଚାକିରି କି ବ୍ୟବସାୟ କରିନାହାନ୍ତି, ସ୍ୱାଧୀନ ଭାବରେ କାର୍ଯ୍ୟକରି ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି। ଚୀନ୍‌ର ପ୍ରସିଦ୍ଧ ତାଇ ପର୍ବତକୁ ଆସୁଥିବା ପର୍ଯ୍ୟଟକଙ୍କୁ ରାସ୍ତା କଢ଼ାଇବା ଚେନ୍‌ଙ୍କ ମୁଖ୍ୟ କାମ। ଏବାବଦରେ ସେ ବାର୍ଷିକ ୩୬ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଯାତ୍ରା ପୂରା କରିବାକୁ ୧୦୦୦ଟି ପାହାଚ ଚଢ଼ିବାକୁ ହୋଇଥାଏ। ବେଳେବେଳେ ଚେନ୍ ପର୍ଯ୍ୟଟକମାନଙ୍କୁ ତାଙ୍କ କାନ୍ଧରେ ବସାଇ ପାହାଡ଼ ପାଖକୁ ନେଇ ଯାଆନ୍ତି। ଏଥିପାଇଁ ସେ ୮୩ ଡଲାର ତଥା ଭାରତୀୟ ମୁଦ୍ରାରେ ୭୦୦୦ଟଙ୍କା ପାରିଶ୍ରମିକ ନିଅନ୍ତି। ଗୋଟିଏ ଦିନରେ ସେ ଦୁଇଥର ପାହାଡ଼ ଚଢ଼ି ମାସକୁ ତିନି ଲକ୍ଷ ଟଙ୍କା ରୋଜଗାର କରନ୍ତି। ତେଣୁ କର୍ପୋରେଟ୍ ଅଫିସ୍ କର୍ମଚାରୀଙ୍କ ଦରମାଠାରୁ ଚେନ୍‌ଙ୍କ ଦରମା ବହୁତ ଅଧିକ। ଏଭଳି ଭାବେ ସେ ବାର୍ଷିକ ୩୬ ଲକ୍ଷ ଟଙ୍କା ଆୟ କରନ୍ତି। ନିଜ କାମକୁ ନେଇ ଚେନ୍ କୁହନ୍ତି, 'ମୁଁ ୨୫ରୁ ୪୦ ବର୍ଷୀୟ ପର୍ଯ୍ୟଟକଙ୍କୁ ପାହାଡ଼ର ଶିଖର ଯାଏଁ ନେଇଯାଏ। ଆଉ ବୟସ୍କ ବ୍ୟକ୍ତିଙ୍କୁ ନିଜ କାନ୍ଧରେ ବସାଇ ନେଇଥାଏ। ଏଥିପାଇଁ ଲୋକେ ମୋତେ ଭଲ ପାରିଶ୍ରମିକ ଦିଅନ୍ତି।' ଏଠାକୁ ଆସୁଥିବା ପର୍ଯ୍ୟଟକ ପ୍ରଥମେ ଚେନ୍‌ଙ୍କୁ ଖୋଜନ୍ତି। ନିଜ ବୃତ୍ତିକୁ ଆଗକୁ ନେବା ତଥା ପର୍ଯ୍ୟଟକଙ୍କୁ ସମସ୍ତ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଚେନ୍ ଏବେ ଲୋକ ରଖିଛନ୍ତି। ରିଲ୍ସ ଦୁନିଆରେ ମଧ୍ୟ ଚେନ୍ ବେଶ୍ ଲୋକପ୍ରିୟ। ସେ ନିଜ କାମ ସମ୍ବନ୍ଧୀୟ ଭିଡିଓକୁ ପ୍ରାୟତଃ ସାମାଜିକ ଗଣମାଧ୍ୟମରେ ସେୟାର କରୁଥାନ୍ତି। ଲୋକେ ମଧ୍ୟ ଚେନ୍‌ଙ୍କ ଭିଡିଓକୁ ଦେଖିବାକୁ ପସନ୍ଦ କରନ୍ତି। ସୂଚନା ଥାଉ କି, ତାଇ ପର୍ବତକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିଛି।

## ଏଆଇ ଚାଟ୍‌ବଟ୍ ଏକାକୀତ୍ୱ

ଏବେ ସ୍କୁଲ, କଲେଜଠାରୁ ଆରମ୍ଭ କରି ହସ୍‌ପିଟାଲ ପର୍ଯ୍ୟନ୍ତ ଏଆଇ ଚାଟ୍‌ବଟ୍‌ର ଉପଯୋଗ ହେଉଛି। କମ୍ ସମୟ ମଧ୍ୟରେ ଏହା ଲୋକଙ୍କ କାମକୁ ସହଜ ଓ ସରଳ କରିପାରୁଛି। ତେବେ ଏହାର ମାତ୍ରାଧିକ ବ୍ୟବହାର ବିପଜ୍ଜନକ ବୋଲି କୁହାଯାଉଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି, ଏଆଇ ଚାଟବଟ୍‌ର ଅଧିକ ବ୍ୟବହାର ଯୋଗୁଁ ଏକାକୀତ୍ୱ ବୃଦ୍ଧି ପାଉଛି। କେବଳ ସେତିକି ନୁହେଁ, ଲୋକଙ୍କର ସାମାଜିକ ମିଳାମିଶା ଓ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା ଅଭ୍ୟାସ ହ୍ରାସ ପାଉଛି। ତେବେ ଓପନ୍ ଏଆଇ ଏବଂ ଏମ୍‌ଆଇଟିର ଗବେଷଣାରୁ ଏହି କଥା ସାମ୍ନାକୁ ଆସିଛି। ଚାଟ୍‌ଜିପିଟି ସହିତ ନିତିଦିନ ଅଧିକ ସମୟ ଅତିବାହିତ କରୁଥିବା ଲୋକେ ଭାବନାତ୍ମକ ଭାବେ ଅଲଗା ହୋଇଥାନ୍ତି। ଏଭଳି ଲୋକ ଅନ୍ୟମାନଙ୍କ ସହିତ ମିଳାମିଶା କମ୍ କରନ୍ତି। ଫଳରେ ସେମାନେ ଏକଲାପଣର ଶିକାର ହୁଅନ୍ତି। ଏହି କାରଣ ଯୋଗୁଁ ଅନ୍ୟ ଲୋକଙ୍କ ସହ ମିଶିବାରେ ସେମାନଙ୍କଠାରେ ସମସ୍ୟା ବୃଦ୍ଧି ପାଏ। ଅଧ୍ୟୟନରୁ ଏକଥା ସାମ୍ନାକୁ ଆସିଛି ଯେ, ଅଧିକ ସାମାଜିକ ମିଳାମିଶାରେ ରହୁଥିବା ଲୋକେ ଭାବାନାତ୍ମକ ସ୍ତରରେ ବେଶ୍ ଦୃଢ଼ ହୋଇଥାନ୍ତି। ହେଲେ ଚାଟ୍‌ବଟ୍ ଉପରେ ଅଧିକ ଭରସା





କରୁଥିବା ଲୋକ ତୁଳନାତ୍ମକ ଭାବେ ଅଧିକ ଏକାକୀତ୍ୱ ଓ ଅସହାୟ ଅନୁଭବ କରନ୍ତି। ସେହିପରି ପୂର୍ବରୁ ଦୀର୍ଘ ସମୟ ହେବ ଗବେଷକମାନେ ଏଆଇ ଚାଟ୍‌ବଟ୍ ଯୋଗୁଁ ମଣିଷଠାରେ ଦେଖାଦେଉଥିବା ପରିବର୍ତ୍ତନ ଉପରେ ଗବେଷଣା କରି ଆସୁଛନ୍ତି। ମାନସିକ ରୋଗ ଓ ଏକାକୀତ୍ୱକୁ ସାମ୍ନା କରୁଥିବା ଯୁବପିଢ଼ିଙ୍କଠାରେ ଏଆଇ ଚାଟ୍‌ବଟ୍‌ର ବଢ଼ୁଥିବା ବ୍ୟବହାରକୁ ଦେଖି କିଛି ଗବେଷକ ଚିନ୍ତାପ୍ରକଟ କରିଛନ୍ତି। ତେବେ ନୂତନ ଗବେଷଣା ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଗବେଷକମାନେ କହିଛନ୍ତି। ତା'ସହିତ ଏହା ମଣିଷଙ୍କ ବ୍ୟବହାର ଉପରେ କିଭଳି ପ୍ରଭାବ ପକାଉଛି, ସେକଥା ଜାଣିବା ପାଇଁ ଚେଷ୍ଟା କରାଯାଉଛି। ଅବଶ୍ୟ ଏଆଇର ବ୍ୟବହାର ମଜାଦାର ହେଲେ ବି ଏହାର ଅନ୍ୟ ଦିଗକୁ ଅଣଦେଖା କରିବା ଅନୁଚିତ ବୋଲି ଗବେଷକମାନେ କହିଛନ୍ତି।

# ସୁମନ

### ସକାଳ ଶିଶୁ କୁଇଜ୍-୧୫୭

(୧) ଭାରତ ମହାସାଗରର ଗଭୀରତମ ଅଞ୍ଚଳର ନାମ କ'ଣ?
ଉତ୍ତର : ____________

(୨) ରମଣ ରଶ୍ମିର ଆବିଷ୍କାର କିଏ କରିଥିଲେ?
ଉତ୍ତର : ____________

(୩) 'ଟୀକା ଗୋବିନ୍ଦଚନ୍ଦ୍ର' କିଏ ରଚନା କରିଛନ୍ତି?
ଉତ୍ତର : ____________

(୪) ସାବରମତୀ ଆଶ୍ରମ ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର : ____________

(୫) କାହାକୁ ୟୁରୋପର ଫଳ ବଗିଚା କୁହାଯାଏ?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ
- ସଞ୍ଜୟ କୁମାର ମାଝୀ, ନବରଙ୍ଗପୁର
- ଦେବାଶିଷ କର, ଆଙ୍କପଦା, ଭଦ୍ରକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### ଉତ୍କଳ ଦିବସ

ଛୁଟି ଦିନେ ଆଜି କୁଆଡ଼େ ଯାଉଛୁ
ଜେଜେ ପଚାରିଲେ ମାମାକୁ,
ସଜବାଜ ହୋଇ କୁଆଡ଼େ ଯାଉଛୁ
ପିନ୍ଧି ତୋର ନୂଆ ଜାମାକୁ।
ହସିହସି ମାମା କହିଲା ଜେଜେଙ୍କୁ
ଜାଣିନ କି ଆଜି କଅଣ,
ପ୍ରତ୍ୟେକ ଓଡ଼ିଆ ଆଜି ଦିନଟିକୁ
କରୁଛନ୍ତି ପରା ସ୍ମରଣ।
ଉଣେଇଶ ସହ ଛତିଶ ମସିହା
ଅପ୍ରେଲ ପହିଲା ଦିନରୁ
ସ୍ୱତନ୍ତ୍ର ପ୍ରଦେଶ ହୋଇଲା ଓଡ଼ିଶା
ଭୁଲି ଗଲଣିକି ମନରୁ।
ସେହିଦିନ ଠାରୁ ଅପ୍ରେଲ ପହିଲା
ପାଳନ କରୁଛି ଓଡ଼ିଶା,
ଚାରିଆଡ଼େ ସଭା ସମିତି କରନ୍ତି
ଭାଇ, ବନ୍ଧୁ, ସାହି ପଡ଼ିଶା।
ଆମ ଓଡ଼ିଶାର ପୂର୍ବ ନାମ ଥିଲା
ଉଡ୍ର, କଳିଙ୍ଗ, ଉତ୍କଳ
ବୀରଜାତି ଭାବେ ପରିଚିତ ଥିଲା
ଜାଣିଛନ୍ତି ପରା ସକଳ।
ମଧୁ, ଗୋପବନ୍ଧୁ, ଫକିରମୋହନ
କୃଷ୍ଣଚନ୍ଦ୍ରଗଜପତି
ସ୍ୱତନ୍ତ୍ର ଉତ୍କଳ ଗଢ଼ିଛନ୍ତି ବୋଲି
ମନେପଡ଼େ ତାଙ୍କ ସ୍ମୃତି।
ସେଥିପାଇଁ ଆମେ ଯାଉଛୁ ଆଜି
ହାତେ ଧରି ଫୁଲ, ଚନ୍ଦନ,
ପାଳନ କରିବୁ ଉତ୍କଳ ଦିବସ
ଏକ ସ୍ୱରେ ଦେଇ ସ୍ଲୋଗାନ। ■



ତପନ କୁମାର ସ୍ୱାଇଁ
ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ - ୯୦୪୦୦୩୩୩୯୦

### ଉତ୍କଳ ଦିବସ

ଏପ୍ରିଲ ମାସ ଏକ ତାରିଖ
ଉତ୍କଳର ଜନ୍ମଦିନ
ବନ୍ଦେ ଉତ୍କଳ ଜନନୀ ଗୀତ
ସର୍ବେ କରିବେ ଗାନ।
ସେଦିନ ପରା ଆମ ଓଡ଼ିଶା
ସ୍ୱତନ୍ତ୍ର ରାଜ୍ୟ ହୋଇ
ଇତିହାସରେ ଟେକ ରଖିଲା
ଉତ୍କଳ ନାମ ନେଇ।
ବୀର ସନ୍ତାନ ଏକାଠି ହୋଇ
କଲେ ମହତ କାମ
ଗୋପବନ୍ଧୁ ଓ ମଧୁବାବୁଙ୍କ
ସଫଳ ହେଲା ସ୍ୱପ୍ନ।
ଆମରି ଭାଷା ଆମ ସାହିତ୍ୟ
ଦେଶେ ପାଇଲା ମାନ
ଶାସ୍ତ୍ରୀୟ ଭାଷା ସୂଚୀରେ ସିଏ
ପାଇଲା ଷଷ୍ଠ ସ୍ଥାନ।
ସେହି ମହାନ ଦିନକୁ ଆମେ
ପାଳୁଛୁ ପ୍ରତି ବର୍ଷ
ଧନୀ ଦରିଦ୍ର ସଭିଏଁ ପାଳୁ
ମୁଖେ ଫୁଟେଇ ହସ।
ସେ ଶୁଭ ଦିନେ ଆସ ସଭିଏଁ
ହୋଇବା ଏକ ମେଳ
ମାତୃଭୂମିର ବିକାଶ ପାଇଁ
କରିବେ ହୃଦେ ପଣ। ■




ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଜୀବେଦୟା ପରମ ଧର୍ମ




ଶିବ ପ୍ରସାଦ ରାଉତ



ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସମୟର ଘଟଣାଟି। ଆରାଧନା ପାତ୍ର ତୃତୀୟ ଶ୍ରେଣୀର ପଢୁଥିବା କୁନି ଝିଅଟିଏ। ମଧ୍ୟାହ୍ନରେ ସବୁଦିନ ବିଦ୍ୟାଳୟରେ ଖାଇଲାବେଳେ ତା' ନଜର ପଡ଼େ ସେଇ ପାଖରେ ବୁଲୁଥିବା କୁକୁରଟି ଉପରେ। ଏଣୁ ଆରାଧନା ବଳକା ଖାଦ୍ୟକୁ ସେଇ କୁକୁରକୁ ଦିଏ। ଏମିତି କୁକୁରଟି କେତେଥର ଆରାଧନା ଠାରୁ ଖାଦ୍ୟ ପାଇଲା ପରେ ସବୁଦିନ ତାକୁ ଚାହିଁ ରହିଥାଏ। ଅଳ୍ପ, ବେଶୀ ଯାହା ପାଇଲେ ବି କୁକୁରଟି କୃତକୃତ୍ୟ ହୁଏ। ଆରାଧନା ମଧ୍ୟ ସେ କୁକୁରକୁ ଗଣ୍ଡାଏ ନ ଦେଲେ ଖୁସି ହୁଏ ନାହିଁ। ଏମିତି କୁକୁର ଓ ଆରାଧନା ମଧ୍ୟରେ ଏକ ସ୍ନେହର ସଂପର୍କ ଗଢ଼ି ଉଠିଥାଏ। ରବିବାର ଓ ଅନ୍ୟାନ୍ୟ ଛୁଟିଦିନରେ କୁକୁରଟି କ'ଣ ଖାଏ କେଜାଣି? ଆରାଧନା ମନ ତେଣେ ଘର ପାଖରେ ଗୁଡ଼େଇ ହୁଏ। ସବୁଦିନ ପରି ସେଦିନ ମଧ୍ୟ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ଆରାଧନା ଥାଳିଟି ନେଇ ବିଦ୍ୟାଳୟ ପାଖ ଯାଇଛି, ଆଡ଼ିରେ ଯାହା ଭାତ ଥିଲା ସେ କୁକୁରକୁ ଦେଇଛି। କେହି ପୋଖରୀ ପାଖରେ ନ ଥିଲା ବେଳେ ଥାଳି ଧୋଉଧୋଉ ଗୋଡ଼ ଖସିଯାଇ ପାଣିରେ ପଡ଼ିଯାଇଛି ଆରାଧନା। ଗଭୀର ପୋଖରୀ, ଉଠି ନ ପାରି ସେ ଖାଲି ବୁଡ଼ୁଛି ଉଠିବାକୁ ଚେଷ୍ଟା କରୁଛି। ମାତ୍ର ଆସିପାରୁନି କି ପାଟିରେ ପାଣି ପଶି ଡାକି ପାରୁନି। ମାତ୍ର ଦାନା ଖାଉଥିବା କୁକୁରଟି ଏ ଘଟଣା ଦେଖି ଖୁବ୍ ଜୋରରେ ଭୁକୁଛି। ଅନ୍ୟ ପିଲେ କୁକୁରକୁ ଦୂରରୁ ଦେଖୁଛନ୍ତି ସିନା, ଆରାଧନାକୁ ଦେଖି ପାରୁ ନ ଥାନ୍ତି। ମାତ୍ର କୁକୁରଟି ଏଥର ଭୁକି ଭୁକି ପାଣିରେ ପଡ଼ିଥିବା ଆରାଧନା ପାଖକୁ ଡିଆଁ ମାରିଦେଲା। କୁକୁର ମଧ୍ୟ ବୁଡ଼ୁଛି, ଉଠୁଛି। ପିଲାଏ କୁକୁର ପାଣିରେ ପଡ଼ିଗଲା ବୋଲି ପୋଖରୀ ପାଖକୁ ଧାଇଁ ଆସି ଆରାଧନାକୁ ପାଣିରେ ବୁଡ଼ି ଯାଉଥିବାର ଦେଖି ଡାକ ପକାଇଲେ। ଗୁରୁଜୀ ଓ ପିଲାମାନେ ଆରାଧନା ଓ ସେ କୁକୁରଟିକୁ ଉଦ୍ଧାର କଲେ। ସମସ୍ତେ ଆଶ୍ଚର୍ଯ୍ୟ ହେଲେ କୁକୁରଟିର ଏପରି କାର୍ଯ୍ୟ ଦେଖି। ବୁଝିଲ ପିଲେ, ଯିଏ ଲୁଣ ଖାଇଥାଏ, ସେ ଗୁଣ ଗାଇଥାଏ। ସବୁବେଳେ ସବୁ ଜୀବଙ୍କୁ ଦୟା ଦେଖାଇବା ଉଚିତ। ଫଳରେ ଜୀବେଦୟା ପରମଧର୍ମର ସାର୍ଥକତା ପ୍ରତିପାଦନ ହେବ। ■

ବଛଦା, ଜଗନ୍ନାଥପୁର, ଭଦ୍ରକ
ମୋ- ୯୪୩୭୭୯୬୬୨୧

### ରଙ୍ଗ ଆଉ ତୁଳି
















**ଶ୍ରୀୟାଦିତା ରାୟ**
ଚତୁର୍ଥ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା



**ମିହିକା ଶାହ**
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର




**ରିତିକରାଜ ବାରିକ**
ଷଷ୍ଠ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା



**ଆର୍ଯ୍ୟନ ଦାସ**
ସପ୍ତମ ଶ୍ରେଣୀ
ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍
ଭୁବନେଶ୍ୱର

## ପ୍ରହେଳିକା

- ଏମିତି ଅଟଇ ରାଜ୍ୟଟେ ସିଏ
ଭାଷା ଭିତ୍ତିରେ ଯେ ଗଠିତ ହୁଏ
୧୯୩୬ ଯେ ମସିହା ଥିଲା
ଏପ୍ରିଲ୍ ଏକରେ ଗଠିତ ହେଲା
ଦେଶରେ ବଢ଼ିଲା ତାହାରି ମାନ
ମିଳିଲା ତାହାକୁ ସ୍ୱତନ୍ତ୍ର ସ୍ଥାନ
ନଦନଦୀ ଭରା ରାଜ୍ୟଟି ସିଏ
ନାମଟି ତାହାର କହିବ କିଏ?
ଉ- ଓଡ଼ିଶା



- ଏପ୍ରିଲ ମାସର ଏକ ତାରିଖ
ହଟି ଯାଇଥିଲା ଓଡ଼ିଆ ଦୁଃଖ
ଓଡ଼ିଶା ରାଜ୍ୟର ଜନମ ଦିନ
ପାଳୁଛନ୍ତି ତାକୁ ଓଡ଼ିଆ ଜନ
ଗର୍ବ ଓ ଗୌରବର ଦିବସଟିଏ
ନାମଟି ତାହାର କହିବ କିଏ?
ଉ-ଉତ୍କଳ ଦିବସ

- ରାଜଧାନୀ ଅଟେ ରାଜ୍ୟର ସିଏ
ସ୍ମାର୍ଟ ସହର ହୋଇଛି ଯିଏ
ସବୁଜ ଶ୍ୟାମଳ ଭାରି ସୁନ୍ଦର
ମନ୍ଦିର ମାଳିନୀ ନାମଟେ ତା'ର
ଚାଲେ ଭୁବନକୁ ସାଥିରେ ନେଇ
କିଏ ସେ ପାରିବ ତା' ନାମ କହି?
ଉ-ଭୁବନେଶ୍ୱର

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫



ଇଣ୍ଡିଆନ୍ ଗ୍ରାଁ ପ୍ରିରେ ପ୍ରଜ୍ଞାଙ୍କୁ ରୌପ୍ୟ

▸ପୃଷ୍ଠା ୧୪ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-270 ◆BHUBANESWAR ◆SATURDAY ◆29 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୭୦ ◆ଭୁବନେଶ୍ୱର ◆ଶନିବାର ◆୨୯ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

**ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ**

**ରାଜକୋଷ ଉପରେ ବାର୍ଷିକ ୬୬୧୪.୦୪ କୋଟିର ବୋଝ**

■ **ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଆଜି କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍‌ସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତା(ଡିଆର୍)ରେ ୨ ପ୍ରତିଶତ ବୃଦ୍ଧି ଘଟାଇଛନ୍ତି। ଏହି ବୃଦ୍ଧି ୨୦୨୫ ଜାନୁଆରୀ ପହିଲାଠାରୁ ପିଛିଲା ଭାବେ ଲାଗୁ ହେବ। ତେବେ ଗତ ୭ ବର୍ଷ ମଧ୍ୟରେ କେନ୍ଦ୍ରୀୟ କର୍ମଚାରୀଙ୍କ ଡିଏରେ ଏହା ସର୍ବନିମ୍ନ ବୃଦ୍ଧି ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ବର୍ତ୍ତମାନର ୫୩ ପ୍ରତିଶତ ମୂଳ ବେତନ/ପେନସନ ଉପରେ ୨ ପ୍ରତିଶତ ବୃଦ୍ଧି କରାଯାଇଛି, ଯାହାଦ୍ୱାରା ମହଙ୍ଗା ଦର ଭରଣା କରାଯାଇପାରିବ। ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟରେ ବୃଦ୍ଧି ଫଳରେ ସରକାରୀ ରାଜକୋଷ ଉପରେ ବାର୍ଷିକ ୬୬୧୪.୦୪ କୋଟି ଟଙ୍କାର ବୋଝ ପଡ଼ିବ। ଏହାଦ୍ୱାରା ପ୍ରାୟ ୪୮.୬୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୬.୫୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହି ବୃଦ୍ଧି ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗର ସୁପାରିସ ଆଧାରରେ ମଞ୍ଜୁର ଫର୍ମୁଲା ଆଧାରରେ କରାଯାଇଛି। ଶିଳ୍ପ ଶ୍ରମିକଙ୍କ ▸ପୃଷ୍ଠା-୭

## ମେ ୧୫ରେ ପ୍ରକାଶ ପାଇବ +୨ ପରୀକ୍ଷା ଫଳ

**ମୂଲ୍ୟାଙ୍କନରେ ୮ ହଜାର ଶିକ୍ଷକ**

**ସାଧାରଣ ପରୀକ୍ଷାର୍ଥୀଙ୍କ ସହ ପ୍ରକାଶ ପାଇବ ମାଲ୍‌ପ୍ରାକ୍ଟିସ ଛାତ୍ରଛାତ୍ରୀଙ୍କ ଫଳ**

■ **ଭୁବନେଶ୍ୱର, ୨୮।୩ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା-୨୦୨୫ ଶେଷ ହୋଇଛି। ଆସନ୍ତା ୨ ତାରିଖରୁ ପରୀକ୍ଷା ଖାତାର ମୂଲ୍ୟାଙ୍କନ ଆରମ୍ଭ ହେବ। ମୂଲ୍ୟାଙ୍କନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଖାତା ଦେଖୁଥିବା ଶିକ୍ଷକଙ୍କ ଉପରେ ପରିଷଦ କଡ଼ା ନଜର ରଖିଛି। ଆସନ୍ତା ମେ" ୧୫ ତାରିଖ ସୁଦ୍ଧା ସଠିକ ସମୟରେ ପରୀକ୍ଷାଫଳ ବାହାରିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଚ ମାଧ୍ୟମିକ ପରିଷଦ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ରାଜ୍ୟରେ ଚଳିତବର୍ଷ ୩ ଲକ୍ଷ ୯୩ ହଜାର ୬୧୮ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ମୂଲ୍ୟାଙ୍କନ ପାଇଁ ନିଯୁକ୍ତ ହୋଇଛନ୍ତି। ଅତ୍ୟଧିକ ଖରା ଯୋଗୁଁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଖାତା ଦେଖିବାକୁ ଆସୁନାହାନ୍ତି। ତେଣୁ ଫଳପ୍ରକାଶରେ ବିଳମ୍ବକୁ ରୋକିବା ପାଇଁ ମୂଲ୍ୟାଙ୍କନ କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯାଇଛି। ପରୀକ୍ଷକଙ୍କ ସୁବିଧା ଦୃଷ୍ଟିରୁ ସେମାନଙ୍କୁ ନିଜ ଜିଲ୍ଲାରେ ହୋଇଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଉଛି। ୩୫, ୪୦ ଓ ୫୦ ▸ପୃଷ୍ଠା-୭



# ଭୂକମ୍ପ: ଦୋହଲିଗଲା ମ୍ୟାଁମାର୍

## ୧୫୦ରୁ ଅଧିକ ମୃତ; ଶତାଧିକ ନିଖୋଜ

**ଥାଇଲାଣ୍ଡ ଛାରଖାର**

■ **ନାପିତ୍ୟ, ୨୮।୩ (ଏଜେନ୍ସି):** ଏକ ଶକ୍ତିଶାଳୀ ଭୂକମ୍ପ ଝଟ୍‌କାରେ ଦୋହଲିଯାଇଛି ମ୍ୟାଁମାର୍, ଥାଇଲାଣ୍ଡ। ୭.୭ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପର ପ୍ରଭାବ ଏତେ ଭୟଙ୍କର ଥିଲା ଯେ, ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ତାସ୍ ଘର ପରି ନିମିଷକ ମଧ୍ୟରେ ଭୁଶୁଡ଼ି ପଡ଼ିଥିଲା। ଚାହୁଁଚାହୁଁ ରାଜରାସ୍ତା ବିଦୀର୍ଣ୍ଣ ହୋଇ ସୃଷ୍ଟି ହୋଇଥିଲା ପାତାଳଛୁଆଁ ଫାଟ। ସାଗାଇଙ୍ଗର ଇରାୱାଡି ନଦୀରେ ଥିବା ମ୍ୟାଁମାର୍‌ର ଦ୍ୱିତୀୟ ବୃହତ୍ତମ ପୋଲଟି ଭୁଶୁଡି ପଡ଼ିଥିଲା। ଏହି ଭୂକମ୍ପରେ ଅନେକ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି। ବିଭିନ୍ନ ସ୍ଥାନରେ ଭଗ୍ନାବଶେଷ ତଳେ ବହୁ ସଂଖ୍ୟାରେ ଲୋକ ଫସି ରହିଥିବାର ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳୁ ଧନଜୀବନ ଖୋଜୁଛନ୍ତି। ବିପର୍ଯ୍ୟୟକୁ ଦେଖି ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଦେଶରେ ଜରୁରିକାଳୀନ ସ୍ଥିତି ଜାରି କରିଛନ୍ତି।

**ତୀବ୍ରତା ୭.୭**




- **ତାସ୍ ଘର ପରି ଭୁଶୁଡ଼ିଲା ନଭଶ୍ଚୁମ୍ବୀ ଅଟ୍ଟାଳିକା**
- **ଜାତୀୟ ରାଜପଥରେ ପାତାଳଛୁଆଁ ଫାଟ**
- **ଥାଇଲାଣ୍ଡରେ ୧୫ ମୃତ; ଅନେକ ନିଖୋଜ**
- **୩୦ ମହଲା କୋଠା ଭୁଶୁଡ଼ି ୮୦ ନିଖୋଜ**
- **ମ୍ୟାଁମାର ଓ ଥାଇଲାଣ୍ଡରେ ଜରୁରିକାଳୀନ ସ୍ଥିତି**
- **ଭାରତ ସମେତ ୫ ଦେଶରେ ଝଟ୍‌କା ଅନୁଭୂତ**
- **ସହାୟତା ପାଇଁ ଭାରତ ପ୍ରସ୍ତୁତ: ମୋଦୀ**

ମ୍ୟାଁମାର୍‌ର ମୋନ୍ୟା ସହରରୁ ୫୦ କିମି ଦୂରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୧୦ରୁ ୩୦ କିମି ତଳେ ସୃଷ୍ଟି ହୋଇଥିବା ଏହି ଭୂକମ୍ପର ଝଟ୍‌କା ଭାରତ, ଥାଇଲାଣ୍ଡ, ଭିଏତନାମ, ବାଂଲାଦେଶ, ଚୀନ୍‌ରେ ମଧ୍ୟ ଅନୁଭୂତ ହୋଇଛି। ଶୁକ୍ରବାର ସକାଳ ୧୧ଟା ୫୦ରେ ହୋଇଥିବା ଭୂକମ୍ପ ୧୨ ମିନିଟ ମଧ୍ୟରେ ଛଅ ଥର ଅନୁଭୂତ ହେବାସହ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବହୁ ଧନଜୀବନ ହାନୀ ହେବାସହ ଅନେକ ▸ପୃଷ୍ଠା-୭

## ରାଜ୍ୟ ଯୋଜନା ବୋର୍ଡ ପଙ୍ଗୁ

### ୮ ମାସ ପରେ ବି ନିର୍ଦ୍ଧାରଣ ହୋଇପାରୁନି ମାର୍ଗଦର୍ଶିକା

■ **ଭୁବନେଶ୍ୱର, ୨୮।୩ (ସମିସ):** ୮ ମାସ ହେଲା ଭଙ୍ଗ ହେଲାଣି ରାଜ୍ୟ ଯୋଜନା ବୋର୍ଡ; ମାତ୍ର ଏଯାଏ ଏହାର ପୁନର୍ଗଠନ ନିମନ୍ତେ ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ମଧ୍ୟ ନିଯୁକ୍ତି କରାଯାଇ ନାହିଁ। ଫଳରେ ରାଜ୍ୟ ବିକାଶର ନକ୍ସା ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନରେ ପ୍ରମୁଖ ଭୂମିକା ନିଭାଉଥିବା ରାଜ୍ୟ ଯୋଜନା ବୋର୍ଡ ଏବେ ଏକପ୍ରକାର ପଙ୍ଗୁ ପାଲଟି ଯାଇଛି।

ଯୋଜନା ପ୍ରଣୟନ, ତାହାର ମୂଲ୍ୟାୟନ ଓ ରୂପାୟନ, କାର୍ଯ୍ୟକାରିତା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ରାଜ୍ୟ ଯୋଜନା ବୋର୍ଡର ଦାୟିତ୍ୱ। ଏଥିସହ ବୋର୍ଡ, ରାଜ୍ୟର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଓ ଉନ୍ନୟନ ପାଇଁ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ପଞ୍ଚବାର୍ଷିକ ତଥା ବାର୍ଷିକ ଯୋଜନା ପ୍ରଣୟନ ପାଇଁ ଦୀର୍ଘ ମିଆଦ, ସ୍ୱଳ୍ପ ମିଆଦ ନୀତି ମାର୍ଗଦର୍ଶିକା ପ୍ରଦାନ କରିଥାଏ। ମାତ୍ର ଏହାକୁ ନିଷ୍କ୍ରିୟ କରି ରଖାଯିବା ଦ୍ୱାରା ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ବାଧାପ୍ରାପ୍ତ ହୋଇଛି। ଏହା ସତ୍ତ୍ୱେ ଯୋଜନା ବୋର୍ଡ ପୁନର୍ଗଠନ ନେଇ ସରକାରଙ୍କ ପକ୍ଷରୁ ସେପରି କିଛି

**ଜୁଲାଇ ମାସରେ ଭଙ୍ଗ କରିଥିଲେ ନୂଆ ସରକାର**

ତତ୍ପରତା ପ୍ରକାଶ ପାଇନାହିଁ। ଏପରିକି ସରକାର ଏ ସଂକ୍ରାନ୍ତରେ ବିଶେଷଜ୍ଞମାନଙ୍କ ସହ ବିଚାରବିମର୍ଶ ଜାରି ରଖିଛନ୍ତି ବୋଲି କୁହାଯାଉଛି। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହାକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି। ଯୋଜନାବୋର୍ଡର୍ ପୁନର୍ଗଠନ ସଂକ୍ରାନ୍ତରେ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ଯୋଜନା ବୋର୍ଡ କେବେ ପୁନର୍ଗଠନ ହେବ ତାହା ନିର୍ଦ୍ଧାରଣ ହୋଇନାହିଁ ବୋଲି ଉତ୍ତର ରଖିଛନ୍ତି। ସେ କହିଛନ୍ତି ଯେ ବୋର୍ଡର ବୈଠକ କେତେ ଅବଧି ମଧ୍ୟରେ ଅନୁଷ୍ଠିତ ହେବ ସେ ସମ୍ପର୍କରେ କୌଣସି ନିର୍ଦ୍ଦେଶନାମା ଆସି ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ରାଜ୍ୟରେ ନୂଆ ସରକାର ଆସିବାର ମାସକ ପରେ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ରାଜ୍ୟ ଯୋଜନା ବୋର୍ଡକୁ ଭଙ୍ଗ କରିଥିଲେ। ଏହା ସହିତ ଖୁବ୍ ଶୀଘ୍ର ଏହାର ପୁନର୍ଗଠନ ହେବ ବୋଲି ମଧ୍ୟ ଶାସକ ଦଳ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଅଦ୍ୟାବଧି ସେ ସମ୍ପର୍କିତ ଆଲୋଚନା ଶେଷ ହୋଇନାହିଁ କିମ୍ବା ମାର୍ଗଦର୍ଶିକା ଜାରି ହୋଇନାହିଁ। ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀର ମାନ୍ୟତା ମିଳିଥାଏ ଓ ସାଧାରଣତଃ ସରକାରଙ୍କ ବିଶ୍ୱସ୍ତ ▸ପୃଷ୍ଠା-୭

## ପ୍ରଦୀପ ଜେନା ଓଇଆରସି ଅଧ୍ୟକ୍ଷ

■ **ଭୁବନେଶ୍ୱର, ୨୮।୩ (ସମିସ):** ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ରାଜ୍ୟ ସରକାର ଶୁକ୍ରବାର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶୁକ୍ରବାର ଏ ନେଇ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୬୫ ବର୍ଷ ହେବା ଯାଏ କିମ୍ବା ୫ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ। ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ଜେନା ୨୦୨୩ ମାର୍ଚ୍ଚ ୧ରୁ ଜୁନ୍ ୩୦, ୨୦୨୪ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ। ମୁଖ୍ୟ ସଚିବ ପଦରେ ଯୋଗଦେବା ପୂର୍ବରୁ ଅତିରିକ୍ତ ମୁଖ୍ୟ ସଚିବ ତଥା ଉନ୍ନୟନ କମିଶନର ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ୧୯୯୧ ମସିହାରେ ଧର୍ମଗଡ଼ ସବ୍-କଲେକ୍ଟର ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଶ୍ରୀ ଜେନା ପୁରୀ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ, ସ୍ୱତନ୍ତ୍ର ରିଲିଫ୍ କମିଶନର୍, କୃଷି ଉତ୍ପାଦନ କମିଶନର, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ ବିଭାଗର ସଚିବ ପଦରେ କାର୍ଯ୍ୟ କରିଛନ୍ତି। ଦୀର୍ଘ ୬ ବର୍ଷ ଧରି ଶକ୍ତି ବିଭାଗର ସଚିବ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି।

## ମାର୍ଚ୍ଚରେ ରେକର୍ଡ ତାତି

### ଝାରସୁଗୁଡ଼ାରେ ୪୩, ରାଜଧାନୀରେ ୪୦.୨



**୧୮ ସହର ତାପମାତ୍ରା ୪୦ ଡିଗ୍ରୀ ଉପରେ**

**୩ ଦିନ ପ୍ରଚଣ୍ଡ ଖରା, ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

■ **ଭୁବନେଶ୍ୱର,୨୮।୩ (ସମିସ):** ଆଜିଠୁ ସାରା ରାଜ୍ୟରେ ତାତି ବଢ଼ିଛି। କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ଗତ କିଛି ଦିନ ଧରି ରାଜ୍ୟରେ କମ୍ ତାତି ଅନୁଭୂତ ହେଉଥିବାବେଳେ ଆଜିଠାରୁ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ୪୦ଡିଗ୍ରୀ ଉପରେ ରହିଛି। ଚଳିତ ବର୍ଷ ପ୍ରଥମ ଥର ରାଜଧାନୀରେ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସ୍ଥାନରେ ବି ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ଝାରସୁଗୁଡାରେ ତାପମାତ୍ରା ୪୩ ଡ଼ିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁର ୪୧.୬, ହୀରାକୁଦ ୪୧.୨ , ରାଉରକେଲା ୪୦.୪, ଚାନ୍ଦବାଲି ୪୦.୪, ଭୁବନେଶ୍ୱର ୪୦.୨, ବାଲେଶ୍ୱର ୩୯ ଓ କେନ୍ଦୁଝରେ ତାପମାତ୍ରା ୩୮.୧ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ସମ୍ବଲପୁର ଓ ଝାରସୁଗୁଡ଼ାରେ ହିଟ୍ ୱେଭ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡ଼ାରେ ପ୍ରବଳ ଖରାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଆଗାମୀ ୩ ଦିନ ଧରି ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିବ। ଏପ୍ରିଲ୍‌ରୁ ୨ରୁ କାଁଭାଁ ବର୍ଷା ହେବା ସହ ତାପମାତ୍ରା କମିବା ନେଇ ଆଶା କରାଯାଉଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ତିନି ଦିନ ଯାଏଁ ତାତି ଅଧିକ ଅନୁଭୂତ ହେବ। ଏପରିକି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୪ଡିଗ୍ରୀ ଛୁଇଁପାରେ। ଉତ୍ତର, ଦକ୍ଷିଣ ଓ ▸ପୃଷ୍ଠା-୭

## ଅଶାନ୍ତ ରାଉରକେଲା

### ରାତି ଅଧରେ ବୁଲିଲା ଖଣ୍ଡା, ଫୁଟିଲା ଗୁଳି

**ପୂର୍ବ ଶତ୍ରୁତାରୁ ଗୋଡ଼ାଇ ଗୋଡ଼ାଇ ହତ୍ୟା ଉଦ୍ୟମ**




■ **ରାଉରକେଲା, ୨୮।୩ (ସମିସ):** ଅଶାନ୍ତ ହୋଇପଡ଼ିଛି ଦକ୍ଷିଣ ରାଉରକେଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜେଲରୁ ଜାମିନରେ ଆସିଥିବା କିଛି ଯୁବକ ଖଣ୍ଡା, ଭୁଜାଲି ଧରି ଜଣେ ଯୁବକଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରି ବିଫଳ ହେବା ପରେ ଦୁଇ ରାଉଣ୍ଡ ଗୁଳି ଚାଳନା ଘଟଣା ସାଧାରଣରେ ଆତଙ୍କ ସୃଷ୍ଟି କରିଛି। ହେଲେ ଯୁବକଜଣଙ୍କ ଜୀବନ ବିକଳରେ ଏକ ହୋଟେଲ ଭିତରକୁ ପଶି କବାଟ ବନ୍ଦ କରିଦେବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏଭଳି ଆତଙ୍କରାଜ ଗତ ବିଳମ୍ବିତ ରାତିରେ ଜନଗହଳିପୂର୍ଣ୍ଣ ରଘୁନାଥପାଲୀ ଥାନା ଅଧୀନ ଦେଓଗାଁସ୍ଥିତ ସ୍ଲାଗ ଗ୍ରାନୁଲେଟ ପ୍ଲାଣ୍ଟ ସମ୍ମୁଖରେ ଦେଖିବାକୁ ମିଳିଥିଲା।

ସୂଚନାନୁଯାୟୀ, ଟାଙ୍ଗରପାଲ୍ଲୀ ଥାନା ଅଧୀନ ଲାଲଟାଙ୍କି ନିବାସୀ ରବି ମହାନ୍ତିଙ୍କ ପୁଅ ଦିବ୍ୟଜ୍ୟୋତି ମହାନ୍ତିଙ୍କୁ ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ୪ରୁ ୫ଜଣ ସଶସ୍ତ୍ର ଯୁବକ ▸ପୃଷ୍ଠା-୭

**ଭାଗ୍ୟ ବଦଳାଇଦେଲା ଅନ୍‌ଲାଇନ୍ ଗେମ୍**

## ରାତିକରେ ରଙ୍କରୁ ରାଜା

**ତିନି କୋଟି ଓ ଦାମୀ କାର୍ ଜିତିଲେ ଦିନ ମଜୁରିଆ ଗୁରୁଚରଣ**



■ **ଚମ୍ପୁଆ, ୨୮।୩ (ସମିସ):** ଭାଗ୍ୟ ବଦଳାଇଦେଲା ଅନ୍‌ଲାଇନ୍ ଗେମ୍। ରାତାରାତି ପାଲଟିଗଲେ ରଙ୍କରୁ ରାଜା। କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ରେଭେନସାପୁର ଗ୍ରାମର ଦିନମଜୁରିଆ ଗୁରୁଚରଣ ଜମୁଦା (୨୯)ଙ୍କ କ୍ଷେତ୍ରରେ ଏଭଳି ଏକ ଚମତ୍କାର ଘଟଣା ଘଟିଛି। ଅନଲାଇନ୍ ବେଟିଂ ଆପ୍‌ରେ ମାତ୍ର ୪୯ଟଙ୍କା ଲଗାଇ ସେ ୩ କୋଟି ଟଙ୍କା ସହ ଗୋଟିଏ ଦାମୀ ମହିନ୍ଦ୍ରା ଥାର୍ କାର୍ ଜିତିଛନ୍ତି। ଆପ୍‌ର ମ୍ୟାନେଜର୍ ଏ ସଂପର୍କରେ ତାଙ୍କୁ ଫୋନ୍ ଓ ଇ-ମେଲ୍ ଯୋଗେ ସୂଚନା ଦେବା ସହ ଅଭିନନ୍ଦନ ଜଣାଇବା ପରେ ଗୁରୁଚରଣ ଓ ତାଙ୍କ ପରିବାର ଆଖିକୁ ନିଦ ନାହିଁ। ଗାଁରେ ବି ଉତ୍ସବର ମାହୋଲ ଦେଖାଦେଇଛି।

ସୂଚନାନୁଯାୟୀ, ଗୁରୁଚରଣଙ୍କ ପରିବାରରେ ମୋଟ ପାଞ୍ଚ ଭାଇ। ସମସ୍ତେ ବିବାହିତ ଏବଂ ଏକାଠି ରହୁଛନ୍ତି। କାନପୁର ଜଳ ପ୍ରକଳ୍ପ ପାଇଁ ସେମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା। ସେତେବେଳେ କ୍ଷତିପୂରଣ ସ୍ୱରୂପ ତାଙ୍କୁ ମାତ୍ର ୮ରୁ ୯ଲକ୍ଷ ଟଙ୍କା ମିଳିଥିଲା। ଏତିକି ସହାୟତାରେ ଭିଟାମାଟି ଛାଡ଼ି ଅନ୍ୟ ସ୍ଥାନରେ ବସତି ସ୍ଥାପନ କରିବା ତାଙ୍କ ପରିବାର ପାଇଁ କଷ୍ଟକର ଥିଲା। ୫ ଭାଇଯାକ ପାର୍ଶ୍ୱବର୍ତ୍ତୀ ଲୌହ ଖଣିରେ ଦିନମଜୁରି କରି ନିଜ ପରିବାର ଭରଣପୋଷଣ କରୁଥିଲେ। ଦୁର୍ବଳ ଆର୍ଥିକ ଅବସ୍ଥା ପାଇଁ ଗୁରୁଚରଣ ନିଜ ଏକ ଘର କାମ ଅଧାରୁ ବନ୍ଦ କରି ରଖିଥିଲେ। କିନ୍ତୁ ଏକ ଅନ୍‌ଲାଇନ୍ ବେଟିଂ ଆପ୍ ତାଙ୍କ ଭାଗ୍ୟ ପରିବର୍ତ୍ତନ କରିଦେଇଛି। ଗୁରୁଚରଣ ଗତବର୍ଷ ଜୁନ୍‌ରେ ଏହି ବେଟିଂ ଆପ୍ ସହ ଜଡ଼ିତ ହୋଇଥିଲେ। ୟୁଟ୍ୟୁବ୍‌ରେ ସବିଶେଷ ପରିଚାଳନା ତଥ୍ୟ ଶିଖିଥିଲେ। ବର୍ତ୍ତମାନ ଦେଶରେ ଆଇପିଏଲ୍ ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ ଉକ୍ତ ଆପ୍‌ରେ ଜୋରସୋର୍‌ରେ ବେଟିଂ ଚାଲିଥିଲା। ମଙ୍ଗଳବାର ସନ୍ଧ୍ୟାରେ ସେ ଏଥିରେ ୪୯ଟଙ୍କା ଲଗାଇ ଶୋଇ ପଡ଼ିଥିଲେ। ତେବେ ଅଧରାତିରେ ତାଙ୍କ ନିଦ ଭାଙ୍ଗିବା ବେଳକୁ ତାଙ୍କ ୱାଲେଟ୍‌ରେ ୩ କୋଟି ଟଙ୍କା କ୍ରେଡିଟ୍ ହୋଇଥିବା ଦେଖିବାକୁ ପାଇଥିଲେ। କିନ୍ତୁ ଏଥିରେ ଗୁରୁଚରଣଙ୍କ ବିଶ୍ୱାସ ହୋଇନଥିଲା। ନିଜ ବଡ଼ଭାଇଙ୍କୁ ଦେଖାଇବା ପରେ ଯାଇ ଗୁରୁଚରଣଙ୍କୁ ବିଶ୍ୱାସ ହୋଇଥିଲା ଯେ ସେ ୩ କୋଟି ଟଙ୍କା, ମହିନ୍ଦ୍ରା ଥାର୍ କାର୍ ଜିତିଛନ୍ତି। ଏହି ଟଙ୍କାରେ ସେ ଅର୍ଦ୍ଧନିର୍ମିତ ଘର ପୂରା କରିବା ସହ ଅଭାବୀଙ୍କୁ ସାହାଯ୍ୟ କରିବେ ବୋଲି କହିଛନ୍ତି।

## ଡିଜି, ଡିସିପିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

**ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଲେ ସାଂସଦ ସପ୍ତଗିରି**

■ **ଭୁବନେଶ୍ୱର, ୨୮।୩ (ସମିସ):** ଓଡ଼ିଶା ପୁଲିସ ଡିଜି ୱାଇ.ବି.ଖୁରାନିଆ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ବିରୋଧରେ ସଂସଦରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା। ଏ ସଂକ୍ରାନ୍ତରେ ସେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ତାଙ୍କ ଅଭିଯୋଗକୁ ସ୍ୱାଧିକାର କମିଟିକୁ ପଠାଇବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

ଗତ ୨୬ ତାରିଖରେ ସାଂସଦ ସପ୍ତଗିରି ଉଲ୍ଲାକା ଓଡ଼ିଶା ବିଧାନସଭା ମଧ୍ୟକୁ ପ୍ରବେଶ କରିବା ବେଳେ ପୁଲିସ ତାଙ୍କୁ ବଳପୂର୍ବକ ଭାବରେ ରୋକିଥିଲା। ଜଣେ ସାଂସଦ ଭାବରେ ବିଧାନସଭାକୁ ପ୍ରବେଶ ତାଙ୍କ ସାମ୍ବିଧାନିକ ଅଧିକାର ହୋଇଥିଲେ ହେଁ ପୁଲିସ ତାଙ୍କୁ ଭିତରକୁ ଯିବାକୁ ଦେଇ ନ ଥିଲା। ନିଜକୁ ସେ ସାଂସଦ ବୋଲି ପରିଚୟ ଦେଇଥିଲେ ହେଁ ଏହାକୁ ପୁଲିସ ଶୁଣି ନ ଥିଲା, ଅନ୍ୟପକ୍ଷରେ ତାଙ୍କୁ ଭୁବନେଶ୍ୱରସ୍ଥିତ ରିଜର୍ଭ ପୁଲିସ ଅଫିସରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବେଆଇନ ଭାବେ ଅଟକ ରଖିବା ▸ପୃଷ୍ଠା-୭

### କଡ଼ା ସୁରକ୍ଷାରେ ପାଳନ ହେବ ହିନ୍ଦୁ ଜାଗରଣ ପକ୍ଷ

# ଆଜିଠାରୁ ଏପ୍ରିଲ ୧୫ ଯାଏଁ ସହରରେ ପୁଲିସ ଛାଉଣି

ସମ୍ବଲପୁର, ୨୮ ।୩(ସମିସ)

ସମ୍ବଲପୁର ସହରରେ କଡ଼ା ସୁରକ୍ଷାରେ ପାଳନ ହେବ ହିନ୍ଦୁ ନବ ବର୍ଷ, ରାମ ନବମୀ ଓ ହନୁମାନ ଜୟନ୍ତୀ। ଏଥିପାଇଁ ଆସନ୍ତାକାଲି ଶନିବାର ସହରରେ ପହଞ୍ଚିବେ ସିଆର୍‌ପିଏଫ, ଆରଏଫ। ପୁଲିସ ସୁରକ୍ଷା ଛାଉଣୀରେ ରହିବ ସହର।ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇଛି। ଲୋକଙ୍କୁ ସଚେତନ ମଧ୍ୟ କରାଯାଇଛି। ବିଶେଷ ଭାବେ ସୋସିଆଲ ମିଡ଼ିଆ ତଥା ବିଭିନ୍ନ ସ୍ଥାନରେ ନକାରତ୍ମକ ମନ୍ତବ୍ୟକାରୀଙ୍କୁ ଛଡାଯିବନି। ତୁରନ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ବଲପୁର ଏସ୍‌ପି ମୁକେଶ ଭାମୂ କହିଛନ୍ତି। ସମ୍ବଲପୁରରେ ହନୁମାନ ଜୟନ୍ତୀ ଓ ରାମନବମୀ ପାଇଁ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।ରାଜ୍ୟ ପୋଲିସ ସହ କେନ୍ଦ୍ରୀୟ ସାମରିକ ବଳ (ସିଆର୍‌ପିଏଫ୍) ନିୟୋଜିତ ରହିବେ। ଶାନ୍ତି ଭଙ୍ଗ କରିବା ପାଇଁ ଯୋଜନା କରୁଥିବା ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରାଚାଲିଛି। ଅନେକଙ୍କୁ ପୁଲିସ ପକ୍ଷରୁ ସତର୍କ ମଧ୍ୟ କରାଯାଇଛି। ସମ୍ବଲପୁର ହେଉଛି ଭାଇ ଚାରାର ସହର। ତେଣୁ ଏହା ବଜାୟ ରଖିବା ସମସ୍ତଙ୍କ ଦାୟିତ୍ୱ ରହିଛି। ମାର୍ଚ୍ଚ ୨୯ ରୁ ଅପ୍ରେଲ ୧୫ ଯାଏଁ ସମ୍ବଲପୁର ସହରରେ ପୁଲିସ ସୁରକ୍ଷା ଛାଉଣି ରହିବ। ମାର୍ଚ୍ଚ ୩୦ରେ ହିନ୍ଦୁନବ ବର୍ଷ, ଏପ୍ରିଲ ୬ରେ ରାମନବମୀ ଓ ୧୪ରେ ହନୁମାନ ଜୟନ୍ତୀ ପାଳନ ହେବ। ମାର୍ଚ୍ଚ ୩୦ରୁ



ଏପ୍ରିଲ ୧୫ ଯାଏଁ ହିନ୍ଦୁ ଜାଗରଣ ପକ୍ଷ ଭାବେ ପାଳନ କରାଯିବ। ବିଭିନ୍ନ ସ୍ଥାନରେ ପତାକା ଲାଗିବ। ୩ କମିଟି ମଧ୍ୟ ବିରାଟ ଶୋଭାଯାତ୍ରାର ଆୟୋଜନ କରିଛନ୍ତି। ତାର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇଛି।ସମସ୍ତେ ଶାନ୍ତି ଶୃଙ୍ଖଳା ବଜାଇ ଏହି ପର୍ବକୁ ପାଳନ କରିବେ। ଏଥିପାଇଁ ଆସନ୍ତାକାଲି ଠାରୁ ସହରରେ ୨ କମ୍ପାନୀ ସିଆରପିଏଫ୍, ଗୋଟିଏ କମ୍ପାନୀ ରାପିଡ ଆକ୍ସନ ଫୋର୍ସ ଓ ୧୨ପ୍ଲାଟୁନ ପୋଲିସ ଫୋସ ମୃତୟନ ରହିବେ। ବିଭିନ୍ନ ରାସ୍ତା

**ସମ୍ବେଦନଶୀଳ ସ୍ଥାନ ଚିହ୍ନଟ**

ଓ ସମ୍ବେଦଶୀଳ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଓ ଡ୍ରୋନ କ୍ୟାମେରା ଦ୍ୱାରା ନଜର ମଧ୍ୟ ରହିବ। ସହର ପ୍ରତି ପ୍ରବେଶ ପଥରେ ପୁଲିସ ନାକା ଚେକପୋଷ୍ଟ ଲାଗିବା ସହ କଡାକଡି ଭାବେ ଯାଞ୍ଚ ଚାଲିବ। ଯେଉଁମାନେ ଅପରାଧି କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତି ଆଗୁଆ ସୂଚନା ସଂଗ୍ରହ କରାଯାଉଛି। ନକାରତ୍ମକ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ବିଶେଷଙ୍କୁ ପରିବାର ତଥା ସମାଜ ଆଗକୁ ସତର୍କ କରାଯାଇଛି। ପୁଲିସ ସତର୍କ ଦେଇ ଛାଡି ମଧ୍ୟ ଦେଇଛି। ହେଲେ ମାର୍ଚ୍ଚ ୩୦ ପରେ କିଛି ବି ଅପରାଧିକ କାର୍ଯ୍ୟକଳାପ ଓ ନକାରତ୍ମକ ମନ୍ତବ୍ୟ ପ୍ରକାଶ କଲେ ଆଉ ଛଡାଯିବନି। ସଙ୍ଗେ ସଙ୍ଗେ ସେମାନଙ୍କ ଉପରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି।ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ମଧ୍ୟ ନଜର ରଖାଯାଇଛି। ବିଭ୍ରାନ୍ତିକର, ମିଥ୍ୟା, ଉକ ସାଇବା ଭଳି ପୋଷ୍ଟ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଗତ ୨୦୨୩ ମସିହାରେ ସମ୍ବଲପୁର ସହରରେ ଶୋଭାଯାତ୍ରା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଚଳିତ ଥର ଶାନ୍ତି ଶୃଙ୍ଖଳା ସହ ପାଳନ ପାଇଁ ରାଜ୍ୟ ସରକାର ଓ ସମ୍ବଲପୁର ପୁଲିସ ପ୍ରସ୍ତୁତି ରହିଥିବା ଏସପି ପ୍ରକାଶ କରିଛନ୍ତି।

### ସମ୍ବଲପୁରରେ ଜମି କେଲେଙ୍କାରୀ

## ଡିଏସ୍‌ଆର୍‌ଙ୍କ ସହ କିରାଣୀ ଓ ଦଲାଲ ଗିରଫ

**ସମ୍ବଲପୁର, ୨୮ ।୩ (ସମିସ):** ଜମି ଚଞ୍ଚକତା ପାଇଁ ସମ୍ବଲପୁର(ଜିଲ୍ଲା ସବରେଜିଷ୍ଟ୍ରାର) ଡିଏସଆର୍ ଗିରଫ। ଜମିବାଡି ଚଞ୍ଚକତା ଅଭିଯୋଗର ଟାଉନ ଥାନା ପୁଲିସ ସମ୍ବଲପୁର ଡିଏସ୍‌ଆରଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି।



**ଦୁଇ ପୁଲିସ ଉପରେ ହେବ କାର୍ଯ୍ୟାନୁଷ୍ଠାନ**

ଡିଏସ୍‌ଆର ସୂର୍ଯ୍ୟ ନାରାୟଣ ସାମଲ ଓ କିରାଣୀ ଚନ୍ଦ୍ର ପ୍ରସାଦ ଡୁଙ୍ଗୁରିଆ ଓ ଜମି କାରବାରରେ ସାମିଲ ଥିବା ସୁରଞ୍ଜନ ପଟ୍ଟନାୟକକୁ ଗିରଫ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ତତ୍କାଳୀନ ଟାଉନ ଥାନାର ଦୁଇ ଜଣ ଅଧିକାରୀଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ଡିଏସ୍‌ଆରଙ୍କ ବିରୋଧରେ ଅନେକ ଥର ଜମି ଚଞ୍ଚକତା ନେଇ ଅଭିଯୋଗ ହେଉଥିଲା। ହେଲେ ରାଜସ୍ୱମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏହି ମାମଲରେ ପୁଲିସ ତଦନ୍ତ କରି ଗିରଫ କରିଛି। ସୂଚନା ଅନୁସାରେ ସ୍ୱର୍ଗତ ନବ ଦାସଙ୍କ ପୁତୁରା ସମୀର ଦାସଙ୍କୁ ଜମି ଦଲାଲ୍‌ମାନେ ଚଞ୍ଚକତା କରି ବୁଢାରଜାର ଏକ ଜମି ବିକ୍ରି କରିଥିଲେ। ଅସଲି ଜମି ମାଲିକ ସମ୍ବଲପୁରରେ ଅନେକ ସମୟରେ ରହୁନଥିବା ବେଳେ ଦଲାଲମାନେ ଏହାର ସୁଯୋଗ ନେଇଥିଲେ। ଅନ୍ୟ ଜଣଙ୍କୁ ଅସଲି ମାଲିକ ଦର୍ଶାଇ ଏହି ଜମିକୁ ବିକ୍ରି କରିଥିଲେ। ତେବେ ସମୀର ଦାସଙ୍କ ବାପା ବ୍ରଜ ଦାସ ଏହି ଘଟଣାରେ ସନ୍ଦେହ ହେବାରୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ପୃକ୍ତ ଘଟଣା ଜଣାଇଥିଲେ। ଫଳରେ ଏହାର ତଦନ୍ତ ହେବା ପରେ ଡିଏସ୍‌ଆରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ପୁଲିସ ଗିରଫ କରିଛି। ଏହି ଘଟଣାରେ ୨ଜଣ ପୁଲିସ ଅଧିକାରୀଙ୍କର ମଧ୍ୟ ସମ୍ପୃକ୍ତି ଥିବା ସନ୍ଦେହ ହେଉଛି।ଅସଲି ଜମି ମାଲିକ ଜମି ବିକ୍ରି ବିଷୟରେ ଜାଣିବା ପରେ ଡିଏସଆରଙ୍କ ଦ୍ୱାରସ୍ଥ ହୋଇଥିଲା। ହେଲେ ସେ ତଦନ୍ତ ନକରି ଥାନାକୁ ପଠାଇଦେଇଥିଲେ। ଏହାର ସୁଯୋଗ ଟାଉନ ଥାନା ପୁଲିସ ଉଠାଇ ଦେଇଥିଲା। ସଲାସୁତରା କରିବା ପାଇଁ ମୋଟା ଅଙ୍କର ଲାଞ୍ଚ ନେଇଥିଲା। ଏହାର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ତେଣୁ ଦୁଇ ପୁଲିସ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଧାରଣରେ ଦାବି ହୋଇଛି।

## ଭିସୁଟ୍ ଅଧ୍ୟାପକ ସମ୍ମାନିତ

**ବୁର୍ଲା, ୨୮ ।୩(ସମିସ):** ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ସ୍ଥାପତ୍ୟ ଆର୍କିଟେକ୍‌ଚର ବିଭାଗର ସହାୟକ ପ୍ରଫେସର ଅମିତଚାଟାର୍ଜୀଙ୍କୁ 'ଆର୍କ ଜକାଉଜ ସାଉଥ୍ ଡିଜାଇନ୍ ଏଡ୍ୟୁକେଟର୍ସ '୨୦୨୪-



୨୫ ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ଥାପତ୍ୟ ଶିକ୍ଷା କ୍ଷେତ୍ରରେ ସ୍ଥାୟୀତ୍ୱ (ସସ୍ଟେନେବିଲିଟି) ଅନ୍ତର୍ଭୁକ୍ତ କରିବାରେ ଉତ୍କୃଷ୍ଟ ତାର ସ୍ୱୀକୃତି ସ୍ୱରୂପ ଏହି ଜାତୀୟସ୍ତରୀୟ ପୁରସ୍କାରଟି ଇଥୋସ ଫାଉଣ୍ଡେସନ୍ ଏବଂଏମଫାସିସ୍‌ଏଫ-୧ ଫାଉଣ୍ଡେସନ ପ୍ରଦାନ କରାଯାଏ। ପ୍ରତିଯୋଗିତାରେ ସମଗ୍ର ଦେଶର ଡିଜାଇନ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଦୁଇ ପର୍ଯ୍ୟାୟରେ ମୂଲ୍ୟାୟନ ପ୍ରକ୍ରିୟା ଅନୁସରଣ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଥିବା ଅମିତ ଚାଟାର୍ଜୀଙ୍କୁ ପୁରସ୍କାର ସ୍ୱରୂପ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

## ସାମ୍ପୁଲ ଔଷଧକୁ ଚଢ଼ା ଦରରେ ବିକ୍ରି ଅଭିଯୋଗ



**ରେଢ଼ାଖୋଲ, ୨୮ ।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ମୋଚିବାହାଲ ପଞ୍ଚାୟତ ସ୍ଥିତ ଏକ ଭଡ଼ା ଘରେ ବେଆଇନ ଭାବେ ଖୋଲିଥିବା ଏକ କ୍ଲିନିକ୍‌ରେ ସାମ୍ପୁଲ ଔଷଧକୁ ଚଢା ଦରରେ ରୋଗୀଙ୍କୁ ବିକ୍ରି ହେଉଛି। ଏନେଇ ଶୁକ୍ରବାର ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଞ୍ଚଳବାସୀ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ କ୍ରମେ ଏସକେ ମଲ୍ଲିକ ନାମକ ଜଣେ ବ୍ୟକ୍ତି ନିଜକୁ ଡାକ୍ତର କହି ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ମୋଚିବାହାଲ ଗ୍ରାମରେ ଭଡ଼ା ଘରେ ବେଆଇନ ଭାବେ କ୍ଲିନିକ୍ ଖୋଲି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ବିଭିନ୍ନ କମ୍ପାନୀ ପକ୍ଷରୁ ଆସୁଥିବା ମାଗଣା ସାମ୍ପୁଲ ଔଷଧକୁ ରୋଗୀଙ୍କୁ ଚଢ଼ା ଦରରେ ବିକୁଥିବା ଜଣାପଡ଼ିଛି। ଏହାର ତଦନ୍ତ କରି ଦୋଷୀ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଉପଜିଲ୍ଲାପାଳକୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ନାବାଳିକାର ମୃତ୍ୟୁ

**କୁଚିଣ୍ଡା, ୨୮ ।୩(ସମିସ):** କୁଚିଣ୍ଡା ଥାନା ଅଧିନସ୍ଥ ବିହାବାଲି ନିକଟସ୍ଥ ଆନନ୍ଦପୁରଗ୍ରାମର ସିଲମନ ମୁଣ୍ଡାଙ୍କ ୧୩ ବର୍ଷର ଝିଅ ସାବଧାନୀ ମୁଣ୍ଡାଗୁରୁବାର ଅପରାହ୍ନ ପ୍ରାୟ ୩ଟା ବେଳେ ସାଙ୍ଗ ସାଥିଙ୍କ ସହ ଖେଳୁଥିବ ବେଳେ ମୁଣ୍ଡବୁଲାଇ ପଡ଼ିଯାଇ ଚେତାଶୂନ୍ୟ ହୋଇ ଯାଇଥିଲେ। ତାଙ୍କୁ ତୁରନ୍ତ ପରିବାର ପକ୍ଷରୁ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ଘଟିଛି।ଖବରପାଇ କୁଚିଣ୍ଡା ପୁଲିସ ପହଁଞ୍ôଚ କୁଚିଣ୍ଡା ଡାକ୍ତରଖାନାରେ ଶବବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ ହୋଇଛି।

## ଅଜଣା ମୃତଦେହ ଉଦ୍ଧାର

**ସମ୍ବଲପୁର, ୨୮ ।୩(ସମିସ):** କ୍ଷେତରାଜପୁର ଥାନାଞ୍ଚଳ ଲକ୍ଷ୍ମୀଟକିଜ ମହାନଦୀ ନିକଟରୁ ଏକ ଅଜଣା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲକୁ ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନଦୀ ନିକଟରେ ଶବ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପୁଲିସକୁ ଖବର ଦେବା ପରେ ଶବ ଉଦ୍ଧାର କରାଯାଇଥିଲା। ଉକ୍ତ ବ୍ୟକ୍ତି ଜଣକ କିଛି ଦିନ ହେବ ସେହି ଆଖପାଖ ଅଞ୍ଚଳରେ ବୁଲୁଥିବା ଦେଖେଣାହାରୀ କହିଛନ୍ତି।୪ ଦିନ ହେବ ତାଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂଚନା ଦେଇଛି।

## ରେଢ଼ାଖୋଲ ବ୍ଲକ୍‌ରେ ମାଣ୍ଡିଆ ଖାଦ୍ୟମେଳା

**ରେଢ଼ାଖୋଲ,୨୮ ।୩(ସମିସ):** ସମ୍ବଲପୁରଜିଲ୍ଲାରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଗରଗଡ଼୍‌ବାହାଲ ପଞ୍ଚାୟତରେ ଶୁକ୍ରବାର ଦିନ ମହାଶକ୍ତି ଫାଉଣ୍ଡେସନ ତରଫରୁ ପୁଷ୍ଟିଶସ୍ୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗରଗଡ଼୍‌ବାହାଲ ସମିତି ସଭ୍ୟ ସସ୍ମିତା ସାହୁ ଅଧ୍ୟକ୍ଷତା କରିଥିଲେ। ମହାଶକ୍ତି ଫାଉଣ୍ଡେସନର ରେଢ଼ାଖୋଲ ବ୍ଲକର ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ସଂଯୋଜକ ଆକାଶ ସାହୁ ଯୋଗ ଦେଇ ମାଣ୍ଡିଆ ବାଜରା ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟର ପୋଷାକ ତତ୍ୱ ବିଷୟରେ ଆଲୋକପାତ କରିବା ସହିତ ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପର ଆଭିମୁଖ୍ୟ ବିଷୟରେ



ଅବଗତ କରିଥିଲେ। କୃଷି ବିଭାଗ କର୍ମଚାରୀ ଗରଗଡ଼୍‌ବାହାଲ ପଞ୍ଚାୟତର ଗ୍ରାମ ସେବକ ଶାନ୍ତନୁ ସାହୁ ଯୋଗଦେଇ ମାଣ୍ଡିଆ ଚାଷ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ପ୍ରଧାନ ମାଣ୍ଡିଆରେ ଥିବା ପୌଷ୍ଟଉତ୍ୱ ସମ୍ବନ୍ଧରେ ଆମ ପ୍ରାଥମିକ ଶିକ୍ଷାରେ ପ୍ରତିଫଳନ ହେବା ସହିତ ଆମ ଖାଦ୍ୟ ଅଭ୍ୟାସରେ ସାମିଲ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଏମବିକେ ଦୀପ୍ତିବାଳା ଗଡ଼ନାୟକ ମାଣ୍ଡିଆ ଜାତୀୟ ଖାଦ୍ୟର ପ୍ରଚାର ପ୍ରସାର ସହିତ ଏହା କିପରି ତୃଣମୂଳସ୍ତରରେ ଆଦୃତ ହେଇପାରିବ ସେଥିପାଇଁ ମିଶନ ଶକ୍ତି ପ୍ରଭାବୀ ଢଙ୍ଗରେ କାମ କରିବ ବୋଲି ମତ ବ୍ୟକ୍ତ କରିଥିଲେ। ସମାଜସେବୀ ରମାକାନ୍ତ ଗଡ଼ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହାଶକ୍ତି ଫାଉଣ୍ଡେସନ ସହ ସଂଯୋଜକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ସି.ଆର.ପି ହିମାଂଶୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ମାଣ୍ଡିଆ ଚାଷୀ, ମିଶନ ଶକ୍ତି ସିଆରପି, କର୍ମଚାରୀ, କୃଷି ମିତ୍ର, ପ୍ରାଣୀ ମିତ୍ର ଏବଂ ଅନେକ ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ। ଶେଷରେ ମାଣ୍ଡିଆ ଖାଦ୍ୟ ମେଳାରେ ମାଣ୍ଡିଆ ତିଆରି ବିଭିନ୍ନ ଖାଦ୍ୟ ବଣ୍ଟନ କରାଯାଇଥିଲା।

## ଗଞ୍ଜେଇ ଜବତ, ଜଣେ ଗିରଫ

**ରେଢ଼ାଖୋଲ, ୨୮ ।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥିତ କଲେଜ ଛକ ନିକଟରୁ ଶୁକ୍ରବାର ଦିନ ରେଢ଼ାଖୋଲ ପୁଲିସ ପକ୍ଷରୁ ଚଢ଼ଉ କରି ୧୦ କେଜି ୨୫୦ଗ୍ରାମ ଗଞ୍ଜେଇ



ସହ ଜଣେ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି କଟକ ଜିଲ୍ଲା ବଡମ୍ବା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ଗଦାଧର ଖଟୁଆ। ସୂଚନା ଯୋଗ୍ୟ ଯେ ଉକ୍ତ ଅଭିଯୁକ୍ତ ଚାଲାଣକାରୀ ଜଣଙ୍କ ଏକ ବ୍ୟାଗ୍‌ରେ ଗଞ୍ଜେଇ ଧରି ସମ୍ବଲପୁର ଚାଲାଣ ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହ କରି ତାଙ୍କୁ ଯାଞ୍ଚ କରିଥିବା ବେଳେ ୧୦କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୋଲିସ କେଶ୍ ୭ ୯/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନାକଟିଦେଉଳ, ୨୮ ।୩ (ସମିସ):** ନାକଟିଦେଉଳ ବ୍ଲକ ସରାପାଲି ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ସସ୍ମିତା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ନାକଟିଦେଉଳ ବିଡ଼ିଓ କ୍ଷମାନିଧି ଭୋଇ, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ତହସିଲଦାର ଅମର ଯଶପ୍ରିତ ଡୁଙ୍ଗ ଡୁଙ୍ଗ, ସରାପାଲି ସରପଞ୍ଚ ଶ୍ରୀମତୀ ଶିବାନୀ ବାରିକ, ଏସଏମସି ସଭାପତି ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ କ୍ରୀଡାର ମହତ୍ତ୍ୱ ଓ ଗୁଣବତ୍ତା ସମ୍ପର୍କରେ ଆଲୋକପାତ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଲିଟୁ ସାହୁ ସଭା ପରିଚାଳନା କରିଥିବା ବେଳେ ରାମକୃଷ୍ଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଏଚ୍‌ଡିଏଫ୍‌ସିର ନୂତନ ଶାଖା ଉଦ୍‌ଘାଟିତ

**ସମ୍ବଲପୁର, ୨୮ ।୩ (ସମିସ):** ଏଚ୍‌ଡିଏଫସି ବ୍ୟାଙ୍କର ଏକ ଶାଖା ସ୍ଥାନୀୟ ସାଖିପଡ଼ାସ୍ଥିତ ନେତାଜୀ ସୁବାସ ବୋଷ ଛକ ନିକଟରେ ଖୋଲାଯାଇଛି। ଗ୍ରାହକଙ୍କ ଚାହିଦା ଓ ସୁବିଧାକୁ ଦୃଷ୍ଟିରେ ରଖି ଏହି ଶାଖା ଖୋଲାଯାଇଛି। ଏଚ୍‌ଡିଏଫସି ସାଖିପଡ଼ା ଶାଖାକୁ ଜୋନାଲ ହେଡ୍ ସୁବାଶିଷ ଚୌଧୁରୀ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟର ହେଡ୍ ଅଂଶୁମାନ ଦାସ ଓ ଗୋଲବଜାର ଶାଖା ମ୍ୟାନେଜର ଦେବବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ମାଲିଆଟିକିରା ରାସ୍ତା ଉଦ୍‌ଘାଟିତ

**ସମ୍ବଲପୁର, ୨୮ ।୩(ସମିସ):** ଆଦିତ୍ୟ ଆଲୁମିନିୟମ ଲପଙ୍ଗା ତରଫରୁ ନିର୍ମାଣ କରାଯାଇଥିବା ମାଲିଆଟିକିରା ରାସ୍ତାକୁ ଉଦ୍‌ଘାଟନ କରାଯାଇ।ଲୋକଙ୍କ ଗମନା ଗମନର ସୁବିଧା ଲାଗି ଆଦିତ୍ୟ ଆଲୁମିନିୟମର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ରାସ୍ତା ନିର୍ମାଣ କରାଯାଇଛି। କାର୍ଯ୍ୟପ୍ରକଳ୍ପ ପ୍ରଗତି (ଭିତ୍ତି ସଂରଚନା)ରେ ସମ୍ପନ୍ନ ହୋଇଛି। ଉଦ୍‌ଘାଟନରେ ଆଦିତ୍ୟ କମ୍ପାନୀର ଅଜୟ ପାଲି (କାଷ୍ଟ ହାଉସ ହେଡ), ସାଜିଦ ଖାନ (ଇନଫ୍ରା ହେଡ), ଷ୍ଟିଫେନ ଆରୋକିଆରାଜ (ଆଇଆର ଓ ଇଆର ହେଡ), ମନୋଜ ଶର୍ମା (ଇନଫ୍ରା ଟିମ), ଆୟୁଷ ସୋନି (ଆଇଆର ଓ ଇଆର ଟିମ), ସୁରେଶ ଦାସ



(ଆଇଆର ଓ ଇଆର ଟିମ), ମନୋରଞ୍ଜନ ବେହେରା (ଡେପୁଟି ମ୍ୟାନେଜର ସିଏସଆର ଓ ଆରଆର) ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ। ସ୍ଥାନୀୟ ଅଧିବାସୀ କମ୍ପାନୀକୁ ଧନ୍ୟବାଦ ଜଣାଇଥିଲେ।

## କବାଡ଼ି ପ୍ରିମିୟର ଲିଗ୍ ପାଇଁ ଖେଳାଳି ଚୟନ

**ସମ୍ବଲପୁର, ୨୮ ।୩(ସମିସ):** ସମ୍ବଲପୁର କବାଡି କ୍ଲବ୍ ଦ୍ୱାରା ପଶ୍ଚିମଓଡ଼ିଶାସ୍ତରୀୟ ଆସନ୍ତା ଏପ୍ରିଲ ୨୪ ରୁ ୨୭ ପର୍ଯ୍ୟନ୍ତ ସମ୍ବଲପୁର କବାଡି ପ୍ରିମିୟର ଲିଗ(ଏସକେପିଏଲ) ସିଜନ୍ ୨ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଶୁକ୍ରବାର ଖେଳାଳି ଚୟନ କରାଯାଇଛି। ସକାଳ ୭ ଟାରେ ସ୍ଥାନୀୟ ମନ୍ଦଲିଆ ଗ୍ରାଉଣ୍ଡରେ ପ୍ରାୟ୨୧୦ ଖେଳାଳି ଯୋଗ ଦେଇଥିଲେ।ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ରାଉରକେଲା, ଦେବଗଡ଼, ଅନୁଗୁଳରୁ ୨୫ ଜଣ ରହିଥିବା ବେଳେ ସମ୍ବଲପୁରରୁ ୧୮୫ ଜଣ ଭାଗ ନେଇଥିଲେ।ମୋଟ ୧୮୦ ଜଣଙ୍କୁ ଚୟନ କରାଯାଇଛି।ଚୟନ କମିଟିରେ ଅତିଥି ଭାବେ ରାଜୁ ସେଠ, ସମ୍ବଲପୁର କବାଡି କ୍ଲବ ସମ୍ପାଦକ ଉମାପତି ତ୍ରିପାଠୀ, ଏସକେପିଏଲ ସଭାପତି ରବି ମୁଖି, ସୁମନ୍ତ ବାଗ, ଇନ୍ଦ୍ରଜିତ ବାଗ, ବିମଳ ବରିହା, ଭଜନ ତରିଆ, ରକି ମୁଖି ପ୍ରମୁଖ ଉପସ୍ଥିତ ଥିଲେ।

## ମାସିକ ଶିଶୁପତ୍ରିକା 'ଆଲୋକ' ଉନ୍ମୋଚିତ

**ସମ୍ବଲପୁର, ୨୮।୩ (ସମିସ):** ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ମାସିକ ଶିଶୁ ସାହିତ୍ୟ ପତ୍ରିକାର ଫେବୃୟାରୀ ଓ ମାର୍ଚ୍ଚ ସଂଖ୍ୟା ଜ୍ୟୋତି ବିହାର ସ୍ଥିତ ଆଲୋକ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ମନୋଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନବିଭାଗର ମୁଖ୍ୟ ପ୍ରଫେସର ରାମନରେଶ ମହାଲିଙ୍ଗ, ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ସ୍ୱୟଂପ୍ରକାଶ ପଣ୍ଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ ମହତାବ ନଗରର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ବେହେରା, ସରକାରୀ ପ୍ରାଥମିକ ବିଦ୍ୟାଳୟ ମିର୍ଦ୍ଧାପଡ଼ାର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଧନକଉଡ଼ାର ଓଡ଼ିଆ ଶିକ୍ଷୟିତ୍ରୀ ଆଲୋକିନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### କାଳବୈଶାଖୀ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରସ୍ତୁତ

## ଛଅ ଘଣ୍ଟାରେ ଆସିବ ଲାଇନ୍

**ସମ୍ବଲପୁର, ୨୮ ।୩(ସମିସ):** ଚଳିତ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବ୍ୟାପକ ଭାବେ ପ୍ରାକ୍ ପ୍ରସ୍ତୁତି କରାଯାଇଛି।ପ୍ରାକ୍ ପ୍ରସ୍ତୁତି ସମଗ୍ର ୫ଟି ସର୍କଲ୍ ଜିଲ୍ଲା ନିମନ୍ତେ ଶେଷ ହୋଇଛି। କାଳବୈଶାଖୀ ପ୍ରଭାବ ପରେ କୌଣସି ପରିସ୍ଥିତରେ ୬ ଘଣ୍ଟା ଭିତରେ ନିରବଚ୍ଛିନ ବିଦ୍ୟୁତ୍ ସେବା ଦେବା ପାଇଁ ଟିପିଡବ୍ଲ୍ୟୁଓଡିଏଲ ପ୍ରସ୍ତୁତ ଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରତିଶ୍ରୁତି ଦେଇଛନ୍ତି।ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ତରଫରୁ ୭ ୯୦ କୋଟି ଏବଂ ସରକାରଙ୍କ ତରଫରୁ ୪୯୮



କୋଟି (ମୋଟ ୧୨୮୦ କୋଟି ) ଟଙ୍କା ବିଭିନ୍ନ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ ହୋଇଛି। କମ୍ପାନୀ ପାଖରେ ୩ଟି ମୋବାଇଲ୍ ଡିଟିଆର୍ ମହଜୁଦ୍ ରହିଛି। ଗ୍ରାହକ ସେବା ପାଇଁ କମ୍ପାନୀ ପକ୍ଷରୁ ୨୯୨୨ ଗୋଟି ଫ୍ୟୁଜ୍ କଲ୍ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ସହରାଞ୍ଚଳରେ ୩ଟି ସିଫ୍ଟରେ ଏବଂ ଗ୍ରାମାଞ୍ଚଳରେ ୨ଟି ସିଫ୍ଟରେ କାର୍ଯ୍ୟକାରୀ ଲାଇନମେନ୍ ଏବଂ ହେଲ୍ପରଙ୍କୁ ନିଯୁକ୍ତି ଦିଆଯାଇଛି। ସହରାଞ୍ଚଳରେ ପ୍ରତ୍ୟେକ ସବଡିଭିଜନରେ ୪ ଜଣ ଲାଇନ୍‌ମ୍ୟାନ୍ ଏବଂ ୨ ଜଣ ହେଲପର, ସେହିପରି ଗ୍ରାମାଞ୍ଚଳରେ ୩ ଜଣ ଲାଇନମ୍ୟାନ୍ ଏବଂ ୨ ଜଣ ହେଲପଙ୍କୁ ସ୍ୱତନ୍ତ୍ର ସେବା ଯୋଗାଇ ଦେବା ପାଇଁ ନିଯୁକ୍ତି କରାଯାଇଛି। ରାତ୍ରିକାଳୀନ ବ୍ରେକଡାଉନକୁ ସଜାଡ଼ିବା ପାଇଁ ୭୬୬ ଜଣ ରକ୍ଷଣାବେକ୍ଷଣକାରୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି।୧୧ କେ.ଭି. ନିମନ୍ତେ ୨୭୧ ଏବଂ ୩୩ କେ.ଭି. ନିମନ୍ତେ ୬୪ଟି ରକ୍ଷଣାବେକ୍ଷଣ ଗାଡ଼ିର ଯୋଜନା କରାଯାଇଛି। ବିତରଣ କ୍ଷେତ୍ରରେ ୫୬୬୦ ଜଣ ରକ୍ଷଣାବେକ୍ଷଣକାରୀ ଏଜେନ୍ସି ଦ୍ୱାରା ନିଯୁକ୍ତ ଦିଆଯାଇଛି। ଦୂରଭାଷା ଯୋଗାଯୋଗ କେନ୍ଦ୍ରରେ ଉପସ୍ଥିତ କର୍ମଚାରୀଙ୍କ ସଂଖ୍ୟା ୮୦ରୁ ୧୦୦କୁ ଆସନ୍ତା ୧ ଏପ୍ରିଲ୍ ଠାରୁ ବଢ଼ାଇ ଦିଆଯିବ। ଅଘୋଷିତ ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି କମ୍ପାନୀ ତରଫରୁ ୬ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବାକୁ ପୁନଃସ୍ଥାପିତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। କମ୍ପାନୀ ତରଫରୁ ୧୩ଟି ମ୍ୟାନ୍ ଲିଫ୍ଟର୍ ୫୫ଟି ପୋଲ୍ ମାଷ୍ଟର୍ ୬୫ଟି ହାଇଡ୍ରା, ୮୩୦ଟି ଗଛଡାଳ କାଟିବା ଯନ୍ତ୍ର ୩୦ଟି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ପାଣି ପମ୍ପ, ଭୂତଳ କେବୁଲ ଫଲ୍ଟ ମେସିନ୍ ଗୋଟିଏ, ୫ଟି ଆସ୍କା ଲାଇଟ୍ ମହଜୁଦ୍ ରଖାଯିବା ସହ ୭୩୮ ଗୋଟି ଡିଟିଆର୍, ୨୦୫୦୦ ଟି ପୋଲ୍, ୨୧୦୦ ଲୁହାପୋଲ୍, ୧୧୭୫ଟି ଏବି-ସୁଇଚ୍, ୧୧୦୦ କି.ମି କଣ୍ଡକ୍ଟର୍, ୪୭୦ କିମି ଏବି କେବୁଲ୍ ଏବଂ ୨୩୪୦୦ ଟି ଇନ୍ସୁଲେଟର୍ କମ୍ପାନୀରେ ଅବସ୍ଥିତ ୭ ଗୋଟି ଷ୍ଟୋରରେ ବିସ୍ତୃତ ଭାବରେ ଗଚ୍ଛିତ ରଖାଯାଇଛି।

# ବଢୁଛି ପାରଦ @ ୪୧.୬ ଡିଗ୍ରୀ

ସମ୍ବଲପୁର, ୨୮।୩ (ସମିସ)

ଚଳିତବର୍ଷ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ସମ୍ବଲପୁର ସମେତ ସମଗ୍ର ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେଉଛି। ଗତ ୧୫ ତାରିଖ ସମ୍ବଲପୁରର ତାପମାତ୍ରା ରାଜ୍ୟର ଦ୍ୱିତୀୟ ସର୍ବାଧିକ ୪୨.୨ ଡିଗ୍ରୀ ରହିଥିଲା। ଏହାପରେ କାଳବୈଶାଖୀ ଯୋଗୁଁ ତାପମାତ୍ରା ହ୍ରାସ ପାଇବାରୁ ଲୋକେ କିଛିଟା ଆଶ୍ୱସ୍ତି ଲାଭ କରିଥିଲେ। ତଥାପି ଦିନବେଳା ଉତ୍ତାପ ଓ ଗୁଳୁଗୁଳି ରହୁଥିଲା। ପୁଣିଥରେ ପାରଦ ଚଢ଼ିବାରେ ଲାଗିଛି। ଆଜି ସମ୍ବଲପୁରର ତାପମାତ୍ରା ୪୧.୬ ଡିଗ୍ରୀରେ ପହଞ୍ଚିଛି। ପ୍ରବଳ ଗରମରେ ଲୋକେ କଲବଲ ହେଉଛନ୍ତି।

ଗତ କେଇଦିନ ହେବ ପୁଣି ତାପମାତ୍ରା ବଢ଼ିବାରେ ଲାଗିଛି। ଗତ ୨୩ ତାରିଖରେ ସମ୍ବଲପୁରର ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ଥିବାବେଳେ ୨୪ରେ ୩୬ ଡିଗ୍ରୀ, ୨୫ରେ ୩୭.୪



ଡିଗ୍ରୀ, ୨୬ରେ ୩୯ ଡିଗ୍ରୀ, ୨୭ରେ ୪୦ ଡିଗ୍ରୀ ଓ ଆଜି ୪୧.୬ ଡିଗ୍ରୀ ରହିଛି। ଗତ ବର୍ଷମାନଙ୍କରେ ମେ ମାସରେ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଛୁଉଁଥିବାବେଳେ ଚଳିତବର୍ଷ ମାର୍ଚ୍ଚରେ ୪୦ ଡିଗ୍ରୀ ଛୁଇଁଛି। ଆଗକୁ ଖରାଦିନ ଥିବାରୁ ଲୋକେ ଆତଙ୍କିତ ହେଲେଣି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ପ୍ରବାହ ମୁକାବିଲା ସକାଶେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇନାହିଁ। ସମ୍ବଲପୁରର ରାସ୍ତାଘାଟରେ ଲୋକେ ପିଇବାକୁ ପାଣି ମୁନ୍ଦାଏ ପାଉନାହାନ୍ତି। ପାଣି ପାଉଚ୍ ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ନିଷେଧ କ୍ଷେତ୍ରରେ ବନ୍ଦ କରିଦିଆଯାଇଥିବାବେଳେ ୨୦ ଟଙ୍କା ଦେଇ ପାଣିବୋତଲ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ରାସ୍ତା ସମ୍ପ୍ରସାରଣ ଓ ଅନ୍ୟ ବିକାଶ କାର୍ଯ୍ୟ ସକାଶେ ଅମୃତଧାରା ଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ପୂର୍ବରୁ ମହାନଗର ଅଞ୍ଚଳରେ ୨୨ଟି ଅମୃତଧାରା ରହିଥିଲା। ତାହାକୁ ପ୍ରତି ଖରାଦିନରେ କାର୍ଯ୍ୟକ୍ଷମ କରାଯାଉଥିଲା। ଏଥିରେ ଲୋକେ ଥଣ୍ଡା ପାନୀୟ ଜଳ ପାଇ ପାରୁଥିଲେ। ମାତ୍ର ଏବେ ମାତ୍ର ୬ଟି ଅମୃତଧାରା ରହିଛି। ଅନ୍ୟପକ୍ଷରେ ଜଳଛତ୍ର ସକାଶେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନି। ସମ୍ବଲପୁରବାସୀଙ୍କ ସମେତ ବାହାରୁ ସରକାରୀ ବେସରକାରୀ କାର୍ଯ୍ୟରେ ଆସୁଥିବା ଲୋକଙ୍କ ସହ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ପୁଣି ଗତବର୍ଷ ୯ ଜଣ ଅଂଶୁଘାତରେ ମୃତ୍ୟୁବରଣ କରିଥିବାରୁ ଅଂଶୁଘାତର ପ୍ରଭାବିତ ହେବାନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ମୁକାବିଲା ପ୍ରକ୍ରିୟା ଆରମ୍ଭ ହୋଇନଥିବାରୁ ପ୍ରଚଣ୍ଡ ଖରାରେ ଶ୍ରମିକମାନେ କାମ କରୁଥିବା ଦେଖାଯାଉଛି। ସରକାରୀ ଡାକ୍ତରଖାନା ଗୁଡ଼ିକରେ ଅଂଶୁଘାତ କକ୍ଷ ପ୍ରସ୍ତୁତ ହୋଇନାହିଁ। ଅଂଶୁଘାତକୁ ନେଇ ଜିଲ୍ଲା ପ୍ରଶାସନ ପ୍ରଚାର ପ୍ରସାର ମାଧ୍ୟମରେ ସଚେତନ କରିବା ଆବଶ୍ୟକତା ରହଥିବା ସାଧାରଣରେ ମତପ୍ରକାଶ ପାଉଛି।

## ରାଜ୍ୟର ୧୫୬ଟି ବାର୍ ଆସୋସିଏସନ୍ କର୍ମକର୍ତ୍ତା ନିର୍ବାଚନ ଆଜି

କଟକ, ୨୮।୩ (ସମିସ): ରାଜ୍ୟ ବାର୍ କାଉନସିଲ୍ ଅନୁବନ୍ଧିତ ମୋଟ ୧୮୪ଟି ବାର୍ ମଧ୍ୟରୁ ୧୫୬ଟି ବାର୍ ଆସୋସିଏସନ୍ ପାଇଁ ୨୦୨୫-୨୬ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଆସନ୍ତାକାଲି (ଶନିବାର) ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ବାର୍ କାଉନସିଲ ପକ୍ଷରୁ ଜାରି ନିୟମାବଳୀ ଅନୁସାରେ, ସମସ୍ତ ବାର୍ ଆସୋସିଏସନ୍‌ଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତାକାଲି ସକାଳ ୭ଟା ୩୦ରୁ ଦିନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ଅପରାହ୍ଣ ୪ଟା ପରେ ଗଣତି କରାଯାଇ ଫଳ ଘୋଷଣା ହେବ ବୋଲି ବାର୍ କାଉନସିଲ ପକ୍ଷରୁ କୁହାଯାଇଛି। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ସମେତ ବିଭିନ୍ନ ଜିଲ୍ଲାର ଓକିଲ ସଂଘ ପାଇଁ କର୍ମକର୍ତ୍ତା ନିର୍ବାଚନ 'ୱାନ ବାର ୱାନ ଭୋଟ' ନିୟମ ଅନୁସାରେ କରାଯିବ। ରାଜ୍ୟରେ ମୋଟ ୩୭ ହଜାର ଭୋଟର୍ ଆଇନଜୀବୀ ସେମାନଙ୍କର ମତ ସାବ୍ୟସ୍ତ କରିବେ।

## 'ନିରୀକ୍ଷଣ' ପାଇଁ ଗଞ୍ଜାମକୁ ଜାତୀୟ 'ସ୍କଚ୍' ପୁରସ୍କାର

ଛତ୍ରପୁର, ୨୮।୩ (ସମିସ): ଗଞ୍ଜାମ ଜିଲ୍ଲାକୁ ପୁଣିଥରେ ଏକ ଜାତୀୟ ପୁରସ୍କାର ମିଳିବାକୁ ଯାଉଛି। ଗର୍ଭବତୀଙ୍କ ପାଇଁ ନିଃଶୁଳ୍କ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା 'ନିରୀକ୍ଷଣ' ଯୋଜନାକୁ ମିଳିବ ସମ୍ମାନଜନକ 'ସ୍କଚ୍ ପୁରସ୍କାର'। ଗର୍ଭବତୀ ତଥା ମାତୃ ମୃତ୍ୟୁହାର ରୋକିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଯୋଗୁଁ ଅଭିନବ 'ନିରୀକ୍ଷଣ' ଯୋଜନା ବେଶ୍ ସଫଳ ହୋଇପାରିଛି। ଏହି ଯୋଜନା ମାଧ୍ୟମରେ ଗର୍ଭବତୀ ମହିଳାଙ୍କୁ ୩ଥର ଯେକୌଣସି ସରକାରୀ କିମ୍ବା ବେସରକାରୀ କ୍ଲିନିକ୍‌ରେ ମାଗଣାରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାରେ ସୁବିଧା ଯୋଗାଇ ଦିଆଯାଉଛି। ଶନିବାର ଦିଲ୍ଲୀରେ ଆୟୋଜିତ ୧୦୦ତମ ସ୍କଚ୍ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାକୁ ସ୍କଚ୍ ପୁରସ୍କାର ମିଳିବ।

## ପେନସନ୍ ଓ ଦରମା ବୃଦ୍ଧି
# ଶାସକ-ବିରୋଧୀ ଏକାଠି

ଭୁବନେଶ୍ୱର,୨୮।୩(ସମିସ): ଆମେ ବିଧାୟକ ଅଛୁ, କିନ୍ତୁ ଲକ୍ଷେ ଟଙ୍କା ଦରମା ବି ଅଣ୍ଟୁନି। ପୂର୍ବତନ ବିଧାୟକମାନେ କେଉଁ ଅବସ୍ଥାରେ ଥିବେ ତାହା ଆପଣ କଳ୍ପନା କରିପାରୁଥିବେ। ଅନେକ ପୂର୍ବତନ ବିଧାୟକଙ୍କ ପରିବାର ଆଜି ବି ତାଙ୍କ ପେନସନ୍ ଉପରେ ନିର୍ଭରଶୀଳ। ୩୦ ହଜାର ପେନସନ ଟଙ୍କା ଅଣ୍ଟୁନାହିଁ। ବିଧାନସଭା ଲବିରେ ଆସି ବସୁଥିବା ପୂର୍ବତନ ବିଧାୟକଙ୍କ ଦୁଃଖ ଦେଖି ହେବ ନାହିଁ। ତେଣୁ ପୂର୍ବତନ ବିଧାୟକଙ୍କ ପେନସନ୍ ତୁରନ୍ତ ବୃଦ୍ଧି ପାଇ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଶୂନ୍ୟକାଳରେ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ଉଭୟ ଶାସକ ଓ ବିରୋଧୀ ସଦସ୍ୟ। ଏହି ଅବସରରେ ବିଧାୟକମାନେ ମଧ୍ୟ ନିଜ ଦରମା ବୃଦ୍ଧି ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। କେବଳ ସେତିକି ନୁହେଁ ଶାସକ ଦଳ ସଭ୍ୟ ଭାସ୍କର ମଢ଼େଇ ବାଚସ୍ପତି ସୁରମା ପାଢ଼ୀଙ୍କୁ ମାତା ଲକ୍ଷ୍ମୀଙ୍କ ସହ ତୁଳନା କରିଛନ୍ତି। ଆପଣ ମା' ଲକ୍ଷ୍ମୀ, ଆପଣ ଆମକୁ ଦାନା ଦେଲେ ଆମେ ବଞ୍ଚିବୁ ବୋଲି ଶ୍ରୀ ମଢ଼େଇ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

ଆଜି ପ୍ରଶ୍ନକାଳ ଶେଷ ହେବା ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ପ୍ରଥମେ ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେପରି ଭାବେ ଜନସଂଖ୍ୟା ବଢ଼ୁଛି, ଦରଦାମ ମଧ୍ୟ ସେହି ପରି ବଢ଼ି ଚାଲିଛି। ସମସ୍ତଙ୍କୁ ଏହା ବାଧୁଛି; କିନ୍ତୁ ପୂର୍ବତନ ବିଧାୟକମାନେ ବହୁ ଦୁଃଖ କଷ୍ଟରେ ଅଛନ୍ତି। ଅନେକ ଆଜି ବି ନିଜ ପେନସନ୍

### ବାଚସ୍ପତିଙ୍କୁ ଲକ୍ଷ୍ମୀ ମାତାଙ୍କ ସହ ତୁଳନା କଲେ ବିଜେପି ସଭ୍ୟ ଭାସ୍କର

ଉପରେ ନିର୍ଭର କରି ବଞ୍ଚୁଛନ୍ତି। ବିଧାନସଭା ବାହାରେ ସେମାନେ ନିଜ ସଂଘର୍ଷମୟ ଜୀବନ କଥା କହୁଛନ୍ତି। ୨୦୧୭ ମସିହା ପରଠାରୁ ଆଉ ଦରମା କିମ୍ବା ପେନସନ୍ ବଢ଼ି ନାହିଁ। ୮ମ ବେତନ କମିଶନ ଲାଗୁ ହେଲେ ସରକାରୀ କର୍ମଚାରୀଙ୍କ ଏମ୍ଏଲ୍ଏ ମାନଙ୍କ ଠାରୁ ଢ଼େର ଅଧିକ ଦରମା ଓ ପେନସନ୍ ପାଇବେ। ବିଧାନସଭା ପକ୍ଷରୁ ଗଠିତ କମିଟି ମଧ୍ୟ ଦରମା ଓ ପେନସନ୍ ବୃଦ୍ଧି ପାଇଁ ସୁପାରିଶ କରିଛନ୍ତି। ତେଣୁ ଏହା ଉପରେ ସରକାର ସଦୟ ବିଚାର କରନ୍ତୁ ବୋଲି ପ୍ରମିଳା କହିଥିଲେ।

ବିରୋଧୀ ଦଳ ଉପ-ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କହିଥିଲେ ବିଧାୟକମାନେ ୯୮ ହଜାର ଟଙ୍କା ଦରମା ନେଉଛନ୍ତି, ପୂର୍ବତନ ବିଧାୟକ ୩୦ ହଜାର ଟଙ୍କା ପେନସନ୍ ପାଉଛନ୍ତି। ୨୦୦୦ ମସିହାରେ ଦରମା ୭ ହଜାର, ପେନସନ୍ ୫ ହଜାର ଟଙ୍କା ଥିଲା। ଏବେକାର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ମୁଖ୍ୟ ସଚେତକ ଥିବା ସମୟରେ ଗୃହରେ ଏହି ଦରମା ଓ ପେନସନ୍ ବୃଦ୍ଧି ପ୍ରସ୍ତାବ ଆଗତ କରିଥିଲେ। ପୂର୍ବ ସରକାର ଏଥିପାଇଁ ସବୁ ପଦକ୍ଷେପ ନେଇଥିଲେ, ନିର୍ବାଚନ ପରେ ବଢ଼ିବାର ଥିଲା; ତେଣୁ ମୁଖ୍ୟମନ୍ତ୍ରୀ ଦରମା ଓ ପେନସନ୍ ବୃଦ୍ଧି ଘୋଷଣା କରନ୍ତୁ। ସରକାରୀ ସଦସ୍ୟମାନେ ବି ସମାନ କଥା କହିବାକୁ ଚାହୁଁଛନ୍ତି, କିନ୍ତୁ ଲାଜ କରୁଛନ୍ତି।

ଶାସକ ଦଳର ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଥିଲେ, ବିଧାୟକମାନେ ନିଜ ଅଞ୍ଚଳର ମୁଖ୍ୟ। କିନ୍ତୁ ଆମର ସମ୍ବଳ ନାହିଁ କି କମ୍ବଳ ନାହିଁ। ଲୋକଙ୍କୁ ଖାଲି କଥା କହି ସାନ୍ତ୍ୱନା ଦେଉପାରୁଛୁ, ଆଉ କିଛି ନୁହେଁ। ମୁଁ ବି ପୂର୍ବତନ ବିଧାୟକ ଥିଲି, ଆଉ ନିଜେ ଏହାର ଭୁକ୍ତଭୋଗୀ। ବିଧାୟକଭାବେ ଅତିଥି ହୋଇ ଗଲେ, ନାମଯଜ୍ଞ, ବ୍ରତଘର, ବାହାଘର, କ୍ରିକେଟ ମ୍ୟାଚ୍, ସବୁଠି ଦେବାକୁ ହେଉଛି। ଅତିକମ୍‌ରେ ୧୦ରୁ ୩୦ ହଜାର ଟଙ୍କା ନ ଦେଲେ ନ ଚଳେ। କାରଣ ସବୁଆଡ଼େ ଏମ୍ଏଲ୍ଏ କ'ଣ ଦେଲେ ବୋଲି ପଚାରୁଛନ୍ତି। ତେଣୁ ଦରମା ଓ ପେନସନ୍ ବୃଦ୍ଧି ପାଇଁ ବିଲ୍ ଅଣାଯାଉ ଏବଂ ଜୁନ୍ ମାସରୁ ବର୍ଦ୍ଧିତ ଆକାରରେ ପ୍ରଦାନ କରାଯାଉ।

ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା କହିଥିଲେ ଯେ ପିଅନ ୫୫ ହଜାର ଟଙ୍କା ଦରମା ପାଉଛନ୍ତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ୭୫ ହଜାର ଟଙ୍କା ଆଉ ଅଧ୍ୟାପକ ଦେଢ଼ ଲକ୍ଷ ଟଙ୍କା ଦରମା ପାଉଛନ୍ତି। ଅନେକଙ୍କ ଦରମା ଆଇଏଏସ୍ ଅଫିସରଙ୍କ ଠାରୁ ବି ଅଧିକ। କିନ୍ତୁ କଥାରେ ଅଛି ଯାହା ଜୀବନ ଦୁଃଖରେ ଗଢ଼ା, ତା ଜୀବନରେ କି ସୁଖ ଆଉ। ପୂର୍ବତନ ବିଧାୟକଙ୍କ ଦୁଃଖ ଦେଖି ହେଉନି। ବିଧାନସଭା ଲବିରେ ବସି କାନ୍ଦୁଛନ୍ତି। ସରକାର ଯଥାଶୀଘ୍ର ଦରମା ଆଉ ପେନସନ୍ ବୃଦ୍ଧି କରନ୍ତୁ। ଦରମା ଓ ପେନସନ୍ ବୃଦ୍ଧି ପାଇଁ ଗଠିତ କମିଟିର ଅଧ୍ୟକ୍ଷ ତଥା ବିଜେପି ବିଧାୟକ ଭାସ୍କର ମଢ଼େଇ କହିଥିଲେ, ଏହା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ଅନେକ ପୂର୍ବତନ ବିଧାୟକ ଆଜି ବି ଚାଳ ଘରେ ରହୁଛନ୍ତି। ବିଧାୟକ ଥାଉ କି ନ ଥାଉ, ସବୁ ଜାଗାରେ ଦେବାକୁ ହେଉଛି। ଲୋକେ ଘରେ ପହଞ୍ଚି ସହାୟତା ମାଗୁଛନ୍ତି। ପରିବାର ବୋଝ ବି ମୁଣ୍ଡ ଉପରେ ଅଛି। ବିଧାୟକ ହୁଅନ୍ତୁ କି ପୂର୍ବତନ ବିଧାୟକ ସମସ୍ତଙ୍କ ପାଇଁ ପ୍ରାପ୍ୟ ବଢ଼ିବା ଉଚିତ।

## ଭିଜିଲାନ୍ସ ପଞ୍ଝାରେ ଆଠମଲ୍ଲିକ ତହସିଲର ବରିଷ୍ଠ କିରାଣି

### ୨୦ ହଜାର ଲାଞ୍ଚ ନେଉଥିଲେ

ଆଠମଲ୍ଲିକ,୨୮।୩(ସମିସ): ଜମିପଟ୍ଟା ଭାଗ କରାଇଦେବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି



ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ସତ୍ୟପ୍ରିୟ ନାୟକ। ଆଠମଲ୍ଲିକ ବ୍ଲକ ଲୁହାସିଂହା ପଞ୍ଚାୟତ କେନ୍ଦୁପାଟି ଗ୍ରାମର ଚରଣ ନାୟକ ଜମିପଟ୍ଟା ଅଲଗା କରିବା ପାଇଁ ଆବେଦନ କରିଥିଲେ। ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ତାଙ୍କ କାମ ହେଉନଥିଲା। ୨୦ ହଜାର ଟଙ୍କା ଦେଲେ କାମ ହେବ ବୋଲି ବରିଷ୍ଠ କିରାଣୀ ସତ୍ୟପ୍ରିୟ ଚରଣଙ୍କୁ କହିଥିଲେ। ଏନେଇ ଚରଣ ଅନୁଗୋଳ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଶୁକ୍ରବାର ଚରଣ ସତ୍ୟପ୍ରିୟଙ୍କୁ ୨୦ ହଜାର ଟଙ୍କା ଦେଉଥିବା ବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଟଙ୍କା ସହ କାବୁ କରିଥିଲେ। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

■ ଦୁଇଟି ହତ୍ୟା ଘଟଣାର ପ୍ରତିବାଦ

## ଅଭିଯୁକ୍ତଙ୍କୁ ଫାଶୀ ଦାବିରେ ଥାନା ଆଗରେ ଧାରଣା



ଟିକାବାଲି, ୨୮।୩ (ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ସହ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୁକ୍ତମାନଙ୍କୁ ଫାଶୀ ଏବଂ ବଡ଼ିମୁଣ୍ଡାର ପବିତ୍ର ପ୍ରଧାନଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଟିକାବାଲି ଓ ଚକାପାଦ ବ୍ଲକ୍‌ର ହଜାର ଲୋକେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅପରାଧୀଙ୍କୁ ଫାଶୀ ଦେବା ଦାବିରେ ନାରାବାଜି କରିବା ସହ ଥାନା ଆଗରେ ଧାରଣା ଦେଇଛନ୍ତି।

ହତ୍ୟାର ଶିକାର ହୋଇଥିବା ଦୁଇଜଣଙ୍କ ପରିବାରଙ୍କୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ, ହତ୍ୟାକାରୀଙ୍କୁ ଫାଶୀ, ପୁଲିସ ପକ୍ଷରୁ ୨୪ଘଣ୍ଟିଆ ପହରା, ପ୍ରତ୍ୟେକ ଛକରେ ସିସି କ୍ୟାମେରା ସ୍ଥାପନ, ବିଭିନ୍ନ ଛକରେ ପୁଲିସ୍ ମୁତୟନ କରି ଅଞ୍ଚଳକୁ ସୁରକ୍ଷିତ ରଖିବା ପରି ଦାବି କରାଯାଇଥିଲା। ଏହି ଅବସରରେ ଟିକାବାଲି ବିଡିଓଙ୍କ ଜରିଆରେ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ପ୍ରତି ପ୍ରଶାସନ ଅବହେଳା ପ୍ରଦର୍ଶନ କଲେ, ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବିକ୍ଷୋଭକାରୀମାନେ ଚେତାବନୀ ଦେଇଥିଲେ।

### ଏକାଠି ହେଲେ ଦୁଇ ବ୍ଲକ୍ ଅଞ୍ଚଳବାସୀ

ମେଳି ବାନ୍ଧିଥିବା ଲୋକେ ଶୋଭାଯାତ୍ରା ଓ ସଭା କରିଥିଲେ। ରାଲିରେ ସରପଞ୍ଚ ସାଲିମା ପ୍ରଧାନ, ରୁନିତା କହଁର, କୁନ୍ଦରୁ ମଲିକ, ବାଦନ ପ୍ରଧାନ ନାରୀ ସୁରକ୍ଷା ମହିଳା ମହାସଂଘ ଓ କନ୍ଧମାଳ ପ୍ରଗତି ମିଳିତ ମହାସଂଘର ଆବାହକ କ୍ରିଷ୍ଟା ଚନ୍ଦ୍ର ଡିଗାଲ, ସଭାନେତ୍ରୀ ଅପସରି ଡିଗାଲ, ଜିଲ୍ଲା ସମ୍ପାଦିକା ରତ୍ନବତି ବେହେରା, ଟିକାବାଲି ଶାଖାର ସମ୍ପାଦିକା ଜିନିମା ମଲିକଙ୍କ ସମେତ ତନୁଜ ଭୋଇ, ଲିଙ୍ଗରାଜ ନାୟକ,ଆକାଶ ନାୟକ,ହେମନ୍ତ ଡିଗାଲ, ବିପ୍ଳବୀ ସଂଜୀବ ଡିଗାଲ, ପୂର୍ଣ୍ଣଚନ୍ଦ୍ର ଦିଗାଲ, ଜ୍ୟୋତିରଞ୍ଜନ ମହାପାତ୍ର, ଟିକୁ ଭୋଇ, ରୁଦ୍ର ପ୍ରସାଦ, ବାନାମ୍ବର ମୁଖୀଙ୍କ ସହ ବହୁ ସମାଜସେବୀ ଯୋଗ ଦେଇ ଟିକାବାଲି ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୩(ସମିସ): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର। ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ

### ପ୍ରଫେସର କ୍ଷୀରୋଦ ଜେନାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର

### ଡକ୍ଟର ସଙ୍ଘମିତ୍ରା ସାମନ୍ତରାୟ ଓ ଅନ୍ୟ ୩ ଜଣଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର'

ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ । ଏଥିପାଇଁ ତୃଣମୂଳ ସ୍ତରରେ ଗବେଷଣା ହେବା ସହିତ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।




ଆଜି ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ସେ ଆମର ଆଗାମୀ ପିଢ଼ି ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣି ବିଜ୍ଞାନକୁ ସାଧାରଣ ଜନତାଙ୍କ ସେବାରେ ଲଗାଇବେ ଓ ବିଜ୍ଞାନକୁ ଆହୁରି ଲୋକପ୍ରିୟ କରିବାରେ ସହାୟକ ହେବେ ବୋଲି ଆଶାପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଫେସର ରାଜ କିଶୋର ପରମଗୁରୁ, ଡ଼କ୍ଟର ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣ ଚନ୍ଦ୍ର ମହାନ୍ତି, ଡକ୍ଟର ରଘୁପଟ୍ଟଣି ଭୀମା ରାଓ, ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ବରିଷ୍ଠ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର, ଡକ୍ଟର ସଙ୍ଘମିତ୍ରା ସାମନ୍ତରାୟ, ଡକ୍ଟର ବେଦାଙ୍ଗଦାସ ମହାନ୍ତି, ପ୍ରଫେସର ସୁବ୍ରତ କୁମାର ପଣ୍ଡା, ପ୍ରଫେସର ପିନାକୀ ଦତ୍ତଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର, ରବୀନ୍ଦ୍ରନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର ଓ ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ଅପ୍ରମିତା ଚାନ୍ଦ, ଡକ୍ଟର ରାଜେଶ କୁମାର ପୃଷ୍ଟି ଓ ଡକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ଯୁବ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ବିଜ୍ଞାନ ଓ କାରିଗରୀ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ସ୍ୱାଗତ ଭାଷଣ ଓ ପ୍ରଫେସର ଆଶିଷ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ, ୨୮।୩ (ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଶୁକ୍ରବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଶୁଣାଣି କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ଛେଣ୍ଡିପଦା ପାଣପଶି ଗ୍ରାମର କୁନା ପ୍ରଧାନ। ୨୦୨୧ ମାର୍ଚ୍ଚ ୨୪ ସନ୍ଧ୍ୟା ୫ଟାରେ ନାବାଳିକା ନିଜ ଘର ପାଖ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ କୁନା ତାଙ୍କୁ ଜୋରଜବରଦସ୍ତ ବିଲମାଳକୁ ନେଇ ଦୁଷ୍କର୍ମ କରିଥିଲା। ଏ ବିଷୟରେ କାହାରିକୁ କହିଲେ, ହତ୍ୟା କରିବାକୁ ଧମକ ଦେଇଥିଲା। ଏ ସଂପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି କୁନାକୁ ଗିରଫ କରିଥିଲା। ଶୁକ୍ରବାର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ବିରଞ୍ଚି ନାରାୟଣ ଜେନା ଏହି ମାମଲାର ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ କୁନାକୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରଦୀପ ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

## ଲାଞ୍ଚୁଆ ଡାକ୍ତରଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ,୨୮।୩(ସମିସ): ଶୁକ୍ରବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ଲାଞ୍ଚୁଆ ଡାକ୍ତରଙ୍କୁ ୩ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଡାକ୍ତରଜଣଙ୍କ ହେଲେ, ଫିରିଙ୍ଗିଆର ତତ୍କାଳୀନ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିଶିଥ ନିଶାନ୍ତ ମାଲୁ।



ସୂଚନାନୁଯାୟୀ, ୨୦୨୧ ମସିହାରେ ଡା. ମାଲୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେଠାରେ ବହୁମୂଖୀ ସ୍ୱାସ୍ଥ୍ୟକର୍ମୀ ଥିବା ବେଣୁପାଣି ଦିଗାଲଙ୍କ ଆରସିଏମ୍ ବିଲ୍ କରାଇଦେବା ପାଇଁ ସେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ବେଣୁପାଣି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ୨୦୨୧ ମାର୍ଚ୍ଚ ୩୧ ତାରିଖ ଦିନ ଡା. ମାଲୁ ଲାଞ୍ଚ ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଛପି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥଲା। ଶୁକ୍ରବାର ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତ ଡା. ମାଲୁ ବର୍ତ୍ତମାନ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି।

## ଓଏସଏସଟିଇଟି ଫଳ ପ୍ରକାଶିତ

କଟକ,୨୮।୩(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପରିଚାଳିତ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍‌ରେ ଫଳ ଉପଲବ୍ଧ ହୋଇଥିବା ବେଳେ ପରୀକ୍ଷାର୍ଥୀମାନେ ସେମାନଙ୍କ ଫଳକୁ ଡାଉନଲୋଡ କରିପାରିବେ। ଏହି ପରୀକ୍ଷାରେ ମୋଟ ୩୬ ହଜାର ୧୬୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମେ' ୨୮ ତାରିଖ ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ଡିଜିଟାଲ ପ୍ରମାଣପତ୍ର ମଧ୍ୟ ପାଇପାରିବେ। ଯେଉଁମାନେ ଅକୃତକାର୍ଯ୍ୟ ହୋଇଛନ୍ତି, ସେମାନଙ୍କୁ ମେ' ୭ତାରିଖ ପର୍ଯ୍ୟନ୍ତ ବୋର୍ଡ ୱେବ୍‌ସାଇଟ୍‌ରୁ ଓଏମ୍ଆର ଉତ୍ତରଖାତା ମିଳିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

**୩୬୧୬୫ କୃତକାର୍ଯ୍ୟ**

ସୂଚନାଯୋଗ୍ୟ, ଗତ ୨୦୨୫ଜାନୁଆରୀ ୧୭ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷାରେ ମୋଟ ୫୦୫୮୮ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୪୮ହଜାର ୨ ଜଣ ପରୀକ୍ଷା ଦେଇଥିଲେ।

### 'କାଳିଆ' ହିତାଧିକାରୀଙ୍କ ପିଲାଙ୍କୁ କୃଷକ ବିଦ୍ୟାନିଧି ସହାୟତା

## ରାଜ୍ୟର ୧୩ହଜାର ଛାତ୍ରଛାତ୍ରୀ ଉପକୃତ

ଭୁବନେଶ୍ୱର, ୨୮।୩(ସମିସ): ପୂର୍ବରୁ ପ୍ରଚଳିତ 'କାଳିଆ' ଯୋଜନାର ନାମ ପରିବର୍ତ୍ତନ କରାଯାଇଥିଲେ ସୁଦ୍ଧା ଏହାର ଢ଼ାଞ୍ଚାକୁ ସରକାର ଅପରିବର୍ତ୍ତିତ ରଖିଛନ୍ତି। କାଳିଆ ହିତାଧିକାରୀଙ୍କ ପୁଅ-ଝିଅଙ୍କ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟା ନିଧି' ଯୋଜନାରେ ସହାୟତା ପ୍ରଦାନ ଅବ୍ୟାହତ ରହିଛି। ଏହି ଯୋଜନା ଅନ୍ତର୍ଗତ ବୈଷୟିକ ଓ ବୃତ୍ତିଗତ ବିଷୟରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିସାନ ହିତାଧିକାରୀ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ଭାଇ ଭଉଣୀଙ୍କ ପୁଅ ଝିଅଙ୍କୁ ବାର୍ଷିକ ଟ୍ୟୁସନ୍ ଫି' ବା ପଢ଼ା ଖର୍ଚ୍ଚ ରାଜ୍ୟ ସରକାରଙ୍କ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯାଉଛି।

ସରକାରୀ, ବେସରକାରୀ ତଥା ଜାତୀୟସ୍ତରର ଶିକ୍ଷାନୁଷ୍ଠାନରେ ଡାକ୍ତରୀ, ଇଞ୍ଜିନିୟରିଂ, ନର୍ସିଂ, ଡିପ୍ଲୋମା ଇଞ୍ଜିନିୟରିଂ, ବିବିଏ, ବିସିଏ ଭଳି ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସରକାରୀ ଅନୁଷ୍ଠାନ ପାଇଁ ଫିସ୍‌କୁ ଛାତ୍ରବୃତ୍ତି ଆକାରରେ ଦିଆଯାଉଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ବାର୍ଷିକ ଭିତ୍ତିରେ ନିର୍ଦ୍ଦିଷ୍ଟ ଫି' ସ୍ଥିର କରାଯାଇଛି। ବି-ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୦ ହଜାର ଟଙ୍କା, ଏମ୍ ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୬ ହଜାର ଟଙ୍କା, ଏମବିଏ ପାଠ୍ୟକ୍ରମ ପାଇଁ ୬୫ ହଜାର ଟଙ୍କା, ୪ ରୁ ୫ ବର୍ଷିଆ ଡାକ୍ତରୀ ଶିକ୍ଷା ନିମନ୍ତେ ବାର୍ଷିକ ୩୭,୯୫୦ ଟଙ୍କା ସ୍କଲାରସିପ୍, ୪ ବର୍ଷିଆ ବି. ଫାର୍ମ ନିମନ୍ତେ ବାର୍ଷିକ ୩୫ ହଜାର ଟଙ୍କା, ନର୍ସିଂ ଶିକ୍ଷା ପାଇଁ ୧୯ ହଜାର ୪୫୦ ଟଙ୍କା, ଦୁଇ ବର୍ଷିଆ ଡାକ୍ତରୀ ଶିକ୍ଷାରେ ସ୍ନାତକ ପାଇଁ ବାର୍ଷିକ ୫୮ ହଜାର ଟଙ୍କା, ଆର୍କିଟେକ୍ଟ ପାଠ୍ୟକ୍ରମ ପାଇଁ ୬୦ ହଜାର ଟଙ୍କା ଦିଆଯାଉଛି। ପାଠ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଜଣେ ଶିକ୍ଷାର୍ଥୀ ଏହାର ସୁବିଧା ପାଉଛନ୍ତି।

ଚଳିତ ବର୍ଷ କୃଷିବିଦ୍ୟାନିଧି ଯୋଜନାରେ ସମୁଦାୟ ୧୩ହଜାର ୯୨୩ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଥିବାବେଳେ ଏଥିରେ ୫୯୨ ଜଣ ମେଡିକାଲ, ୪୫୯୨ ଜଣ ଇଞ୍ଜିନିୟରିଂ, ୪୫୭୪ ଜଣ ପଲିଟେକନିକ, ୧୪୧୭ ଜଣ ନର୍ସିଙ୍ଗ, ୫୧୦ ଜଣ ଏମସିଏ, ୧୭୪ ଜଣ କୃଷି ଓ ଆନୁସଙ୍ଗିକ ଶିକ୍ଷାର୍ଥୀ ସାମିଲ୍ ଅଛନ୍ତି। ଏଥିମଧ୍ୟରୁ ୫୫ ଜଣ ଏନ୍ଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଟନ୍ତି। ଏଥିନିମନ୍ତେ ରାଜ୍ୟ ସରକାର ଚଳିତବର୍ଷ ୫୩,୫୭,୯୪,୪୦୫ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ଏହି ଛାତ୍ରବୃତ୍ତି ରାଶି ଛାତ୍ରଛାତ୍ରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଇଛି।

### ଚିନ୍ତା ବଢ଼ାଇଲାଣି କୋଲାବ ଜଳଭଣ୍ଡାର

## ମାର୍ଚ୍ଚରୁ ଶୁଖିଲାଣି; ଜଳସଙ୍କଟ ଆଶଙ୍କା

କୋରାପୁଟ, ୨୮।୩(ସମିସ): ମାର୍ଚ୍ଚ ସରିନି। କିନ୍ତୁ ଏବେଠାରୁ କୋଲାବ ଜଳଭଣ୍ଡାର ଶୁଖିଲାଣି। ଅଧା କୋରାପୁଟ ଜିଲ୍ଲାର ଶୋଷ ମେଣ୍ଟାଉଥିବା ଏହି ଜଳଭଣ୍ଡାରର ଜଳସ୍ତର କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଗତବର୍ଷ ତୁଳନାରେ ବର୍ତ୍ତମାନ ୩ ଫୁଟ୍ ଜଳସ୍ତର ଖସିଥିବା ଜଣାପଡ଼ିଛି। ଚଳିତ ବର୍ଷ ଭୀଷଣ ଗ୍ରୀଷ୍ମଲହରୀ ହେବା ନେଇ ପାଣିପାଗ ବିଭାଗ ଆଗୁଆ ଆକଳନ କରିଥିବା ବେଳେ ଆଗାମୀ ଦିନରେ ସ୍ଥିତି ଭୟଙ୍କର ହେବ ବୋଲି କୁହାଯାଉଛି। ଏହାକୁ ନେଇ କୋରାପୁଟବାସୀଙ୍କ ଚିନ୍ତା ବଢ଼ି ଯାଇଛି।



ତଥ୍ୟ ଅନୁଯାୟୀ, ଗତବର୍ଷ ଆଜିର ଦିନରେ ଜଳଭଣ୍ଡାରର ଜଳସ୍ତର ୮୫୩.୨୪ ମିଟର ରହିଥିଲା। ଅର୍ଥାତ୍ ଜଳଭଣ୍ଡାରର ଜଳଧାରଣ କ୍ଷମତା ୫୧୯.୨୫୨ ମିଲିୟନ କ୍ୟୁବିକ ମିଟରର ଶତକଡ଼ା ୫୩.୫୩୪ ଜଳ ଜଳଭଣ୍ଡାରରେ ଗଚ୍ଛିତ ଥିଲା। କିନ୍ତୁ ଚଳିତବର୍ଷ ଆଜିର ଦିନରେ ଜଳସ୍ତର ୮୫୦.୫୫ ମିଟର ରହିଛି। ଲାଇଭ୍ ଷ୍ଟୋରେଜ ୩୧୭.୮୭୪ ମିଲିୟନ କ୍ୟୁବିକ ମିଟର ତଥା ଶତକଡ଼ା ୩୩.୯୯୭ ଜଳ ଜଳଭଣ୍ଡାରରେ ଗଚ୍ଛିତ ଅଛି। ବର୍ତ୍ତମାନ ସୁଦ୍ଧା ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩.୫୭୧ କ୍ୟୁବିକ ମିଟର ଜଳ ପ୍ରବେଶ କରୁଥିବା ବେଳେ ୫୨.୦୫୯ କ୍ୟୁବିକ ମିଟର ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର କୌଣସି ବି ଗେଟ୍ ଖୋଲାଯାଇନଥିବା ବେଳେ ଏଥିରୁ ୧୦୬.୯୬ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି।

ଅପରପକ୍ଷେ ଆଗାମୀ ଦିନରେ ଚାଷ ପାଇଁ ଜଳସେଚିତ ଜମିଗୁଡ଼ିକୁ କେନାଲ ମାଧ୍ୟମରେ ପାଣି ଛଡ଼ାଯିବ। ଆଗକୁ ପ୍ରଚଣ୍ଡ ଖରା ରହିଥିବା ବେଳେ ଏବେଠାରୁ ଜଳଭଣ୍ଡାରର ଜଳ ସ୍ଥିତି ଏପରି ରହିଲେ, ଚାଷ ବ୍ୟତୀତ ପାନୀୟ ଜଳର ମଧ୍ୟ ଘୋର ସଙ୍କଟ ଦେଖାଯିବାର ଆଶଙ୍କା ରହିଛି। ତାତି ବଢ଼ିବା ଆଗରୁ ପ୍ରଶାସନ ଉଭୟ ପାନୀୟ ଜଳ, ବିଦ୍ୟୁତ ଉତ୍ପାଦନ ସହ ଜମିକୁ ଜଳଯୋଗାଣ ପାଇଁ ଆଗୁଆ ଚିନ୍ତା ପ୍ରକଟ ନକଲେ, ଜଳକଷ୍ଟରେ ଜିଲ୍ଲାବାସୀ ଘାଣ୍ଟି ହେବେ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି।

# ୩୦ରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

**ପ୍ରଥମ ପର୍ଯ୍ୟାୟରେ ୧୨ ଜାଗା ହେବ ଉଚ୍ଛେଦ**

**ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ**

ବରଗଡ଼,୨୮ ।୩(ସମିସ)

ବହୁଚର୍ଚ୍ଚିତ ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ଜିରା ବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୩୦ ତାରିଖରୁ ହେବ ବୋଲି ସୂଚନା ଦେଇଛି ପୌରପ୍ରଶାସନ। ଶୁକ୍ରବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜବରଦଖଲକାରୀଙ୍କୁ ନିଜ ନିଜର ଜିନିଷ ପତ୍ର ସବୁ ଅନ୍ୟ ସ୍ଥାନକୁ ନେଇଯିବାକୁ ସୂଚନା ଦେଇଛନ୍ତି ପୌରପ୍ରଶାସନ। ଗତ ୨୭ ତାରିଖ ବରଗଡ଼ ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କ ଜମି ଚିହ୍ନଟ କରାଯାଇଥିଲା। ତେବେ ଚିହ୍ନଟ କରାଯାଇଥିବା ସ୍ଥାନରେ କୌଣସି ମୂଲ୍ୟବାନ ଜିନିଷ ଥିଲେ, ତାହାକୁ ଖାଲି କରିବାକୁ ସୂଚନା ଦେବା ସହ କୌଣସି କ୍ଷୟକ୍ଷତି



ହେଲେ ପ୍ରଶାସନ ଦାୟୀ ରହିବ ନାହିଁ ବୋଲି ଜଣାଯାଇଛି। ଗତ ୨୪ ତାରିଖ ଦିନ ବରଗଡ଼ ସଚେତନ ନାଗରିକଙ୍କ ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୧୦ ଦିନ ମଧ୍ୟରେ ଯଦି ଜବରଦଖକାରୀଙ୍କୁ ଉଚ୍ଛେଦ କରା ନ ଯିବ, ତା ହେଲେ ଆନ୍ଦୋଳନ ଜୋରଦାର ହେବ। ହେଲେ ଗତକାଲି ରାଜସ୍ୱ ନିରୀକ୍ଷକ ଅଧିକାରୀ ସଞ୍ଜୀବ ମିଶ୍ର ଓ ଷ୍ଟାଫ ୧୨ ଟି ଜାଗା ମାପି କେତେ ଭଙ୍ଗାଯିବ ଚିହ୍ନଟ କରିଥିଲେ। ଆଜି ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ଦ୍ୱାରା ଆସନ୍ତା ୩୦ ରୁ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି।

## ସଫଳ ହେଲା ସିଆରସିସିଙ୍କ ପ୍ରୟାସ

# ସ୍କୁଲ ଆଗରେ ଲାଗିଲା ସ୍ପିଡ୍ ବ୍ରେକର



**ବରଗଡ଼,୨୮ । ୩(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ବୈତାଳି କ୍ଲଷ୍ଟର ସିଆରସିସି ଦିବସ କୁମାର ସାହୁ ଶିକ୍ଷା କ୍ଷେତ୍ରରେ ନିଜର ଅଭିନବ ଉଦ୍ୟମ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବା ସହ ନିଃସ୍ୱାର୍ଥପର ସେବା ମନୋଭାବ ଯୋଗୁଁ ସୁପରିଚିତ। କିଛି ଦିନ ପୂର୍ବରୁ ସେ ବୈତାଳି କ୍ଲଷ୍ଟର ଅନ୍ତର୍ଗତ ରାସ୍ତା କଡ଼ରେ ଥିବା ଚାରିଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସ୍କୁଲ ସମ୍ମୁଖରେ ସ୍ପିଡ୍ ବ୍ରେକର ପ୍ରଦାନ କରିବା ପାଇଁ ଝାରବନ୍ଧ ଥାନାଧିକାରିଣୀଙ୍କୁ ଲିଖିତ ଭାବେ ଜଣାଇବା ସହ ପୂର୍ତ୍ତ ବିଭାଗ ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରିଥିଲେ। ଉକ୍ତ କ୍ଲଷ୍ଟର ଅନ୍ତର୍ଗତ ଦୁଇଟି ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ସ୍ପିଡ୍ ବ୍ରେକର ଲଗାଯାଇଛି। ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ପିଡ୍ ବ୍ରେକର ଲାଗିବା ପରେ ଗାଡ଼ିଗୁଡ଼ିକ ଏବେ ଧୀରେ ଧୀରେ ଯାତାୟାତ କରୁଥିବା ପରିଲକ୍ଷିତ ହେଉଛି।

# ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ବୈଠକ

**ପଦ୍ମପୁର, ୨୮।୩ (ସମିସ):** ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ରାଜନୈତିକ ଦଳ ଦ୍ୱାରା ପ୍ରତି ବୁଥରେ ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକିୟା ଆରମ୍ଭ କରାଯାଇଛି। ଏଥିପାଇଁ ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳ ସହିତ ଅତିରିକ୍ତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଫିସଗୃହରେ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଅତିରିକ୍ତି ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଆଲୋକପାତ କରିଥିଲେ। ଉପଖଣ୍ଡସ୍ତରୀୟ ପ୍ରତି ବୁଥରେ ରାଜନୈତିକ ଦଳଙ୍କ ଦ୍ୱାରା ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଅତିରିକ୍ତି ଜିଲ୍ଲାପାଳ ମୋତିରାମ କୁଣାଲ ଚୈହାନ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ,



ବିୟୋଗ , ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲଏ ମାନେ ବିଏଲଓ ମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ବୁଝାଇ ଦିଆଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଡେପୁଟି କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ନିତୁଶ୍ରୀ ମେହେରେ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ନିର୍ବାଚନ କମିଶନ ଓ ଭାରତର ଏକକ ପରିଚୟ ପତ୍ର ପ୍ରକରଣ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସହମତି କ୍ରମେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରାଯିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ବିଏଲଏ ନିଯୁକ୍ତ ପକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି।

# 'ମଦର ପ୍ରସାର ଓଡ଼ିଶାର ସାମାଜିକ ବ୍ୟବସ୍ଥା ନଷ୍ଟକରୁଛି'

**ପଦ୍ମପୁର,୨୮।୩ (ସମିସ):** ଓଡ଼ିଶାର ଗାଁ ମାନଙ୍କରେ ବ୍ୟାପକ ମାତ୍ରାରେ ମଦଭାଟିର ପ୍ରସାର ଚାଲିଥିବାରୁ ଗାଁର ସାମାଜିକ ଅବସ୍ଥା ବିଗିଡ଼ିବାରେ ଲାଗିଛି ଓ ଗାଁର ଆର୍ଥିକ ଅବସ୍ଥା ଉପରେ ଏହା ବୋଝ ହୋଇଛି । ଦେଶର ଅନ୍ୟ ରାଜ୍ୟରେ ମଧ୍ୟ ଏଭଳି ଅବସ୍ଥା ଥିବାରୁ କେନ୍ଦ୍ର ସରକାର ଅବକାରୀ ବିଭାଗକୁ କେନ୍ଦ୍ର ଅଧୀନକୁ ନେବା ପାଇଁ ସରକାର ବିଚାର କରିବାକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଲୋକ ସଭାରେ ଦାବି କରିଛନ୍ତି । ବିଶେଷ କରି ପଶ୍ଚିମ ଓଡ଼ିଶାରେ ମଦ ବ୍ୟବସାୟରେ ବର୍ଷକୁ ୫ ଶହ କୋଟିରୁ ଅଧିକ ଟଙ୍କାର କାରବାର ହେଉଛି ଓ ମଦ ବ୍ୟବସାୟୀମାନେ ଅଧିକ ଲାଭପାଇବା ପାଇଁ ୟୁରିଆ ଓ କିଛି ବିଷାକ୍ତ ପଦାର୍ଥ ମିଶ୍ରଣ କରି ମଦ ତିଆରି କରୁଥିବାରୁ ବହୁ ଯୁବକ ମଦ ଶିକାରରେ ଆସି ଅକାଳେ ମୃତ୍ୟୁବରଣ କରୁଛନ୍ତି ବୋଲି ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ଗୁରୁତର ଅଭିଯୋଗ ଆଣିଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ଜିଲ୍ଲାର ୧୨୭ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା ଏବଂ ବାରାଣସୀ ଯାତ୍ରା

**ବରଗଡ଼,୨୮ । ୩(ସମିସ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁରରୁ ଅଯୋଧ୍ୟା ଏବଂ ବାରାଣସୀ ଅଭିମୁଖେ ଆଧ୍ୟାତ୍ମିକ ଯାତ୍ରାରେ ବରଗଡ଼ ଜିଲ୍ଲାର ୧୨୭ ଜଣ ବରିଷ୍ଠ ନାଗରିକ ତଥା ତୀର୍ଥଯାତ୍ରୀଙ୍କ ଯାତ୍ରାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଟାଉନ ହଲଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ ଏବଂ ସୂର୍ଯ୍ୟମଣି ଭୋଇଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଯାତ୍ରାର ଶୁଭାରମ୍ଭ କରିଥିଲେ । ପର୍ଯ୍ୟଟନ ଅଧିକାରୀ ପ୍ରମୋଦ କୁମାର ସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଥିବା ବେଳେ ଯାତ୍ରାରେ ବରିଷ୍ଠ ନାଗରିଗଙ୍କୁ ସହଯୋଗ କରିବା ପାଇଁ ୪ ଜଣ ଏସକୋର୍ଟ ଅଫିସର ନିୟୋଜିତ ଅଛନ୍ତି।




# ଷୋହଲ ପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଦହିତା, ୨୮।୩ (ସମିସ):** ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁବୁଡ଼ା ଗ୍ରାମରେ ଅଖଣ୍ଡ ଷୋହଳ ପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଯୋଗଦାନ କରିଛନ୍ତି । ଗ୍ରାମର ସଂକୀର୍ତ୍ତନ ଦଳ ଏବଂ ଶଙ୍ଖ ଘଣ୍ଟ ବାଦ୍ୟରେ ବୁବୁଡ଼ା ଗ୍ରାମ ଉତ୍ସବ ମୁଖର ହୋଇଛି । ପୂଜକ ପଣ୍ଡିତ ଅରକ୍ଷିତ ପଣ୍ଡା ଓ ସତ୍ୟ ଦାଶ ପୂଜାକାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବରେ ଗ୍ରାମର ଗୌନ୍ତିଆ ଡିଲେଶ୍ୱର ବରିହା ଓ ଧର୍ମପତ୍ନୀ ମହେନ୍ଦ୍ରୀ ବରିହା, ପିତବାସ ବୁଡେକ ଓ ପତ୍ନୀ ମିରା ବୁଡେକ, ରାଜେଶ ଡନସନା ଓ ପତ୍ନୀ ମିନତୀ ଡନସନା ପ୍ରମୁଖ କାର୍ଯ୍ୟନିର୍ବାହ କରିଛନ୍ତି। ସେହିପରି କମିଟିର ବିରେନ ଦାଶ,ହେମନ୍ତ ବଡ଼ଗୁଛିଆ,ଦିନ ବୁଡେକ,ନୀଳମଣି ଖମାରୀ,ପଙ୍କଜ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଛନ୍ତି।

# ପିଏମଶ୍ରୀ ବାଳିକା ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର



**ପଦ୍ମପୁର, ୨୮।୩ (ସମିସ):** ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଡାକ୍ତରଖାନାର ଡା. ଇପି ପାଣିଗ୍ରାହୀ ଓ ଡା. ଖ୍ୟାତି ସମ୍ବବା ମହାପାତ୍ର ଯୋଗଦେଇ ପିଲାଙ୍କୁ ସୁସ୍ଥ ଜୀବନର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଷଷ୍ଠରୁ ନବମ ଶ୍ରେଣୀର ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟଗତ ପରୀକ୍ଷା କରି ଉପଯୁକ୍ତ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୂଜାରାଣୀ ନାୟକ, ରବୀନା ପଧାନ, ସଂଯୁକ୍ତା ଭୋଇ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ଖୁସବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ଅମନ୍ କୁମାର ପଣ୍ଡା, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନିଳୀମା ରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

# ଆଇସିଡିଏସ୍ କାର୍ଯ୍ୟାଳୟରେ ମେଡିସିନ କିଟ୍ କିଣା ଦୁର୍ନୀତିର ପ୍ରଶାସନିକ ତଦନ୍ତ ଆରମ୍ଭ

**ସୋହେଲା,୨୮।୩(ସମିସ):** ସୋହେଲା ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ) କାର୍ଯ୍ୟାଳୟ ଅଧୀନସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ମେଡିସିନ କିଟ୍ କିଣାରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ନେଇ ଗତ ୨୧ ତାରିଖରେ ରାଜ୍ୟର ପ୍ରମୁଖ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବରଗଡ଼ ଡିଏସଡବ୍ଲୁଓ, ସୋହେଲା ବ୍ଲକ ଏବିଡିଓ ଏବଂ ମେଡିକାଲ ଅଫିସରଙ୍କୁ ନେଇ ୩ ଜଣିଆ କମିଟି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ତଦନ୍ତକାରୀ ଦଳ ଗତ ୨୫ତାରିଖ ଦିନ ସୋହେଲା ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅନେକ କେନ୍ଦ୍ରରୁ ମେଡିସିନ କିଟ୍ ଗାୟବ ହୋଇଯାଇଥିବା, କିଏ ଏହି କିଟ୍ ଦେଇଛି ସେ ସଂପର୍କରେ ଅଙ୍ଗନବାଡ଼ି କର୍ମୀମାନେ କିଛି ଜାଣି ନଥିବା ପ୍ରକାଶ କରିଥିଲେ। କିଛି କର୍ମୀ ବରଗଡ଼ରୁ କିଏ ଆସି ଦେଇଥିବା ପ୍ରକାଶ କରିଥିଲେ। ସେହିପରି କେତେକ କେନ୍ଦ୍ରରେ ମେଡିସିନ କିଟ୍ ଅଙ୍ଗନବାଡ଼ି କର୍ମୀମାନେ ନିଜେ କିଣିଥିବା ମଧ୍ୟ ପ୍ରକାଶ କରିଥିଲେ। କିନ୍ତୁ କୌଣଷି ଅଙ୍ଗନବାଡ଼ି କର୍ମୀ ନିକଟରେ ମେଡିସିନ କିଟ୍ କିଣାର ରସିଦ ନଥିବା ତଦନ୍ତକାରୀ ଦଳ ଦେଖିବାକୁ ପାଇଥିଲେ। ଅନ୍ୟ ପକ୍ଷରେ ଏହି ଘଟଣାରେ ବଦନାମ ହୋଇଥିବା ଆଇସିଡିଏସ୍ କାର୍ଯ୍ୟାଳୟ ନିଜର ସମ୍ମାନ ରକ୍ଷା ନିମନ୍ତେ ବ୍ୟାପକ ଉଦ୍ୟମ କରୁଥିବା ଜଣାପଡିଛି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ମାଣ୍ଡୋସିଲ, ୨୮ ।୩ (ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ସ୍ୱତନ୍ତ୍ର ଅତିଥି ଭାବରେ ଅଧ୍ୟାପିକା ସସ୍ମିତା ସରିଆ ଯୋଗଦେଇଥିଲେ। ଅଧ୍ୟାପିକା ବବିତା ମଲ୍ଲିକ ସଭା ପରିଚାଳନା କରିଥିଲେ। ନନ୍ଦିନୀ ରାଉଲ ଛାତ୍ରଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ଦେଇଥିଲେ। ପରେ ପ୍ରଶିକ୍ଷିତ ଛାତ୍ରୀଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା । ଶେଷରେ ଅଧ୍ୟାପିକା ବବିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

**ବରଗଡ଼,୨୮ । ୩(ସମିସ):** ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଜିଲ୍ଲାପାଳ ଆଦିତ୍ୟ ଗୋଏଲ୍ କାର୍ଯକ୍ରମର ଉଦଘାଟନ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ସଭାପତି ଓମଫେଡ୍ ଜିଏମ, ସାମଲ, ଏସଡିସିସି ବ୍ୟାଙ୍କ୍ ସଭାପତି ନରେନ୍ଦ୍ର ପ୍ରଧାନ , ଧର୍ମେନ୍ଦ୍ର କୁମାର ସାବତ୍ (ଅଧ୍ୟକ୍ଷ କୃତାର୍ଥ ଆଚାର୍ଯ୍ୟ ସମବାୟ ପ୍ରଶିକ୍ଷଣ), ଭକ୍ତେଶ୍ୱର ମଲ୍ଲିକ,ଡ. ସରୋଜ ସାହୁ,ଜିଲ୍ଲାର ବିଭିନ୍ନ ବିଭାଗ ଅଧିକାରୀ, ଏସଏଚଜି ଗ୍ରୁପ୍ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ



ଜିଲ୍ଲାପାଳ ପ୍ରଦ୍ୱୀପ ପ୍ରଜ୍ୱଳନ କରି 'ମୁଖ୍ୟମନ୍ତ୍ରୀ କାମଧେନୁ' ଯୋଜନାର ଶୁଭାରମ୍ଭ କରିଥିଲେ ଏବଂ ଗାଈଛୁଆଙ୍କୁ ଗୋଖାଦ୍ୟ ଖାଇବାକୁ ଦେଇଥିଲେ । ଭଲ ପ୍ରଦର୍ଶନ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ।

# ପ୍ରାଥମିକ କୃଷି ସମବାୟ ସମିତିର ବୈଠକ

**ମାଣ୍ଡୋସିଲ,୨୮ ।୩(ସମିସ):** ପାଇକମାଳ ବ୍ଲକ ଝାରବନ୍ଧ ଗାଁରେ ଜାମସେଠ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ପାକ୍ସ ସଭାପତି ରାଜେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତି ବିଭିନ୍ନ ବିଷୟ ଉପରେ ଚାଷୀମାନଙ୍କ ସହ ଆଲୋଚନା ହୋଇଥିଲା। ଏଥିରେ ଗିରିଶ ଡନସନା, ବିଶ୍ୱନାଥ ବାଗ, ବେଣୁଧର ବେହେରା,ରୂପାଧର ନାଏକ, ନରସିଂହ ବନଛୋର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ଓଡ଼ିଶା ଡ୍ରାଇଭର ମହାସଂଘର ସେବାକାର୍ଯ୍ୟ



**ଗାଇସିଲେଟ, ୨୮।୩(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଳପାଲିଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ପ୍ରତ୍ୟେକ ଦିନ ପାରାୟଣ ପଠନ, ବୈଠକି କୀର୍ତ୍ତନ, ଗଙ୍ଗା ଆରତୀ, ନାମଯଜ୍ଞ, ଇନ୍ଦ୍ରଦ୍ୟୁମ୍ନ ଦରବାର ଓ ମିନାବଜାର ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ। ଗ୍ରାମବାସୀଙ୍କ ତରଫରୁ ପ୍ରତ୍ୟେକ ଦିନ ଏଠାରେ ଭକ୍ତମାନଙ୍କ ପାଇଁ ଅନ୍ନ ଛତ୍ରର ବ୍ୟବସ୍ଥା କରାଯାଇଥିଲା। ଅସମ୍ଭାଳ ଭିଡ଼କୁ ଆଖି ଆଗରେ ରଖି ଓଡ଼ିଶା ଡ୍ରାଇଭର ମହାସଂଘ ବୁଡ଼ାମାଲ ଗ୍ରାମପଞ୍ଚାୟତ ସଭାପତି ଶିବ ସାହୁଙ୍କ ନେତୃତ୍ୱରେ ଦହିତା, କଟାବାହାଲ ଓ ବୁଡ଼ାମାଲ ସଂଘର ଉପସଭାପତି ପିତାମ୍ବର ମେହେର,ସମ୍ପାଦକ ଦିଲ୍ଲୀପ ବେହେରା, ବିଜୟ ରଞ୍ଜନ ମେହେର, ଦହିତା ସଭାପତି କିଶୋର ବଡମାଲି, ଡମ୍ବରୁଧର ମେହେର, କୋଷାଧ୍ୟକ୍ଷ ରମେଶ ରଣା, ଜଗନ୍ନାଥ ପଧାନଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇ ସକାଳ ୧୦ଟା ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତେ ଯାତ୍ରା ଦେଖିବାରେ ବ୍ୟସ୍ତଥିବା ସମୟରେ ଡ୍ରାଇଭରଙ୍କ ଏଭଳି ସେବା କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଥିବା ବେଳେ ଶବର ରାଜା ବିଶ୍ୱାବସୁଙ୍କ ଦରବାରରେ ରାଜା ବିଶ୍ୱାବସୁ କମିଟିର ସଭାପତି ତଥା ଗ୍ରାମର ଗୌନ୍ତିଆ ମନୋରଞ୍ଜନ ସାହୁ ଏବଂ ସମ୍ପାଦକ ଶେଷଦେବ ଦାଶ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

## ବିଭିନ୍ନ ସମସ୍ୟା ଉଠାଇଲା ସଂଯୁକ୍ତ କୃଷକ ସଂଗଠନ

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ବରଗଡ଼, ୨୮ ।୩(ସମିସ)

ମାର୍ଚ୍ଚ ୨୮ରେ ସମଗ୍ର ଭାରତର ବିଭିନ୍ନ ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜାତୀୟ ସମନ୍ୱୟ ସମିତି ଆହ୍ୱାନ ଦେଇଥିଲା। ଆହ୍ୱାନ ମୁତାବକ ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ରାଜ୍ୟସ୍ତରୀୟ ଏବଂ ସ୍ଥାନୀୟ ସମସ୍ୟା ଉପରେ ମଧ୍ୟ ସଂଗଠନ ଦାବିପତ୍ର ପ୍ରଦାନ କରିଛି।

ପଞ୍ଜାବରେ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଏମଏସପି, ବଜାର ବ୍ୟବସ୍ଥା, ବିଦ୍ୟୁତ ସମସ୍ୟା, ଜମି ଅଧିଗ୍ରହଣ, କୃଷିଋଣ ଛାଡ଼, କୃଷି ବିପଣନ ଉପରେ ରାଷ୍ଟ୍ରୀୟ ନୀତି ରୂପରେଖା ବିରୋଧରେ ଦୀର୍ଘଦିନରୁ ଆନ୍ଦୋଳନ ଚାଲିଆସୁଥିଲା। ହଠାତ ଦମନ କରିବା ପାଇଁ ପୁଲିସ ସାହାଯ୍ୟରେ ପ୍ରଥମେ ଜଗଜିତ ସିଂ ଦଲେୱାଲଙ୍କ ସମେତ ୩୫୦ ଜଣଙ୍କୁ ଗିରଫ କରି ପରେ ୮୦୦ କୃଷକଙ୍କୁ ଗିରଫ କରି ଜେଲ ପଠାଇବାକୁ ବିରୋଧ କରି ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ବିଦ୍ୟୁତ ସମସ୍ୟା ଉତ୍କଟ ରୂପ ନେଲାଣି। ଅଘୋଷିତ ବିଦ୍ୟୁତ କାଟ, ଲୋ ଭୋଲଟେଜ ସାଙ୍ଗକୁ ମାତ୍ରାଧିକ ଲାଇନ ବିଲ ଏବଂ ବକେୟା ବିଦ୍ୟୁତ ବିଲ ଅସୁଲି ନାଁ ରେ ଲାଇନ କାଟିବା ଘଟଣା ଦେଖିବାକୁ ମିଳୁଛି। ଏଣୁ ସଂଗଠନର ପୂର୍ବ ନିଷ୍ପତ୍ତି ଅନୁସାରେ ବକେୟା ବିଦ୍ୟୁତ ବିଲ ଛାଡ଼, ୩୦୦ ୟୁନିଟ୍ ବିଦ୍ୟୁତ ମାଗଣା, ଜଳସେଚନ କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ୍ ବିଲ୍ ଜଳସେଚନ ଆଧାରରେ ଧାର୍ଯ୍ୟ କରିବା ପାଇଁ ୨୫ ହଜାର ବିଦ୍ୟୁତ ଉପଭୋକ୍ତା ଲିଖିତ ଭାବେ ଜଣାଇଛନ୍ତି। ଅମ୍ବାଭୋନା ବିଦ୍ୟୁତ ଜେଇ ଈଶାନ୍ତ ଭୋଇଙ୍କୁ ମାଡ଼ ମରିଥିବା ଘଟଣାକୁ ଅତି ଗମ୍ଭୀର ଭାବେ ସଂଗଠନ ଗ୍ରହଣକରି ଦୋଷୀ ଜେଇଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛି। ଧାନ ପଞ୍ଜୀକରଣ ସମୟ ସୀମା ବୃଦ୍ଧି ଏବଂ ଲାଇନ ବିଲ ବାଧ୍ୟତାମୂଳକ ନ କରିବା ପାଇଁ ଜିଲ୍ଲାପାଳଙ୍କୁ ଜଣାଇଛି। ପୂର୍ବ ଫସଲ ବୀମା ତୁରନ୍ତ ନ ଦେଲେ ଯେ କୌଣସି ମୁହୂର୍ତ୍ତରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛି। ପ୍ରଥମେ ଅଫିସ ଆଗରେ ଧାରଣା ଦେଇ ପରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ରମେଶ ମହାପାତ୍ର, ଅଜିତ ଶତପଥୀ,ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ନିରଞ୍ଜନ ପଧାନ, ଈଶାନ୍ତ ଭୋଇ, ଦିଲୀପ ପଧାନ, ତପନ ମିଶ୍ର, ସୁବାସ ସାମନ୍ତରାୟ, ରବିଶଙ୍କର ପଧାନ ବକ୍ତବ୍ୟ ରଖିଥିଲେ।



# ଅବଶିଷ୍ଟାଂଶ

## କେନ୍ଦ୍ର କର୍ମଚାରୀଙ୍କ ...

ପାଇଁ ଉର୍ଦ୍ଧ୍ୱଷ୍ଟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତିକୁ ଧ୍ୟାନରେ ରଖି ଏହି ବୃଦ୍ଧି କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ମୁଦ୍ରାସ୍ଫୀତି କମ୍ ରହିଛି । ଗତବର୍ଷ, ମହଙ୍ଗା ଭତ୍ତା ଅକ୍ଟୋବରରେ ୩% ଏବଂ ମାର୍ଚ୍ଚରେ ୪% ବୃଦ୍ଧି କରାଯାଇଥିଲା । ଗତ ବର୍ଷ ଅକ୍ଟୋବରରେ ୩% ବୃଦ୍ଧି ପରେ, ମହଙ୍ଗା ଭତ୍ତା ମୂଳ ଦରମାର ୫୩% ହୋଇଯାଇଥିଲା । ଏବେ ୨% ବୃଦ୍ଧି ପରେ ଏହା ମୂଳ ଦରମାର ୫୫% ହୋଇଯାଇଛି । ଏହାର ଅର୍ଥ ହେଉଛି ଯଦି ଜଣେ କର୍ମଚାରୀଙ୍କ ମୂଳ ଦରମା ୧୦ ହଜାର ଟଙ୍କା, ତେବେ ତାଙ୍କୁ ଏବେ ୫୫୦୦ ଟଙ୍କା ମହଙ୍ଗା ଭତ୍ତା ମିଳିବ ।

## ମେ ୧୫ରେ...

ମାର୍କ ଥିବା ବିଷୟଗୁଡ଼ିକ ପାଇଁ ୩୦ଟି ଖାତା ୫ ଘଣ୍ଟାରେ ଭିତରେ ଶିକ୍ଷକ ଦେଖିବା ପାଇଁ ସ୍ଥିର କରାଯାଇଛି । ଶିକ୍ଷକମାନେ ୭୦ ଓ ୮୦ ମାର୍କ ଥିବା ବିଷୟ ପାଇଁ ୫ ଘଣ୍ଟାରେ ୨୦ଟି ଖାତା ଦେଖିପାରିବେ । ସେ ଆହୁରି କହିଛନ୍ତି, ଚଳିତବର୍ଷ ମୋଟ ୩୦୦ ଜଣ ବିଦ୍ୟାର୍ଥୀ କପି କରି ଧରା ପଡ଼ିଛନ୍ତି । ତ୍ରୁଟିପୂର୍ଣ୍ଣ ଭାବେ ମାଲ୍‌ପାକ୍ଟିସ୍‌ରେ ବୁକ୍ ହୋଇଥିବା ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକା ସାଙ୍ଗରେ ପ୍ରକାଶ ପାଇବ । ପରିଷଦ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟିର ଯାଞ୍ଚରେ ମାଲ୍‌ପାକ୍ଟିସ୍‌ରେ ବୁକ ହୋଇଥିବା ଛାତ୍ରଛାତ୍ରୀ ନିଜର ପକ୍ଷ ରଖିବେ । ଯେଉଁମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହେବେ, ସେମାନଙ୍କ ପରୀକ୍ଷା ଫଳ ସ୍ୱାଭାବିକ ଭାବେ ପ୍ରକାଶ ପାଇବ । ଚଳିତ ବର୍ଷ ଠାରୁ ଏହି ନୂଆ ନିୟମ ଲାଗୁ ହେବ । ପୂର୍ବରୁ ଭୁଲ୍‌ରେ ମାଲ୍‌ପାକ୍ଟିସ୍‌ରେ ବୁକ ହେଉଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ସାଧାରଣ ପିଲାଙ୍କ ପରୀକ୍ଷା ଫଳ ବାହାରିବାର ତିନି ମାସ ପରେ ପ୍ରକାଶ ପାଉଥିଲା । ଯେଉଁଥିପାଇଁ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ।

## ଦୋହଲିଗଲା ମ୍ୟାଁମାର୍...

ଲୋକ ନିଖୋଜ ଅଛନ୍ତି । ତେଣୁ ମୃତ୍ୟୁସଂଖ୍ୟା ହଜାରେ ଟପିବା ଆଶଙ୍କା କରାଯାଉଛି । ଭୂକମ୍ପ ପ୍ରଭାବରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଥାଇଲାଣ୍ଡ । ବ୍ୟାଙ୍କକ୍‌ରେ ୩୦ ମହଲା ବିଶିଷ୍ଟ ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିଛି । ଏହି କୋଠାରେ ୪୦୦ ଲୋକ କାମ କରୁଥିଲେ । ଏମାନଙ୍କ ମଧ୍ୟରୁ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୮୦ ଜଣ ନିଖୋଜ ଅଛନ୍ତି । ସେହିପରି ଭୂକମ୍ପ ପ୍ରଭାବରେ ବ୍ୟାଙ୍କକ୍‌ର ଏକ ବହୁତଳ କୋଠା ଛାତରେ ଥିବା ସ୍ୱିମିଂ ପୁଲ୍‌ରୁ ପାଣି ଲହଡ଼ିମାରି ଜଳପ୍ରପାତ ଭଳି ତଳକୁ ଉଛୁଳି ପଡ଼ିଥିଲା ।

ଭୂକମ୍ପର ସ୍ଥିତି ଏତେ ଭୟଙ୍କର ଥିଲା ଯେ, ଘରଗୁଡ଼ିକ ଡଙ୍ଗା ପରି ଦୋହଲିବାରେ ଲାଗିଥିଲା । ଏହା ଦେଖିବା ମାତ୍ରେ ଲୋକେ ଯିଏ ଯେଉଁଠି ଥିଲେ ଜୀବନ ବିକଳରେ ଦୌଡ଼ିବାରେ ଲାଗିଥିଲେ । ଘରଦ୍ୱାର, ଅଫିସ, ବିମାନବନ୍ଦର, ହୋଟେଲ ଆଦି ଛାଡ଼ି ବାହାରକୁ ପଳାଇ ଆସିଥିଲେ । ଏହି ସମୟରେ କିଛି ତଳେ ପଡ଼ି ଆହତ ହୋଇଥିଲେ । ବାଇକରେ ଏବଂ ଚାଲି ଚାଲି ଯାଉଥିବା ଲୋକ ମଧ୍ୟ ତଳେ ପଡ଼ି ଯାଇଥିଲେ । କିଛି ସମୟ ପରେ ଆଉ ତିନି ଥର ଭୂକମ୍ପ ଆସିଥିଲା । ଏହା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଥିଲା । ରାସ୍ତାଘାଟ ଏବଂ ବହୁ କୋଠାରେ ଫାଟ ସୃଷ୍ଟି ହୋଇଛି । ରାଜପ୍ରାସାଦର କିଛି ଅଂଶ ମଧ୍ୟ ଭାଙ୍ଗି ଯାଇଛି । ରାଜଧାନୀରେ ଏକ ହସ୍ପିଟାଲ ଏବଂ ମଣ୍ଡାଲରେ ଥିବା ଏକ ମସଜିଦ ମଧ୍ୟ ଭୁଶୁଡ଼ି ଯାଇଛି । ଏହାର ଅବଶେଷ ତଳେ ଅନେକ ଲୋକ ଫସି ରହିଛନ୍ତି । ଭୂକମ୍ପ ଯୋଗୁଁ ଦେଶରେ ଟ୍ରେନ, ବସ୍ ସେବା ପ୍ରଭାବିତ ହୋଇଛି । ବିମାନ ସେବାକୁ ବନ୍ଦ କରିଦିଆଯାଇଛି । ଲକ୍ଷାଧିକ ଘରୁ ବିଦ୍ୟୁତ ସଂଯୋଗ କଟି ଯାଇଛି । ଭୂକମ୍ପରେ ମଣ୍ଡାଲେ ଏବଂ ୟାଙ୍ଗୋନ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଛି ।

ଆମେରିକା ଜିଓ୍ୱଲୋଜିକାଲ ସର୍ଭେ (ୟୁଏସଜିଏସ) ଅନୁଯାୟୀ ଏହି ଭୂକମ୍ପ ଜନିତ ମୃତ୍ୟୁ ଆଶଙ୍କାକୁ 'ରେଡ୍ କାଟାଗୋରି'ରେ ରଖାଯାଇଛି । ଏଥିରେ ୧୦ ହଜାରରୁ ଲକ୍ଷେ ଲୋକଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଥାଏ । ସୂଚନା ଅନୁଯାୟୀ ଭାରତର କୋଲକାତା, ଇମ୍ଫାଲ, ମେଘାଳୟ ଏବଂ ଇଷ୍ଟ କାର୍ଗୋ ହିଲ୍‌ରେ ଝଟ୍‌କା ଅନୁଭୂତ ହୋଇଥିଲା । ସେହିପରି ବାଂଲାଦେଶର ଢାକା, ଚଟଗାଁଓ ସମେତ ଅନେକ ଅଞ୍ଚଳରେ ୭.୩ ତୀବ୍ରତାରେ ଥରି ଉଠିଥିଲା । ଚୀନ୍‌ର ୟୁନାନ ପ୍ରଦେଶରେ ଭୂକମ୍ପର ତୀବ୍ରତା ୭.୯ ଥିଲା । ତେବେ ଏଠାରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ।

ଏପରି ସମୟରେ ମ୍ୟାଁମାର୍‌ର ସାମରିକ ଶାସକ ଜୁଣ୍ଟା ମୁଖ୍ୟ ମିନ ଅଙ୍ଗ ହଇଙ୍ଗ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି । ସେ ଅନ୍ତର୍ଜାତୀୟ ସହାୟତା ମାଗିଛନ୍ତି । ମ୍ୟାଁମାର ପରେ ଥାଇଲାଣ୍ଡ ଭୂକମ୍ପରେ ସର୍ବାଧିକ ପ୍ରଭାବିତ ହୋଇଛି । ଏହି ଦେଶରେ ୧୫ ଜଣଙ୍କ ଜୀବନ ଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଭୂମିକମ୍ପ ପରେ ସୃଷ୍ଟି ହୋଇଥିବା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ନାଗରିକଙ୍କ ସୁରକ୍ଷା ଏବଂ ମଙ୍ଗଳ କାମନା କରିଛନ୍ତି । ଏହି ଦୁଃଖର ମୁହୂର୍ତ୍ତରେ ମ୍ୟାଁମାର ଓ ଏବଂ ଥାଇଲାଣ୍ଡକୁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଏ ନେଇ ସେ ପ୍ରସ୍ତୁତ ରହିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ବୈଦେଶିକ ମନ୍ତ୍ରାଳୟକୁ ଦୁଇ ଦେଶର ସରକାରଙ୍କ ସହିତ ଯୋଗାଯୋଗରେ ରହିବାକୁ କୁହାଯାଇଛି । ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟଙ୍କ ଲାଗି ଜରୁରୀ ସହାୟତା ନମ୍ବର ଜାରି କରାଯାଇଛି ।

## ରାଜ୍ୟ ଯୋଜନା...

ବ୍ୟକ୍ତିଙ୍କୁ ଏହି ପଦରେ ଅବସ୍ଥାପିତ କରାଯାଇଥାଏ । ତେଣୁ ସ୍ୱାଭାବିକ ଭାବରେ ଶାସକ ବିଜେପିରେ ଏହି ପଦ ପାଇଁ ଅନେକ ବ୍ୟକ୍ତି ଆଶାୟୀ ଅଛନ୍ତି ଓ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ପ୍ରାୟ ୬/୭ ଜଣ ବରିଷ୍ଠ ନେତା ଏହି ପଦଉପରେ ଆଖି ରଖିଛନ୍ତି । ମାତ୍ର ସହମତି ହୋଇ ପାରୁ ନ ଥିବାରୁ ଏହି ପଦରେ କାହାରିକୁ ନିଯୁକ୍ତି ଦିଆଯାଇ ପାରୁନାହିଁ । ଏକପକ୍ଷରେ ରାଜ୍ୟ ବିଜେପି ସଭାପତି ନାମ ଘୋଷଣା ବିଳମ୍ବିତ ହୋଇ ଚାଲିଥିବାବେଳେ ବିଭିନ୍ନ ନିଗମ, ବୋଡର୍‌ର ଅଧ୍ୟକ୍ଷ ଓ ଉପଦେଷ୍ଟା ପଦରେ ଥଇଥାନ ନିଷ୍ପତ୍ତି ଚୂଡ଼ାନ୍ତ ଅନୁମୋଦନ ପାଇନାହିଁ । ସେହିପରି ମନ୍ତ୍ରିମଣ୍ଡଳରେ ୬ଟି ମନ୍ତ୍ରୀ ପଦ ମଧ୍ୟ ପୂରଣ ହୋଇପାରି ନାହିଁ । ଏହି କ୍ରମରେ ଆଉ ଦିନେ ଦୁଇଦିନ ପରେ ବିଧାନସଭା ଅଧିବେଶନ ଶେଷ ହେବା ପରେ ବିଜେପି ରାଜ୍ୟ ସଭାପତିଙ୍କ ନାମ ଘୋଷଣା ସହ ନିଗମ ଓ ବୋଡର୍ ଅଧ୍ୟକ୍ଷ ପଦ ସହ ଯୋଜନାବୋଡର୍ ଅଧ୍ୟକ୍ଷ ପଦ ପୂରଣ ହୋଇପାରେ ବୋଲି କୁହାଯାଉଛି ।

## ମାର୍ଚ୍ଚରେ ରେକର୍ଡ...

ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପାରଦ ୪୦ରୁ ୪୨ଡିଗ୍ରୀ ମଧ୍ୟରେ ରହିବ । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏଁ ଗ୍ରୀଷ୍ମପ୍ରବାହ ଅଧିକ ରହିବାର ସମ୍ଭାବନା ଥିବାରୁ ଏହି ସମୟରେ ଆବଶ୍ୟକ ନଥିଲେ ଘରୁ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି । ଆର୍ଦ୍ରତାର ପରିମାଣ ବୃଦ୍ଧି ସହ ବାୟୁର ଦିଶା ପରିବର୍ତ୍ତନ ହେବା ପରେ ୨ କିମ୍ବା ୩ ତାରିଖ ବେଳକୁ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ଡିଜି, ଡିସିପିଙ୍କ...

ସହ ଧସ୍ତାଧସ୍ତି କରିଥିଲା । ଯାହାଫଳରେ ସେ ଉକ୍ତଦିନ ସଂସଦୀୟ କାର୍ଯ୍ୟରେ ଭାଗ ନେଇ ପାରିନଥିଲେ । ଏହା ଲୋକସଭା କାର୍ଯ୍ୟବିଧି କାର୍ଯ୍ୟ ପରିଚାଳନା ଆଇନର ରୁଲ୍ସ ୨୨୨ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୦୫ ଅନୁଯାୟୀ ସ୍ୱାଧିକାର ଭଙ୍ଗ ଅଟେ । ଓଡ଼ିଶା ପୁଲିସର ଏପରି କାର୍ଯ୍ୟକଳାପ ଗୃହର ସମ୍ମାନକୁ କ୍ଷୁର୍ଣ୍ଣ କରିଥିବା ସପ୍ତଗିରି ଉଲ୍ଲେଖ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୬ ତାରିଖରେ ନିଲମ୍ବିତ କଂଗ୍ରେସ ବିଧାୟକମାନେ ବିଧାନସଭା ମଧ୍ୟକୁ ପ୍ରବେଶ ଉଦ୍ୟମ ବେଳେ ସେମାନଙ୍କୁ ପୁଲିସ ଭିତରକୁ ଛାଡ଼ି ନ ଥିଲା । ଏପରିକି ବିଧାୟକଙ୍କ ସହ ସେମାନଙ୍କ ସମର୍ଥକଙ୍କୁ ମଧ୍ୟ ପୁଲିସ ଉଠାଇ ନେଇଥିଲା । ସେହି ସମୟରେ ସପ୍ତଗିରି ବିଧାନସଭା ପରିସରକୁ ଯିବାବେଳେ ପୁଲିସ ତାଙ୍କୁ ରୋକିବା ସହ ଉଠାଇ ନେଇଥିଲା ।

## ଅଶାନ୍ତ ରାଉରକେଲା...

ଦେଓଗାଁସ୍ଥିତ ସ୍ଲାଗ ଗ୍ରାନୁଲେଟ ପ୍ଲାଣ୍ଟ ସମ୍ମୁଖରେ ମରଣାନ୍ତକ ଆକ୍ରମଣ କରିବା ପାଇଁ ଖଣ୍ଡା, ଭୁଜାଲି ଓ ପିସ୍ତଲ ଧରି ଗୋଡ଼ାଇଥିଲେ । ଦୁର୍ବୃତ୍ତମାନଙ୍କୁ ଦେଖି ପ୍ରାଣ ବିକଳରେ ଜୀବନ ବଞ୍ଚାଇବାକୁ ଯାଇ ଜ୍ୟୋତି ନିକଟସ୍ଥ ମା' ତାରିଣୀ ହୋଟେଲରେ ଭିତରକୁ ପଶି ଯାଇଥିଲେ । ପରେ ସେ ଏକ କୋଠରୀ ଭିତରେ ପଶିଯାଇ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ । ତେବେ ରକ୍ତମୁଖା ଦୁର୍ବୃତ୍ତମାନେ ଦୁଇ ରାଉଣ୍ଡ ଗୁଳି ଚାଳନା କରିଥିଲେ । ଗୁଳି କବାଟରେ ବାଜି ଛିଦ୍ର ହୋଇଯାଇଥିଲା । ହେଲେ ଦିବ୍ୟଜ୍ୟୋତିଙ୍କ ଦେହରେ ଗୁଳି ବାଜି ନଥିବାରୁ ସେ ବଞ୍ଚି ଯାଇଛନ୍ତି । ତେବେ ଏହି ଦୃଶ୍ୟ ଦେଖି ଲୋକମାନେ ରୁଣ୍ଡ ହୋଇଯିବାରୁ ଧରାପଡ଼ିଯିବା ଭୟରେ ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଲାଠିକଟା ଆଡ଼େ ୧୪୩ ନମ୍ବର ଜାତୀୟ ରାଜପଥରେ ଚମ୍ପଟ ମାରିଥିଲେ ।

ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଅମ୍ବିତ ମହାନ୍ତିଙ୍କ ନେତୃତ୍ୱରେ ଟାଙ୍ଗରପାଲ୍ଲୀ ଥାନା, ରଘୁନାଥପାଲି ଥାନା ଓ ଜଳଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ । ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ଲାଠିକଟା ଆଡ଼େ ତଦନ୍ତ କରିଥିଲା । ଲାଠିକଟା ନିକଟରେ ବାଇକ୍‌ରୁ ପେଟ୍ରୋଲ ସରିଯିବାରୁ ଦୁର୍ବୃତ୍ତଙ୍କମାନଙ୍କ ମଧ୍ୟରୁ ପୁଲିସ ଦୁଇଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ଦୁଇ ଦୁର୍ବୃତ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା ବେଳେ ଫେରାର ଆଉ ତିନି ଜଣଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି କରିବାସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସେପଟେ ପୁଲିସ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିଥିବା ସୂଚନା ମିଳିଛି । ଏନେଇ ରଘୁନାଥପାଲୀ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

ସମ୍ପ୍ରତି କିଛି ଦିନ ହେବ ଦକ୍ଷିଣ ରାଉରକେଲା ଅଶାନ୍ତ ହୋଇପଡ଼ିଛି । ଟିକେଟିକେ କଥାରେ ଖଣ୍ଡା, ଭୁଜାଲି ବାହାରିବା ସହ ଗୁଳି ଫୁଟୁଛି । ସାମାନ୍ୟ ଘଟଣାକୁ ନେଇ ମାରପିଟ୍ ଓ ମରଣାନ୍ତକ ଆକ୍ରମଣ ଭଳି ଆପରାଧିକ ଘଟଣା ଘଟିଛି । ଏହାପୂର୍ବରୁ ବ୍ରିଟାନିଆ କଲୋନିରେ ଘଟିଥିବା ଗୋଷ୍ଠୀସଂଘର୍ଷ ଏବଂ ସାରନଗରୀ ଫୁଡ୍‌କୋର୍ଟରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ଅପରାଧିମାନେ ପିସ୍ତଲ ଧରି ଖୋଲାଖୋଲି ବାହାରେ ବୁଲୁଛନ୍ତି । ସେମାନଙ୍କ ମଧ୍ୟର ଜଣେ ଅପରାଧୀ ପୁଲିସ ହେପାଜତରେ ଚିକିତ୍ସିତ ଅବସ୍ଥାରେ ଫେରାର ହୋଇ ମଧ୍ୟ ଖୋଲାଖୋଲି ବୁଲୁଥିବା ଖବର ମିଳିଛି ।

# ୪୫ କେଜିର ଆଇଇଡି ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି,୨୮ ।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଯବାନମାନେ ୪୫ କେଜି ଓଜନର ଏକ ଆଇଇଡି ଠାବ କରିବା ସହ ତାହାକୁ ନିଷ୍କ୍ରିୟ କରିଛନ୍ତି । ସୂଚନାନୁଯାୟୀ, ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ଦମନ ନିମନ୍ତେ ଯବାନଙ୍କ ପକ୍ଷରୁ ତଲାସୀ ଅଭିଯାନ ଚାଲିଛି । ଆଜି ସକାଳୁ ସିଆରପିଏଫ୍ ୨୨୨ ବାଟାଲିୟନର ଯବାନମାନେ ପାଲନାର କ୍ୟାମ୍ପରୁ ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ଗାଙ୍ଗାଲୁର ଥାନା ଅନ୍ତର୍ଗତ ଚେରପାଲରୁ ପାଲନାରକୁ ସଂଯୋଗ କରୁଥିବା ରାସ୍ତାରେ ପାଲନାରଠାରୁ ଦୁଇ କିଲୋମିଟର ଦୂର ରାସ୍ତାକଡ଼ରୁ ଯବାନମାନେ ଏହି ଶକ୍ତିଶାଳୀ ଆଇଇଡିକୁ ଠାବ କରିଥିଲେ । ଯବାନମାନଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏହାକୁ ଖଞ୍ଜିଥିଲେ । ତେବେ ଏହି ବୋମାକୁ ବୋମା ନିଷ୍କ୍ରିୟକାରୀ ଦଳ ଅତି ସତର୍କତାର ସହ ଉଦ୍ଧାର କରି ନିଷ୍କ୍ରିୟ କରିଛି । ଏହାର ଓଜନ ପ୍ରାୟ ୪୫ କେଜି ବୋଲି ଜଣାଯାଇଛି ।

# ୨୦୨୫ରେ ୭୮ ମାଓବାଦୀ ନିହତ

### ଏପ୍ରିଲ ୪ରେ ବିଜାପୁର ଜିଲ୍ଲା ବନ୍ଦ ଡାକରା

ମାଲକାନଗିରି, ୨୮ ।୩(ସମିସ): ଛତିଶଗଡ଼ରେ ୨୦୨୫ ମସିହା ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ୭୮ ମାଓବାଦୀ ନିହତ ହୋଇଛନ୍ତି ବୋଲି ମାଓ ସଙ୍ଗଠନ ସୂଚନା ଦେଇଛି । ଛତିଶଗଡ଼ର ପଶ୍ଚିମ ବସ୍ତର ମାଓ ଡିଭିଜନ୍‌ର ସଚିବ ମୋହନ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେବା ସହ ଏହି ନରସଂହାରକୁ ନିନ୍ଦା କରିଛି । ତେବେ ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଏହାର କଡ଼ା ଜବାବ ଦିଆଯିବ ବୋଲି ସେ ଧମକ ଦେଇଛି । ଏହାକୁ ବିରୋଧ କରି ଆସନ୍ତା ଏପ୍ରିଲ ୪ରେ ମାଓବାଦୀମାନେ ବିଜାପୁର ଜିଲ୍ଲା ବନ୍ଦ ଡାକରା ଦେଇଛନ୍ତି ।

ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ସୂଚନାନୁଯାୟୀ, ବନ୍ଦେପାରାଠାରେ ୫ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଗାଙ୍ଗଲୁରଠାରେ ୨୬ଜଣ, କାଙ୍କେରରେ ୪ଜଣ, ଇନ୍ଦ୍ରାବତୀ ଅଞ୍ଚଳରେ ୩ ଜଣ, ଜଲିପେରୁ ନିକଟରେ ୩୧ ଜଣ ଏବଂ ଅନ୍ୟ ଘଟଣାମାନଙ୍କରେ ୯ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଅପରେସନ 'କଗାର'ରେ ୭୮ ମାଓବାଦୀଙ୍କୁ ହତ୍ୟା କରାଯାଇଛି ।

# କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼

ଖପ୍ରାଖୋଲ, ୨୮ ।୩(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍‌ର କାର୍ଯ୍ୟରତ କ୍ଷୁଦ୍ର ଜଳସେଚନ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଶୁକ୍ରବାର ଅପରାହ୍ନରେ ଖପ୍ରାଖୋଲର ଜଣେ ବିଜେପି କର୍ମୀମାଡ଼ ମାରିଥିବା ଅଭିଯୋଗ ହୋଇଛି । ଶୁଣିବାକୁ ମିଳୁଛି ଯେ ଖପ୍ରାଖୋଲର ପେଟ୍ରୋଲ ପମ୍ପ ନିକଟରେ କୌଣସି କାରଣରୁ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ କରାଯାଇଥିଲା । ପ୍ରବଳ ମାଡ଼ ମାଡ଼ ମାରିବା ପରେ ତାଙ୍କୁ ଖପ୍ରାଖୋଲ ଚିକିତ୍ସା ଳୟରେ ଭର୍ତ୍ତି କରାଯାଇଥିଲା । ଏହା ପରେ ତାଙ୍କ ଛତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏପର୍ଯ୍ୟନ୍ତ କେଉଠିକୁ ନିଆଯାଉଛି କିଛି ଜଣା ପଡ଼ିନାହିଁ । ଏନେଇ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ଙ୍କୁ ବୁଝିବାରୁ ଉକ୍ତ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇନଥିବା ପ୍ରକାଶ କରିଛନ୍ତି । ତେବେ ଘଟଣାକୁ ନେଇ ଖପ୍ରାଖୋଲରେ ଚର୍ଚ୍ଚା ହେଉଥିବା ବେଳେ କାହିଁକି ଓ କଣ ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ କରାଯାଇଥିଲା କୌଣସି ସୂଚନା ମିଳିପାରି ନାହିଁ ।

# ଚିଲିକାରେ କେନ୍ଦୁଝର ପର୍ଯ୍ୟଟକଙ୍କ ମୃତ୍ୟୁ

ବାଲୁଗାଁ,୨୮ ।୩(ସମିସ): କେନ୍ଦୁଝର ଜିଲ୍ଲାରୁ ପରିବାର ସହ ଚିଲିକା ବୁଲିବାକୁ ଆସିଥିବା ଜଣେ ମହିଳା ପର୍ଯ୍ୟଟକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ, କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମର ଧନେଶ୍ୱର ମହନ୍ତଙ୍କ ସ୍ତ୍ରୀ ଲଳିତା ମହନ୍ତ (୫୬) । ସୂଚନା ମୁତାବକ, ସନ୍ତୋଷପୁର ଗ୍ରାମର ଧନେଶ୍ୱର ମହନ୍ତ, ତାଙ୍କ ସ୍ତ୍ରୀ ଲଳିତା ଓ ସମ୍ପର୍କୀୟମାନେ ଏକ ବଲେରୋରେ ଚିଲିକା ବୁଲିବାକୁ ଆସିଥିଲେ । ତେବେ ଚିଲିକା କୂଳସ୍ଥିତ ଏକ ଘରୋଇ ଲଜ୍‌ରେ ଲଳିତା ଏକାକୀ ରହିଥିବା ବେଳେ ଶୁକ୍ରବାର ସକାଳେ ଅନ୍ୟ ସମସ୍ତେ ଚିଲିକା ହ୍ରଦ ମଧ୍ୟରେ ଥିବା ମା' କାଳିଜାଇ ମନ୍ଦିର ପରିଭ୍ରମଣ କରିବାକୁ ଯାଇଥିଲେ । ହେଲେ କିଛି ସମୟ ପରେ ଲଜ୍ ରୁମରେ ରହିଥିବା ଲଳିତା ଅସୁସ୍ଥ ହୋଇ ପଡ଼ିଥିଲେ ।

# ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଫେରାର୍

ଥୁଆମୂଳ ରାମପୁର, ୨୮ ।୩ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ପୋଡ଼ାପଦର ପଞ୍ଚାୟତର ସରାପାସ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଏହି ଗ୍ରାମର ବାରୁ ମାଝୀ ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ସୁନ୍ଦରୀ ମାଝୀ(୩୨)କୁ ହତ୍ୟା କରି ଫେରାର ହୋଇଯାଇଛି । ସୁନ୍ଦରୀଙ୍କ ଭାଇ ଘାସିରାମ ମାଝୀ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ।

ସ୍ୱାମୀ-ସ୍ତ୍ରୀ ଭିତରେ କୌଣସି କଥାକୁ ନେଇ ଯୁକ୍ତିତର୍କ ପରେ ଏହି ଘଟଣା ଘଟିଛି । ବାପଘର ସେହି ପଞ୍ଚାୟତର ଉପର ଗୁଞ୍ଜମାଳିକୁ ଖବର ଗଲା ପରେ ଘାସିରାମ ସରାପାସ ଗ୍ରାମରେ ପହଞ୍ଚିଥିଲେ । ଭଉଣୀ ମୃତ ଅବସ୍ଥାରେ ପଡ଼ିଥିବା ବେଳେ ମୁହଁ ଏବଂ କାନରୁ ରକ୍ତ ବାହାରୁଥିବା ସେ ଦେଖିଥିଲେ । ଭିଣୋଇ ଏବଂ ତାଙ୍କର ଦୁଇ ନାବାଳିକା ଝିଅ ଘରେ ନ ଥିଲେ । ସେମାନଙ୍କୁ ଖୋଜାଖୋଜି ସତ୍ତ୍ୱେ ପାଇନଥିଲେ ବୋଲି ଘାସିରାମ ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗ ପରେ ଥୁଆମୂଳ ରାମପୁର ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛନ୍ତି । ସବ୍ ଇନ୍ସପେକ୍ଟର ପ୍ରହ୍ଲାଦ ପାଣିଗ୍ରାହୀ ଘଟଣାର ତଦନ୍ତ ଭାର ନେଇଛନ୍ତି ।

### ନିଆଁ ଲାଗି ଜଳିଗଲା ଘର ଓ ଗୋରୁ

# ହୃଦ୍‌ଘାତରେ ଗୃହକର୍ତ୍ତା ମୃତ

ଏରସମା, ୨୮ ।୩ (ସମିସ): ଏରସମା ବ୍ଲକ୍ କୁଞ୍ଜକୋଠି ପଞ୍ଚାୟତର ଖୁରାଣ୍ଟ ଲୁଣିପୋଖରୀ ପଡ଼ାରେ ଗତକାଲି ରାତି ୧୨ଟା ପରେ ରମେଶ ସ୍ୱାଇଁ (୬୫)ଙ୍କ ଘରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ ତାଙ୍କ ଘରେ ଥିବା ୫ଟି ଗୋରୁଙ୍କ ମୃତ୍ୟୁ ଘଟିଛି । ଏପରି ଦୁଃଖଦ ଘଟଣା ଦେଖି ଗୃହକର୍ତ୍ତା ରମେଶ ସ୍ୱାଇଁ ଭୋଭୋ ହୋଇ କାନ୍ଦି ପକାଇଥିଲେ । ଏହି ସମୟରେ ତାଙ୍କର ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିବା ଆଗରୁ ସବୁ ପୋଡି ଯାଇଥିଲା । ନିଆଁ ଲାଗିବା କାରଣ ଏବେ ବି ଅସ୍ପଷ୍ଟ ରହିଛି । ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାର ଛାୟା ଖେଳି ଯାଇଛି ।

# ମଝି ରାସ୍ତାରେ ଜଳିଗଲା ଟ୍ରକ୍

ବସ୍ତା ବ୍ଲକ/ରାଜଘାଟ, ୨୮ ।୩ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଣ୍ଡପୁର ଛକ ଅନତି ଦୂର ବଜରଙ୍ଗୀ ହୋଟେଲ ନିକଟରେ ଏକ ଟ୍ରକରେ ହଠାତ୍ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଛି । ରଙ୍ଗଡବା ଭର୍ତ୍ତି ଉକ୍ତ ଟ୍ରକ ପଶ୍ଚିମବଙ୍ଗରୁ ରଙ୍ଗ ବୋଝେଇ କରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ସମୟରେ ଉକ୍ତ ହୋଟେଲ ନିକଟରେ ଟ୍ରକରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳି ଉଠିଥିଲା । ଗାଡ଼ିଟିର କ୍ୟାବିନ ଅଂଶଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ କିଛି ରଙ୍ଗ ବାଲଟି ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଥିଲା । ଘଟଣାସ୍ଥଳରେ ଚାଳକ ଓ ଖଲାସୀ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବସ୍ତା ପୁଲିସ ପହଞ୍ଚି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।



# ବ୍ୟାଙ୍କ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

### ଭଡ଼ାଘରୁ ମୃତଦେହ ଉଦ୍ଧାର

ମୋହନା, ୨୮ ।୩ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଅନ୍ତରବା ରାସ୍ତାରେ ଥିବା ଏକ ଭଡ଼ାଘରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ୍ । ମୃତ କର୍ମଚାରୀଜଣଙ୍କ ହେଲେ, ପ୍ରକାଶ ମହାରଣା(୨୮) । ସେ ଚନ୍ଦ୍ରଗିରି ଆଇସିଆଇସିଆଇ ବ୍ୟାଙ୍କରେ ସମ୍ପର୍କ ଅଧିକାରୀ ଭାବେ କାମ କରୁଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତାଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

ମିଳିଥିବା ସୂଚନାନୁସାରେ, ମାସକ ତଳେ ସେ ଚନ୍ଦ୍ରଗିରି ବ୍ୟାଙ୍କରେ ଯୋଗ ଦେଇଥିଲେ । ଅନ୍ତରବା ରାସ୍ତାରେ ଗୋଟିଏ ଭଡା ଘରେ ସେ ରହୁଥିଲେ । ସବୁଦିନ ଭଳି ଗୁରୁବାର ରାତିରେ ସେ ଘରେ ଶୋଇଥିଲେ । ଶୁକ୍ରବାର ସକାଳ ୧୦ ଟା ପରେ ସେ ବ୍ୟାଙ୍କକୁ ଯାଇ ନଥିବାରୁ ବ୍ୟାଙ୍କର ଅନ୍ୟ କର୍ମଚାରୀ ଫୋନ କରିଥିଲେ । ସେ କଲ ରିସିଭ କରି ନଥିଲେ । ଏହାପରେ କର୍ମଚାରୀ ପ୍ରକାଶଙ୍କ ଭଡ଼ାଘରକୁ ଯାଇ ସେ ଶୋଇଥିବା ଦେଖି ସନ୍ଦେହରେ ପୁଲିସକୁ ଖବର ଦେଇଥିଲେ । ଚନ୍ଦ୍ରଗିରି ଫାଣ୍ଡି ପୁଲିସ ପହଞ୍ଚି ତାଙ୍କୁ ତୁରନ୍ତ ଚନ୍ଦ୍ରଗିରି ଡାକ୍ତରଖାନାକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୋହନା ପୁଲିସ୍ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ସୁନୀଲ ସେଠୀ କହିଛନ୍ତି । ପ୍ରକାଶଙ୍କ ନିଜ ଘର ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପୁରୁଷୋତ୍ତମପ୍ରସାଦ ହୋଇଥିବା ବେଳେ ସେ ଭୁବନେଶ୍ୱର ଖଣ୍ଡଗିରି ଥାନା କୋଲଥିଆ ଅଞ୍ଚଳରେ ରହୁଥିଲେ । ମାସକ ତଳେ ଜୟପୁରରୁ ବଦଳି ହୋଇ ଚନ୍ଦ୍ରଗିରିସ୍ଥିତ ବ୍ୟାଙ୍କରେ ଯୋଗ ଦେଇଥିଲେ ।

### ମା'କୁ ହତ୍ୟା ମାମଲା

# ପୁଅ-ଝିଅକୁ ଆଜୀବନ କାରାଦଣ୍ଡ

ଜଗତସିଂହପୁର, ୨୮ ।୩ (ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବନ୍ଦର ଥାନା ଅଞ୍ଚଳରେ ଗତ ୨୦୨୧ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଦ୍ୱୟ ହେଲେ, ରାଜେଶ କାଣ୍ଡି ଓ ମଣି କାଣ୍ଡି ।

ସୂଚନାନୁସାରେ, ବନ୍ଦର ଗ୍ରାମର ଉର୍ମିଳା କାଣ୍ଡିଙ୍କ ପୁଅ ନଥିବାରୁ ଏବଂ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ସାନଭଉଣୀଙ୍କ ପୁଅ ରାଜେଶ କାଣ୍ଡିକୁ ପାଖରେ ରଖିଥିଲେ । ଉର୍ମିଳାଙ୍କ ମଝିଆଁ ଝିଅ ମଣି କାଣ୍ଡି ସ୍ୱାମୀ ସହିତ ଝଗଡ଼ା କରି ବାପଘରକୁ ପଳାଇ ଆସିଥିଲା ଏବଂ ଉର୍ମିଳାଙ୍କ ପାଖରେ ରହୁଥିଲା । ଉର୍ମିଳାଙ୍କ ପାଳିତ ପୁଅ ରାଜେଶ ସହିତ ମଣିର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏକଥା ଜାଣିବା ପରେ ଉର୍ମିଳା ଉଭୟଙ୍କୁ ବିରୋଧ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ଥର ଝଗଡ଼ା ହୋଇଥିଲା । ତେବେ ଗତ ୨୦୨୧ ମସିହା ଜୁନ୍ ୨୨ ତାରିଖରେ ପାଳିତ ପୁଅ ରାଜେଶ ଓ ଝିଅ ମଣି ମିଶି ଉର୍ମିଳାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ ଏବଂ ବାଡ଼ିପଟେ ଏକ ଗାତ ଖୋଳି ଉର୍ମିଳାଙ୍କ ଶବକୁ ପୋତିବା ପାଇଁ ଯୋଜନା କରୁଥିବା ବେଳେ ଗ୍ରାମବାସୀ ସେଠାରେ ପହଞ୍ଚି ଯାଇଥିଲେ । ଏହାଦେଖି ରାଜେଶ ଓ ମଣି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀମାନେ ଉଭୟଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ । ଘଟଣା ସମ୍ପର୍କରେ ଉର୍ମିଳାଙ୍କ ଭାଇ ସର୍ବେଶ୍ୱର କାଣ୍ଡି ବନ୍ଦର ଥାନାରେ ଏତଲା ଦେବା ପରେ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମୋଟ ୨୩ଜଣଙ୍କ ଠାରୁ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଅଭିଯୁକ୍ତ ରାଜେଶ କାଣ୍ଡି ଓ ମଣି କାଣ୍ଡିକୁ ଆଜୀବନ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ।


O-1674 E_mail: rw_bhawanipatna@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, BHAWANIPATNA.

Letter No. 1130 / Date: 24.03.2025

e-Procurement Notice
Bid identification No: SERWBPT/Online-07/2024-25

1. Name of works : Road & Buildings work (As per Annexure-A)
2. Total No. of work : Road– 1 No
3. Estimated Cost : As per 'Annexure – 'A'
4. E.M. D : The bidders shall transfer on line the EMD of the Amount as specified for the work in the table Col no-4 in the Annexure-A
5. Cost of Tender document : As per 'Annexure – 'A'
6. Class of Contractor : Please refer DTCN & Annexure A
7. Other details : As per DTCN & www.tendersorissa.gov.in

| Procurement officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Superintending Engineer, Rural Works Division, Bhawanipatna | SERWBPT/Online-07/2024-25 | 28.03.2025 from 10.00 A.M | 14.04.2025 Upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in

OIPR-25070/11/0006/2425

Superintending Engineer
Rural Works Division

AFFIDAVIT
By virtue of an affidavit sworn before The Notary Public, Titilagarh on dated-25/03/2025. I, **Purnami Bhati**, age 18yrs D/o Chandra Bhati Address: At: Debandh, PO/PS: Titilagarh, Dist: Balangir, (Odisha) affirm that I have changed my name from **Purnima Bhati to Purnami Bhati.** Henceforth, I shall be known as **PURNAMI BHATI** for all future purposes.

AFFIDAVIT
By virtue of an affidavit sworn before Notary Public, Bhubaneswar, dt. 21.03.2025, I, **Deba Prasad Tripathy**, residing of Baseli Sahi, Jagannath Nagar, Puri, Odisha-752001 declare that I have changed my son's name from Shri Debashish Tripathy to **Shri Darshil Tripathy**. Henceforth, he shall be known as **Shri Darshil Tripathy** for all purposes.
Deba Prasad Tripathy

ANTARES SYSTEMS LIMITED
Ph:080-45982100/033-46046611
e-mail: esale@etenderwizard.com
e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.
Auction No's
1) ASL/MCL/DISPOSAL/24-25/16
Auction Date: 04-04-2025
For further information, contact Helpdesk at the above address.
Refer Sale notice for further details.

NOTICE
By virtue of an Affidavit sworn before Ajaya Kumar Ray, No: 860, dated 28.03.2025 I, Ipsita Mahapatra, Address Village: Panchugaon, PO: Gambharimunda, PS: Banpur, Dist: Khordha, Odisha Pin Code-752035 declare that I have changed my name from Micky Mahapatra (Old Name) to Ipsita Mahapatra (New Name). Henceforth, I shall be known as IPSITA MAHAPATRA (New Name) for all future purposes.
Sd- Ipsita Mahapatra

AFFIDAVIT
I, Rajlaxmi Ghanto, W/o- Archan Prasad Ghanto, resident of C-404, Satyabadi Residency, Patia Station Road, Po- Kalarahanga, Bhubaneswar, Pin-751024 Dist- Khurda, Odisha declare by this affidavit No. 280, dated- 28/03/2025 that now onwards I shall be known as **RAJALAXMI GHANTO** for all future purposes.

AFFIDAVIT
By virtue of an affidavit no 9366 dtd 21/03/2025 before the Notary Public Bhubaneswar. That, I Jyoti Shankar Mahapatra, S/o- Radhanath Mahapatra of Kumaranga Vihar Colony, Patrapada, Bhubaneswar, Pin-751019, Odisha have Changed my son's name from Amritesh to Amritesh Mahapatra for all future purposes.

AFFIDAVIT
By virtue of an Affidavit before the Executive Magistrate Affidavit No-3095, dated 27.03.25. I Ariyan Samal, Resident of Village Bamkura, P.O-Bamkura, P.S-Dhusuri, Dist-Bhadrak, Pin-756119 declare that I have Changed my Name from SUVAM SAMAL to ARIYAN SAMAL, Henceforth I shall be known as **ARIYAN SAMAL** for all Purposess.

NOTICE
By virtue of an Affidavit sworn before the Executive Magistrate, Astaranga, on dated 27.03.2025, I Siddheswar Swain S/o Benudhar Swain permanent resident of Village - Chhatiana, Po- Namaro, PS- Astaranga, Dist- Puri, Odisha, Pin- 752109 declare that I have changed my minor son's name from Om Swain (Old Name) to Omm Prakash Swain (New Name). Henceforth, he shall be known as OMM PRAKASH SWAIN (New Name) for all future purposes.
Sd- Siddheswar Swain

AFFIDAVIT
By virtue of an affidavit no 23, dated 21.02.2025 in the court of Executive Magistrate, Bhubaneswar, I Suryaj Kanta Behera, S/o- Laxmidhar Behera, At- Udayagirivihar, Patrapada, Bhubaneswar-751019, have changed my name from Suryaj Kanta Behera to Suryakanta Behera. Henceforth I shall be known as SURYAKANTA BEHERA instead of SURYAJ KANTA BEHERA for all purposes.

AFFIDAVIT
By virtue of an affidavit sworn before The Executive Magistrate, Titilagarh on dated- 27/03/2025. I, **Meera Bag** aged about 27yrs, D/o Mangulu Bag R/o At: Hatpada Pada, PO/PS: Titilagarh, Dist: Balangir, (Odisha) affirm that in my Bank account in Bank of Baroda my name has mentioned as Mira Bag, after my marriage my name was changed as **Meera Athya. Meera Bag, Mira Bag and Meera Athya** is same and one person and no other person in this locality in such name, Henceforth, I shall be known as **MEERA BAG** for all future purposes.

# ସମ୍ପାଦକୀୟ



ଫୁଲର ସୁବାସ ପବନର ଅନୁକୂଳ ଦିଗକୁ ପ୍ରବାହିତ ହୋଇଥାଏ।
କିନ୍ତୁ ବ୍ୟକ୍ତିର ଉତ୍ତମ ଗୁଣର ପ୍ରଭାବ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଯାଏ।
-ଚାଣକ୍ୟ ନୀତି

ସକାଳ
THE SAKALA

## ସୁଖର ସନ୍ଧାନ

ସୁଖ ଖୋଜିଲେ ମିଳେନି। ଏଇ ଅନୁଭବର କଥା। ସକାରାତ୍ମକ ଚିନ୍ତନ ଓ ଆଚରଣ ମାଧ୍ୟମରେ ସୁଖ ହାସଲ କରାଯାଇପାରେ। ଆମ ସଂସ୍କୃତି ଓ ସଂସ୍କାର ଏ ଦିଗରେ ମାର୍ଗ ପ୍ରଦର୍ଶନ କରିଛି। ତେବେ ଆମେ ସୁଖୀ ରାଷ୍ଟ୍ରର ମାନ୍ୟତା ହାସଲ କରିବାରେ କାହିଁକି ପଛରେ ପଡ଼ିଯିବା? ଅବଶ୍ୟ ଏ କଥା ସତ ଯେ ସୁଖୀ ରାଷ୍ଟ୍ର ସୂଚକାଙ୍କରେ ଭାରତ ୮ମ ପାହ୍ୟା ଅତିକ୍ରମ କରି ୧୪୭ ରାଷ୍ଟ୍ର ମଧ୍ୟରେ ୧୧୮ ରେ ପହଞ୍ଚିଛି। ଗତବର୍ଷର ସର୍ଭେରେ ଆମ ସ୍ଥାନ ଥିଲା ୧୨୬ରେ। ଆମ ପଡ଼ୋଶୀ ରାଷ୍ଟ୍ର କିଏ ତୁଳନାତ୍ମକ ଭାବେ ଅଧିକ ସୁଖୀ ତାହା ବିଚାର କରିବାର ସ୍ଥାନ ଏହା ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ସାମାଜିକ ଓ ପାରିବାରିକ ଜୀବନ ଦିନକୁ ଦିନ ଅଧିକ କଳୁଷିତ ହୋଇଛି। ଏହାକୁ କେନ୍ଦ୍ର କରି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ପ୍ରବଣତାର ପୃଷ୍ଠଭୂମିରେ ରହିଛି ଈର୍ଷା ଓ ବିଦ୍ୱେଷ। ତେଣୁ ସବୁ ଉପଲବ୍ଧ ଥାଇ ମଧ୍ୟ ସୁଖଠାରୁ ଆମେ ଦୂରେଇ ଯାଉଛେ। ବିପୁଳ ଧନ ସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ସୁଖୀ ହେବାରୁ ବଞ୍ଚିତ ଲୋକଙ୍କ ସଂଖ୍ୟା କିଛି କମ ନୁହେଁ। ସେମାନଙ୍କ ପାଇଁ ସମ୍ପତ୍ତିର ସୁରକ୍ଷା, ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସଫଳତା ଦୁଃଖର କାରଣ ହୋଇଥାଏ। ବରଂ ଅଳ୍ପରେ ସନ୍ତୁଷ୍ଟ ହିଁ ଅପେକ୍ଷାକୃତ ଅଧିକ ସୁଖୀ। ତେବେ ଆମର ଏହି ବିଚାର ଓ ଆନ୍ତର୍ଜାତିକ ସ୍ତରରେ ହେଉଥିବା ସର୍ବେକ୍ଷଣ ପରସ୍ପରଠାରୁ ଭିନ୍ନ।

ମାର୍ଚ୍ଚ ୨୦କୁ ଆନ୍ତର୍ଜାତିକ ସୁଖୀ ଦିବସ ରୂପେ ପାଳନ କରାଯାଉଛି। ମିଳିତ ଜାତିସଂଘ ୨୦୧୨ରୁ ୧୪୭ଟି ରାଷ୍ଟ୍ରକୁ ନେଇ ସୁଖୀ ରାଷ୍ଟ୍ରର ସୂଚକାଙ୍କ ନିର୍ଣ୍ଣୟ ପାଇଁ ବ୍ୟବସ୍ଥିତ ଢଙ୍ଗରେ ସର୍ବେକ୍ଷଣ ଆୟୋଜନ କରନ୍ତି। ପ୍ରତିବର୍ଷ ଏହି ନିର୍ଦ୍ଧାରିତ ଦିବସରେ ସୂଚକାଙ୍କ ଘୋଷଣା କରାଯାଇଥାଏ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅଧୀନରେ ୱେଲବିଙ୍ଗ ସର୍ଭେ ସଂସ୍ଥା ବିଭିନ୍ନ ୬ଟି ବିଭବକୁ ନେଇ ବିଶ୍ୱବ୍ୟାପୀ ଆକଳନ କରିଥାଏ। ମୁଣ୍ଡପିଛା ଅର୍ଥନୈତିକ ଅଭିବୃଦ୍ଧି ହାର(ଜିଡିପି), ଉଦାରବାଦୀ ଚିନ୍ତନ ଓ କାର୍ଯ୍ୟନ୍ୱୟନ, ସାମାଜିକ ସହାୟତା, ବ୍ୟକ୍ତି ସ୍ୱାଧୀନତା ଓ ଦୁର୍ନୀତି ଭଳି କେତୋଟି ଦିଗକୁ ଭିତ୍ତିକରି ସର୍ଭେ କରାଯାଇଥାଏ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଫିନ୍‌ଲାଣ୍ଡ ଗତ ୮ ବର୍ଷ ଧରି କ୍ରମାଗତ ଭାବେ ଏକନମ୍ବର ସୁଖୀ ରାଷ୍ଟ୍ରର ମାନ୍ୟତା ହାସଲ କରିଛି। ପ୍ରଥମ ଦଶଟି ସ୍ଥାନ ହାସଲ କରିଥିବା ରାଷ୍ଟ୍ର ମଧ୍ୟରେ ଅଛନ୍ତି- ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ଆଇଲାଣ୍ଡ, ଇସ୍ରାଏଲ, ନେଦରଲାଣ୍ଡ, ସ୍ୱିଡେନ୍, ନରୱେ, ସୁଇଜରଲାଣ୍ଡ, ଲକ୍ସମବର୍ଗ ଓ ନ୍ୟୁଜିଲାଣ୍ଡ। ଚତୁର୍ଥ ସ୍ଥାନରେ ଥିବା ଇସ୍ରାଏଲ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗାଜାରେ ହମାସ ବିରୋଧରେ ରକ୍ତାକ୍ତ ସଂଘର୍ଷରେ ଲିପ୍ତ ଥିଲେ ମଧ୍ୟ ତାହାର ସୂଚକାଙ୍କ ନମ୍ନକୁ ଖସିନାହିଁ। ଅନ୍ୟ ପକ୍ଷରେ ବିଶ୍ୱର ସବୁଠାରୁ ବିତ୍ତଶାଳୀ ରାଷ୍ଟ୍ର ଆମେରିକା ହୋଇଥିଲେ ମଧ୍ୟ ସୁଖୀ ରାଷ୍ଟ୍ର ତାଲିକାର ୨୪ ସ୍ଥାନରେ ଅଛି। ଅଥଚ ଗତବର୍ଷ ଏହି ତାଲିକାରେ ଦ୍ୱାଦଶ ସ୍ଥାନରେ ଥିଲା ଆମେରିକା। ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିଭୀଷିକାର ଭୟାବହତା ସମଗ୍ର ବିଶ୍ୱକୁ ଆତଙ୍କିତ କରୁଥିବା ବେଳେ ସେମାନଙ୍କ ସ୍ଥାନ ଯଥାକ୍ରମେ ୭୦ ଓ ୯୨ରେ ଅଛି।

ଏହି ପରିସଂଖ୍ୟାନ ଉପସ୍ଥାପନ କଲାବେଳେ ସୁଖର ସଞ୍ଜ୍ଞା ନିରୂପଣ କରିବା କଷ୍ଟସାଧ ହୋଇପଡୁଛି। ବିତ୍ତୀୟ ଉତ୍କର୍ଷତାର ଶୀର୍ଷରେ ଥିବା ଆମେରିକାବାସୀ କାହିଁକି ଅସୁଖୀ? ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନେତୃତ୍ୱକୁ ନେଇ ଦେଶରେ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ତଥାପି ସେଠାକାର ଲୋକେ ସୁଖରେ ଅଛନ୍ତି। ପ୍ରଥମ ଦଶଟି ସ୍ଥାନ ହାସଲ କରିଥିବା ରାଷ୍ଟ୍ରଙ୍କ ମଧ୍ୟରେ ଅଧିକାଂଶ ବିକାଶଶୀଳ ପାହ୍ୟାରେ ଅଛନ୍ତି। ସେମାନେ ବିକଶିତ ନୁହନ୍ତି। ଏପରିକି ସୁଦୃଢ଼ ଅର୍ଥନୀତି ଦୃଷ୍ଟିରୁ ସେମାନେ ଆମଠାରୁ ପଛରେ ମଧ୍ୟ ଅଛନ୍ତି। ଆମେରିକା ଓ ଚୀନ୍ ପଛକୁ ବିଶ୍ୱର ତୃତୀୟ ଆର୍ଥିକ ସାମର୍ଥ୍ୟ ହାସଲ କରିବା ସକାଶେ ଭାରତ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ସୁଖୀ ରାଷ୍ଟ୍ର ସୂଚକାଙ୍କରେ ଆମେ ୧୧୮ ସ୍ଥାନରେ କାହିଁକି? ୧୪୭ କୋଟି ଜନ ସମୁଦାୟ ମଧ୍ୟରେ ଆର୍ଥିକ ଦୃଷ୍ଟିରୁ ଭାରସାମ୍ୟ ରକ୍ଷା କରିବା ଏତେ ସହଜ ନୁହେଁ। ତେବେ ତଥାକଥିତ ଉଚ୍ଚବର୍ଗ ଓ ନିମ୍ନସ୍ତରରେ ରହିଥିବା ଦରିଦ୍ରଙ୍କ ମଧ୍ୟରେ ଆର୍ଥିକ ତାରତମ୍ୟ ଆକାଶ ଛୁଆଁ। ପରିସଂଖ୍ୟାନ କୁହେ ଯେ ଦେଶର ଶହେକୋଟି ଲୋକ କୌଣସି ସ୍ଥାନରେ ଖାଇ ପିଇ ବଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ୮୦ କୋଟିଙ୍କୁ ସରକାର ମାଗଣା ଖାଦ୍ୟଶସ୍ୟ ଯୋଗାଉଛନ୍ତି। ଅବଶିଷ୍ଟ ୪୨ କୋଟିଙ୍କ ମଧ୍ୟରେ ରହିଲେ ସୀମିତ ଅରବପତି, ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ। ପରସ୍ପରକୁ ଅତିକ୍ରମ କରିବା ସକାଶେ ସେମାନଙ୍କ ମଧ୍ୟରେ ଲାଗି ରହିଛି ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା। ଏଭଳି ପରିସ୍ଥିତିରେ ସୁଖ କେଉଁଠୁ ମିଳିବ?

ବିମୁଦ୍ରୀକରଣ ପରେ ପରେ କୋଭିଡ୍ ମହାମାରୀ ଦେଶର ଜୀବନ ପ୍ରବାହକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛି। ଅସଂଗଠିତ କ୍ଷେତ୍ରରେ ଥିବା ଛୋଟଛୋଟ ୟୁନିଟ୍ ଏବଂ ସକ୍ରିୟ ଥିବା ଏମଏସ୍ଏମ୍ଇ ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ବୁଡ଼ିଗଲା। କୋଟି କୋଟି କର୍ମଚାରୀ ଓ ଶ୍ରମିକ ନିଯୁକ୍ତି ହରାଇଲେ। ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ଭୟଙ୍କର ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ। ସେମାନଙ୍କ ପାଇଁ ବିକଳ୍ପ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିଲାନି। ତେଣୁ ଜନଜୀବନରୁ ସୁଖ ନିଖୋଜ ହୋଇଯାଇଛି। ଏସବୁ ସତ୍ତ୍ୱେ ସ୍ଥିତି ସୁଧୁରିଛି ବୋଲି କହିବାକୁ ହେବ। ସୁଖୀରାଷ୍ଟ୍ର ସୂଚକାଙ୍କ ଶିଡ଼ିରେ ୮ଟି ସ୍ଥାନ ଉପରକୁ ଚଢ଼ିବା କିଛି କମ୍ ଅନୁଭବ ନୁହେଁ। ତେଣୁ ଆଶା କରିବା ସ୍ଥିତିରେ ଅଧିକ ଉନ୍ନତି ଆସିବ ଏବଂ ଆମ ପଡ଼ୋଶୀ ରାଷ୍ଟ୍ରଙ୍କୁ ପଛରେ ପକାଇ ଏକ ମର୍ଯ୍ୟାଦାଜନକ ଆସନ ହାସଲ କରିବାକୁ ସକ୍ଷମ ହେବା।

ଯେଉଁ ମାନଦଣ୍ଡରେ ସୁଖୀରାଷ୍ଟ୍ର ନିର୍ଦ୍ଧାରଣ କରାଯାଇଛି, ତାହା ଆମ ଜୀବନଧାରା ଓ ଚଳଣିର ଅନୁରୂପ ନୁହେଁ। ପୁଣିଥରେ ଏଠାରେ କହିବାକୁ ପଡୁଛି ସୁଖ ଖୋଜିଲେ ମିଳେନି। ବିତ୍ତୀୟ ସାମର୍ଥ୍ୟ ହାସଲ ସୁଖ ନୁହେଁ ବରଂ ଦୁଃଖର କାରଣ। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ଲାଭାର୍ଥୀ ୮୦ କୋଟି ଲୋକ ହିଁ ଅସଲରେ ସୁଖୀ। ତେଣୁ ସୁଖର ସନ୍ଧାନ ଏହି ନିମ୍ନବର୍ଗଙ୍କ ମଧ୍ୟରେ ହିଁ କରିବାକୁ ହେବ। ବ୍ୟବସ୍ଥା ପ୍ରତି ସେମାନେ କୃତଜ୍ଞ ଓ ନିରଙ୍କୁଶ ସମର୍ଥନ ମଧ୍ୟ ଦେଇ ଚାଲିଛନ୍ତି। ଏହାକୁ ଆମେ ସୁଖର ନିଦର୍ଶନ ରୂପେ ଗ୍ରହଣ କରିଦେଲେ କିଛି ଅସୁବିଧା ନାହିଁ। ●

# ଉପଭୋକ୍ତା ଅଧିକାର ଓ ଉପଭୋକ୍ତା ସଚେତନତା

**ଡ. ଉଷାରାଣୀ ଦାଶ**

ନିକଟ ଅତୀତରେ 'ଗ୍ୟାସ ସିଲିଣ୍ଡରରେ ଓଜନ ଠକେଇ' ଶୀର୍ଷକ ଏକ ଖବର ଉପଭୋକ୍ତାମାନଙ୍କ ପାଇଁ ଉଦ୍‌ବେଗଜନକ ହୋଇଥିଲା। ଘଟଣାଟି ଥିଲା ଏହିପରି - ସାଧାରଣତଃ ଫାଙ୍କା ଘରୋଇ ଗ୍ୟାସ ସିଲିଣ୍ଡରର ଓଜନ ୧୫.୫ କିଲୋଗ୍ରାମ ସହିତ ଗ୍ୟାସର ଓଜନ ୧୪.୨ କିଗ୍ରା ମିଶାଇ ମୋଟ ୨୯.୭ କିଗ୍ରା ହୋଇଥିବା ବେଳେ କେତେଜଣ ଉପଭୋକ୍ତା ଗ୍ୟାସ କିଣିବା ସମୟରେ ଏହି ଓଜନଠାରୁ ପାଖାପାଖି ୨ କିଲୋଗ୍ରାମ ଓଜନ କମ ଥିବା ଜାଣିବାକୁ ପାଇଥିଲେ। ଯାହାର ଅର୍ଥ ସିଲିଣ୍ଡରରେ ଉକ୍ତ ପରିମାଣର ଗ୍ୟାସ କମ୍ ଥିଲା। ଗ୍ୟାସ ଏଜେନ୍ସି ମଧ୍ୟ ଏହାକୁ ଏକ ଅତି ମାମୁଲି ତ୍ରୁଟି ବୋଲି ଖାମଖିଆଲି ମନ୍ତବ୍ୟ ଦେଇଥିଲେ। ସିଲିଣ୍ଡରରେ ୧୫୦ଗ୍ରାମ ଓଜନର ଗ୍ୟାସ କମ୍ ବା ବେଶି ହେଲେ ଚଳିବ। ମାତ୍ର ୨ କିଲୋଗ୍ରାମ ଗ୍ୟାସର ମୂଲ୍ୟ ପାଖାପାଖି ୧୨୫ଟଙ୍କାର କ୍ଷତି ଉପଭୋକ୍ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ। କେତେକ ସଚେତନ ଉପଭୋକ୍ତାଙ୍କ ନିମିତ୍ତ ଏ ଘଟଣାଟି ଲୋକଲୋଚନକୁ ଆସିପାରିଲା। ମାତ୍ର ପ୍ରତିଦିନ କେତେ ଯେ ଉପଭୋକ୍ତା ଏହିପରି ଠକେଇର ଶିକାର ହେଉଛନ୍ତି ତାହାର ହିସାବ ନାହିଁ। କେବଳ ଏହି ଗୋଟିଏ ଘଟଣା ନୁହେଁ, ବିଭିନ୍ନ କ୍ଷେତ୍ରରେ ଉପଭୋକ୍ତାଟିଏ ପ୍ରତି ମୂହୂର୍ତ୍ତରେ ଠକେଇ, ଗୁଣବତ୍ତା ବିହୀନ ଦ୍ରବ୍ୟ ଓ ସେବା ଏବଂ ଶୋଷଣର ଶିକାର ହୋଇଚାଲୁଛି। ଏହାର ପ୍ରମୁଖ କାରଣ ଉପଭୋକ୍ତା ଅଧିକାର ସମ୍ପର୍କରେ ସଚେତନତାର ଅଭାବ।

ଉପଭୋକ୍ତା ହେଉଛନ୍ତି ଜଣେ ବ୍ୟକ୍ତି କିମ୍ବା ଏକ ଗୋଷ୍ଠୀ, ଯିଏ ମୁଖ୍ୟତଃ ବ୍ୟକ୍ତିଗତ, ସାମାଜିକ, ପାରିବାରିକ, ଘରୋଇ ଏବଂ ଏହିପରି ସମାନ ଆବଶ୍ୟକତା ପାଇଁ ଦ୍ରବ୍ୟ ବା ଉତ୍ପାଦ କିଣନ୍ତି କିମ୍ବା ସେବା ବ୍ୟବହାର କରନ୍ତି। ସେମାନେ ସିଧାସଳଖ ଉଦ୍ୟୋଗୀ କିମ୍ବା ବ୍ୟବସାୟିକ କାର୍ଯ୍ୟକଳାପ ସହିତ ଜଡ଼ିତ ନୁହନ୍ତି। ଏବେ ମଧ୍ୟ ଆମ ଭିତରେ ଏମିତି ଉପଭୋକ୍ତା ଅଛନ୍ତି, ଯେଉଁମାନେ ପ୍ରାପ୍ତ ଦ୍ରବ୍ୟ ଓ ସେବାକୁ ସରଳ ବିଶ୍ୱାସରେ ସଠିକ୍ ବୋଲି ଗ୍ରହଣ କରି ନେଇଥା'ନ୍ତି। ବସ୍ତୁଟିର ଗୁଣବତ୍ତା କିପରି, ଏହା ଧାର୍ଯ୍ୟ ମାନକ ଅନୁସାରେ ପ୍ରସ୍ତୁତ ହୋଇଛି କି ନାହିଁ, କ୍ରୟକରିବା ପୂର୍ବରୁ ଏହାର କ'ଣ ସବୁ ଯାଞ୍ଚ କରିବାକୁ ହେବ ଏବଂ ବ୍ୟବହାର କରିବା ପୂର୍ବରୁ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ସେ ସମ୍ପର୍କରେ ଅନେକ ଉପଭୋକ୍ତା ସଚେତନ ନୁହନ୍ତି। ଏହି ଉଦ୍ଦେଶ୍ୟରେ ୧୯୮୩ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ପ୍ରଥମ ଥର ପାଇଁ 'ବିଶ୍ୱ ଉପଭୋକ୍ତା ଅଧିକାର ଦିବସ' ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସ୍ୱୀକୃତି ଓ ସମର୍ଥନରେ ୧୯୮୫ ପରେ ବିଶ୍ୱର ସମସ୍ତ ଦେଶ ଠକେଇ, ଅନୁଚିତ ବ୍ୟବସାୟ କାର୍ଯ୍ୟପ୍ରଣାଳୀ, ଭ୍ରମାତ୍ମକ ବିଜ୍ଞାପନ ଏବଂ ଅସୁରକ୍ଷିତ ଉତ୍ପାଦରୁ ଉପଭୋକ୍ତାଙ୍କୁ ସୁରକ୍ଷା ଦେବା ପାଇଁ ସଚେତନତା ଉଦ୍ଦେଶ୍ୟରେ ଏବଂ ଶୋଷଣ ବିରୁଦ୍ଧରେ ଲଢ଼ିବା ପାଇଁ ସାମୂହିକ ପ୍ରୟାସ ରୂପେ ଏହି ଦିବସ ପାଳନ କରିଆସୁଛନ୍ତି। ଏହାକୁ ଆନ୍ତର୍ଜାତୀୟ ମାନକ ସଂଗଠନ, ବିଶ୍ୱ ଶକ୍ତି ପରିଷଦ, ମୋଜିଲା ଫାଉଣ୍ଡେସନ, ଓସେନ କଞ୍ଜରଭେନ୍ସି, ଅର୍ଥନୈତିକ ବିକାଶ ଏବଂ ସହଯୋଗ ସଂଗଠନ, ୟୁରୋପୀୟ କମିଶନ ଏବଂ ଆହୁରି ଅନେକ ସଂଗଠନ ଦ୍ୱାରା ସମର୍ଥନ କରାଯାଇଛି।

ଉପଭୋକ୍ତା ଅଧିକାରକୁ ନିଶ୍ଚିତ କରିବା, ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ ଦୃଢ଼ ଉପଭୋକ୍ତା ସୁରକ୍ଷା ପାଇଁ ସମର୍ଥନ କରିବା ଲକ୍ଷ୍ୟ ନେଇ ଭାରତରେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଦ୍ୱାରା ଏହାକୁ ସଞ୍ଚାଳନ କରାଯାଇଥିଲା। ଏଥିରେ ଉପଭୋକ୍ତା ଆଇନର ଗୁରୁତ୍ୱ, ଆଇନଗତ ସଂସ୍ଥା ଓ ଉପଭୋକ୍ତା ମଞ୍ଚର ସମ୍ପୃକ୍ତି ସହିତ ଏହାର କାର୍ଯ୍ୟକାରିତା ବିଷୟରେ ସଚେତନ କରାଯାଉଛି। ଭାରତର ଉପଭୋକ୍ତା ସୁରକ୍ଷା ଆଇନରେ ଉପଭୋକ୍ତାମାନଙ୍କୁ ନିରପେକ୍ଷ କିଣାବିକା ଅଧିକାର ଏବଂ ଶୋଷଣରୁ ରକ୍ଷା କରିବା ପାଇଁ ପ୍ରାବଧାନ ରହିଛି। ବିପଦପୂର୍ଣ୍ଣ ସାମଗ୍ରୀ ଓ ସେବାରୁ ସୁରକ୍ଷା ପ୍ରଦାନ ନିମିତ୍ତ ସୁରକ୍ଷା ଅଧିକାର, ଉତ୍ପାଦ ଓ ସେବା ବିଷୟରେ ସଠିକ୍ ଓ ସ୍ୱଚ୍ଛ ବିବରଣୀ ପାଇବା ପାଇଁ ସୂଚନା ଅଧିକାର, ପ୍ରତିଯୋଗିତାମୂଳକ ମୂଲ୍ୟରେ ବିଭିନ୍ନ ସାମଗ୍ରୀ ଓ ସେବା ଚୟନ କରିବାର ଅଧିକାର, ଠକେଇ ବିରୋଧରେ ଅଭିଯୋଗ କରିବାର ଅଧିକାର, କ୍ଷତିପୂରଣ ପାଇବା ନିମିତ୍ତ ଆଇନଗତ ଅଧିକାର, ଦାୟିତ୍ୱ ବିଷୟରେ ସଚେତନତା ପାଇଁ ଉପଭୋକ୍ତା ଶିକ୍ଷା ଅଧିକାର ଇତ୍ୟାଦି ସେଥିମଧ୍ୟରୁ ଅନ୍ୟତମ।

ଭାରତ ସରକାର ଉପଭୋକ୍ତାମାନଙ୍କୁ ସଶକ୍ତ କରିବା, ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ଦୃଢ଼ କରିବା ଏବଂ ଉପଭୋକ୍ତା ଅଧିକାରକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏହିକ୍ରମରେ ଉପଭୋକ୍ତା ସୁରକ୍ଷା ଆଇନ-୨୦୧୯ ଉପଭୋକ୍ତା ଅଧିକାରକୁ ସୁରକ୍ଷିତ କରିବା ସହିତ ଭ୍ରମାତ୍ମକ ବିଜ୍ଞାପନ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ସେହିପରି ଇ-ଦାଖିଲ ପୋର୍ଟାଲ୍ ଉପଭୋକ୍ତାଙ୍କୁ ଅନଲାଇନରେ ଅଭିଯୋଗ ଦାଖଲ ଏବଂ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅଭିଯୋଗଗୁଡ଼ିକର ଶୁଣାଣି କରିବାର ସୁଯୋଗ ଦିଏ। କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ଉପଭୋକ୍ତାଙ୍କ ଅଧିକାରକୁ ପ୍ରୋତ୍ସାହିତ ଓ ସୁରକ୍ଷିତ କରିବା ସହିତ ଅନୈତିକ କାରବାରକୁ ନିୟନ୍ତ୍ରଣ, ଆଇନ ଉଲ୍ଲଂଘନର ତଦନ୍ତ କରିବା ସହିତ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ୟାର ସମାଧାନ କରେ। ଜାତୀୟ ଉପଭୋକ୍ତା ହେଲ୍ପଲାଇନ୍ (୧୮୦୦-୧୧-୪୦୦୦) ହେଉଛି ଉପଭୋକ୍ତା ଅଭିଯୋଗ ଏବଂ ସହାୟତା ପାଇଁ ନିଃଶୁଳ୍କ ଅଭିଯୋଗ ବ୍ୟବସ୍ଥା। ସେହିପରି 'ଜାଗୋ ଉପଭୋକ୍ତା ଜାଗୋ' ଅଭିଯାନ ହେଉଛି ସରକାରୀ ସଂସ୍ଥା ଓ ଉପଭୋକ୍ତା ସଂଗଠନଗୁଡ଼ିକ ଉପଭୋକ୍ତାମାନଙ୍କୁ ସେମାନଙ୍କ ଅଧିକାର ଏବଂ ଦାୟିତ୍ୱ ବିଷୟରେ କର୍ମଶାଳା, ଆଲୋଚନାଚକ୍ର ଓ ପ୍ରଦର୍ଶନୀ ମାଧ୍ୟମରେ ଶିକ୍ଷା ଦେଉଥିବା ଏକ ଦୀର୍ଘକାଳୀନ ସଚେତନତା କାର୍ଯ୍ୟକ୍ରମ। ଏହାଛଡ଼ା ଭାରତୀୟ ମାନକ ବ୍ୟୁରୋ ଉପଭୋକ୍ତା ଅଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଗୁଣାତ୍ମକ ମାନ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। 'ବିଆଇଏସ କେୟାର ଆପ' ନାମକ ଆପ୍ ଉପଭୋକ୍ତାମାନଙ୍କୁ ଆଇଏସ୍ଆଇ, ଏଚୟୁଆଇଡି ସିଏମ୍ଏଲ୍, ସିଏମ୍ଆର୍ ସଂଖ୍ୟାପ୍ରାପ୍ତ ଦ୍ରବ୍ୟର ମାନକୁ ଯାଞ୍ଚ କରିବାରେ ସହାୟକ ହେଉଛି।

ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ଚିନ୍ତା ଉପଭୋକ୍ତା ସକ୍ରିୟତାକୁ ଜନ୍ମ ଦେଇଛି, ଯେଉଁଠାରେ ସଂଗଠିତ କର୍ମୀମାନେ ଉତ୍ପାଦ ଏବଂ ସେବା ପ୍ରଦାନକୁ ଉନ୍ନତ କରିବା ପାଇଁ ଅଧିକ ଗବେଷଣା ଆରମ୍ଭ କରିଛନ୍ତି। କିଛି ସ୍କୁଲ ପାଠ୍ୟକ୍ରମରେ ମଧ୍ୟ ଉପଭୋକ୍ତା ଶିକ୍ଷାକୁ ସାମିଲ କରାଯାଇଛି। ସାମ୍ପ୍ରତିକ ସମୟରେ ଭାରତରେ ଉପଭୋକ୍ତା ସୁରକ୍ଷା କ୍ଷେତ୍ରରେ କେତେକ ପଦକ୍ଷେପ ଗ୍ରହଣ କରିବାର ଦୃଷ୍ଟାନ୍ତ ରହିଛି। ଯେପରିକି ଅନିୟନ୍ତ୍ରିତ ଋଣ ପ୍ରଦାନ ଉପରେ କଟକଣା, ଡିଜିଟାଲ ପ୍ଲାଟଫର୍ମର ନିୟନ୍ତ୍ରଣ ଇତ୍ୟାଦି।

ଉପଭୋକ୍ତା ଅଧିକାରର ଲକ୍ଷ୍ୟ ହେଉଛି ଏକ ବିଶ୍ୱ ନିର୍ମାଣ କରିବା, ଯେଉଁଠାରେ ଉପଭୋକ୍ତାମାନଙ୍କୁ ମୂଲ୍ୟବାନ ମନେ କରାଯାଏ ଏବଂ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରାଯାଏ। ସୁସ୍ଥ ପ୍ରତିଯୋଗିତା ଓ ଉପଭୋକ୍ତା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ସହିତ ବ୍ୟବସାୟଗୁଡ଼ିକୁ ଉପଭୋକ୍ତା ଅଧିକାର ବଜାୟ ରଖିବା ପାଇଁ ଉତ୍ସାହିତ କରିବା ଦ୍ୱାରା ଏହା ସମ୍ଭବ ହୋଇଥାଏ।

ଉପଭୋକ୍ତା ଅଧିକାର ହେଉଛି ମାନବ ଅଧିକାର!। ଉପଭୋକ୍ତାଙ୍କର ପସନ୍ଦ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥାଏ। ଏ ସମ୍ପର୍କରେ ମହାତ୍ମା ଗାନ୍ଧୀ କହିଥିଲେ 'ଉପଭୋକ୍ତାମାନେ ଆମ ପରିସରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିଦର୍ଶକ, ସେମାନେ ଆମ ଉପରେ ନିର୍ଭରଶୀଳ ନୁହନ୍ତି, ଆମେ ସେମାନଙ୍କ ଉପରେ ନିର୍ଭରଶୀଳ।' କୌଣସି ଦ୍ରବ୍ୟର ଉତ୍ପାଦନକାରୀଙ୍କର ଉତ୍ପାଦ ଉପଭୋକ୍ତାଙ୍କ ବିନା ମୂଲ୍ୟହୀନ। ତେଣୁ ପ୍ରତ୍ୟେକ ଉପଭୋକ୍ତା ନିଜର ଅଧିକାର ସମ୍ପର୍କରେ ସଚେତନ ହେବା ଅତ୍ୟନ୍ତ ଜରୁରୀ। ଉପଭୋକ୍ତାମାନେ କ'ଣ କିଣୁଛନ୍ତି ତାହା କିଣିବା ପୂର୍ବରୁ ଜାଣନ୍ତୁ, ଚିହ୍ନଟ କରିବାରେ ଭୁଲ୍ କରନ୍ତୁ ନାହିଁ, ଉପଭୋକ୍ତା ଅଧିକାର ସମ୍ପର୍କରେ ଜାଣନ୍ତୁ। ସୂଚନାପ୍ରାପ୍ତ ଉପଭୋକ୍ତା ହୋଇ ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନରେ ଆଗଧାଡ଼ିର ଜଣେ ସୈନିକ ହୁଅନ୍ତୁ। ●

ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

# 'ଅସ୍ଥି-ଉପଦ୍ରବ' ଉପାଖ୍ୟାନ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଦୀର୍ଘଦିନ ତଳୁ ମର୍ତ୍ତ୍ୟଲୋକରେ ମାଟି ଶରୀରଟିକୁ ଛାଡ଼ି ଦେଇ ଆସି ସାରିଲାଣି ସେ। କିନ୍ତୁ ଏ ପର୍ଯ୍ୟନ୍ତ ସେ ମୁକ୍ତି ପାଇନି ପାର୍ଥିବିକ ମୋହାଗ୍ନିରୁ। କେମିତି ବା ତା'ର ମୁକ୍ତି ହେବ! ତାଙ୍କ ତଥାକଥିତ ପାଖଲୋକ ଜଣକ କାହିଁକି କେଜାଣି କେଉଁ ଉଦ୍ଦେଶ୍ୟରେ ଏବେ ବି ତା' ପାଖରେ ରଖିଛି ତାଙ୍କର ଅସ୍ଥିକଳସ ସେ ହିଁ ଜାଣେ। ମର ଶରୀରଟିର ଦାହସଂସ୍କାର ପରେ ତା'ର ଛୋଟିଆ ଅସ୍ଥିଟିଏ ସେ ନେଇ ଆସିଥିଲା। ଲୋକଙ୍କୁ କହିଥିଲା ସେଇଟିକୁ ସେ ନେଇ ପ୍ରୟାଗରାଜର ଗଙ୍ଗାନଦୀର ତ୍ରିବେଣୀ ସଙ୍ଗମରେ ବିସର୍ଜନ କରିଦେବ। ମୃତ ମଣିଷଟିର ତୁରନ୍ତ ମୋକ୍ଷ ପାଇଁ ସେ ସକଳ ଆନୁସଙ୍ଗିକ ହିନ୍ଦୁଶାସ୍ତ୍ରମତ ବିଧିବ୍ୟବସ୍ଥା ଯଥାବିଧି ସମାପନ କରିଦେବ। କିନ୍ତୁ ଏବେ ବି ସେ ଅସ୍ଥିକଳସ ରହିଛି ତା'ଘରେ। ତମ୍ବାପାତ୍ରରେ ମୁଦ ହେଇ ରହିଛି ଛୋଟିଆ ଅସ୍ଥିଟି। ଏଣେ ପରଲୋକରେ ମୃତ ମଣିଷର ଆତ୍ମା ଭୋଗିଚାଲିଛି ଦାରୁଣ କଷ୍ଟ। ତା'ସହିତ ମର୍ତ୍ତ୍ୟଲୋକରୁ ବିଦାୟ ନେଇ ଚାଲିଆସିଥିବା ଶହେ ଖଣ୍ଡେ ସରିକି 'ଆତ୍ମା' ମୋକ୍ଷଲୋକକୁ ଯାତ୍ରା କରିବା ପାଇଁ ଆବଶ୍ୟକ ଅନୁମତିପତ୍ର ପାଇ ସାରିଲେଣି। ସେ କିନ୍ତୁ ଅପେକ୍ଷା କରିଛି କେବେ ତା'ର ସେ ସୌଭାଗ୍ୟ ହେବ।

ସହସ୍ର ଆଲୋକବର୍ଷ କିମ୍ବା ତା'ଠାରୁ କେତେ ଗୁଣ ଅଧିକ ଦୂରତାରେ ଥିବା ଏ ମୃତଲୋକରୁ କିପରି ବା ବାର୍ତ୍ତାଟିଏ ପଠାଇଦେବ ତା' ଅସ୍ଥିକୁ ପ୍ରୟାଗରାଜରେ ବିସର୍ଜନ କରିବାକୁ ଭୁଲି ଯାଇଥିବା ତା'ର ସେ ଆତ୍ମଘୋଷିତ ପାଖଲୋକ ଜଣକୁ? ସହଜେ ତ ଆଜିକାଲି ସବୁଠି ଇଣ୍ଟରନେଟ୍‌ରେ ଭାରି ଭିଡ଼। ସେ ମର୍ତ୍ତ୍ୟଲୋକରେ ଲୀଳା ଖେଳା କରୁଥିବା ବେଳେ ଯୋଉ ଟେଲିଗ୍ରାମ୍ ବ୍ୟବସ୍ଥାଟି ଥିଲା ସେଇଟି ତ କେବେଠାରୁ ଅକାମୀ ହୋଇସାରିଲାଣି। ତେଣୁ ଅଗତ୍ୟା ସେ ତମ୍ବାପାତ୍ରରେ ଥିବା ସେଇ ଛୋଟିଆ ଅସ୍ଥିଟିକୁ ବାର୍ତ୍ତାପ୍ରେରଣର ମାଧ୍ୟମ କରିବାକୁ ନିଷ୍ପତ୍ତି ନେଲା। ସେଇଟିକୁ ନିର୍ଦ୍ଦେଶ ଦେଲା ସେ ପାଖଲୋକର ଘରେ କିଛି କିଛି ଉତ୍ପାତ ରଚିବାକୁ। ବଶମ୍ବଦ ଅସ୍ଥି ଖଣ୍ଡକ ବି ଅକ୍ଷରେ ଅକ୍ଷରେ ସେ ନିର୍ଦ୍ଦେଶ ପାଳନ କରିଚାଲିଲା। ରାତିଅଧରେ ବା ବେଳଅବେଳରେ କେଉଁ ଝଟକରେ ଅସ୍ଥିଟି ବାହାରି ପଡ଼ିଲା ତମ୍ବା ପାତ୍ରରୁ। କେତେବେଳେ ସେ ଦାଣ୍ଡଦୁଆର ହେଉ ବା ଅନ୍ୟ କେଉଁ ଦୁଆର କି ଝରକା ହେଉ -ସବୁଠି ଦେଇ ଚାଲିଲା ମୃଦୁ ଧକ୍‌କାମାନ। ବେଳେବେଳେ ବି ଅକୁହା କ୍ରୋଧ କି ଅଭିମାନରେ ସେ ଦେଉଥିବା ଧକ୍‌କାଗୁଡ଼ିକର ଶବ୍ଦ ବେଶ୍ ହାଡ଼ଥରା ହେବା ସେ ପାଖଲୋକ ଜଣକ ଏବଂ ତା'ଘରର ଅନ୍ୟ ସଦସ୍ୟ / ସଦସ୍ୟା ଶୁଣି କାକୁସ୍ଥ, ତଟସ୍ଥ ହୋଇପଡ଼ିଲେ। ଅତର୍କ୍କାରେ ବାବୁଜଣକ ଦୌଡ଼ିଲେ ପଣ୍ଡିତ ଓ ଗୁଣିଆମାନଙ୍କ ପାଖକୁ। ସନାତନୀ ବିଦ୍ୟାରେ ଧୂରୀଣ ଓ ମହାନ୍ ତାନ୍ତ୍ରିକ ଭାବରେ ଖଣ୍ଡମଣ୍ଡଳରେ ଭାରି ନାଁ କରିଥିବା ଜଣେ କେହି କହିଲେ- 'ଯାଅ, ଯାଅ, ତୁରନ୍ତ ସେ ଅସ୍ଥିଖଣ୍ଡକ ନେଇ ତ୍ରିବେଣୀରେ ବିସର୍ଜନ କରି ଦେଇ ଆସ।' ତଥାକଥିତ ପାଖଲୋକ ଜଣକ ସେଇଆ ହିଁ କଲେ ଏବଂ ଅସ୍ଥି -ଉପଦ୍ରବରୁ ରକ୍ଷା ପାଇଗଲେ।

ଏକବିଂଶ ଶତାବ୍ଦୀର ଏ ଦୁନିଆରେ ବିଜ୍ଞାନ ଯେତେବେଳେ ଅଭୂତପୂର୍ବ ଚମତ୍କାରିତା ଦେଖାଇ ଅନେକ ଦୃଷ୍ଟିବାଧିତମାନଙ୍କୁ ଚକ୍ଷୁଷ୍ମାନ କରି ସାରିଲାଣି, ସେତେବେଳେ ଆମର ଏ ପବିତ୍ରତମ ଜଗନ୍ନାଥ ଦେଶର ଜଣେ ତଥାକଥିତ ସବ୍‌ଜାନ୍ତା ମଣିଷ ତା'ଘରେ ଥିବା ଗୋଟିଏ ଅସ୍ଥି ଏମିତି ସବୁ କାରନାମା କରିଥିବା କଥା ମହାଉତ୍ସାହରେ ସର୍ବସାଧାରଣରେ କହିବାକୁ ତିଳେ ବି କୁଣ୍ଠାପ୍ରକାଶ କଲାନାହିଁ। ଟିକେ ଭାବନ୍ତୁ ତ! ଯଦି ମୃତଲୋକମାନଙ୍କର ଅସ୍ଥି ସବୁ ଏମିତି ଉପଦ୍ରବ କରିବା ସବୁଠି ଆରମ୍ଭ କରିଦେବେ, କେଡ଼େ ବିଭ୍ରାଟ ନ ଘଟିବ! ସବୁଠାରୁ ମାରାତ୍ମକ ବିଭ୍ରାଟ ସୃଷ୍ଟିହେବ ମୃତ୍ୟୁ ପରେ ଆପଣା ଶରୀରଦାନ କରିଥିବା ସାଧୁ ମଣିଷମାନଙ୍କ ଅସ୍ଥି ସବୁ ରହିଥିବା ମେଡିକାଲ୍‌ମାନଙ୍କରେ। ଅସ୍ଥି ତ ନୁହେଁ, ସମଗ୍ର କଙ୍କାଳଗୁଡ଼ିକ ସଜ୍ଜା ହୋଇ ରହିଥାଏ ସେଠାରେ। ବେଳଅବେଳରେ ଯଦି ସେ କଙ୍କାଳସବୁ କିଳିକିଳିରାବ ଆରମ୍ଭ କରିଦେବେ ଆମକୁ 'ପ୍ରୟାଗରାଜ ନେଇ ଚାଲ' ଲେଖାଥିବା ପ୍ଲାକାର୍ଡମାନ ଧରି, କି ଅବସ୍ଥା ନହେବ ଆମ ଡାକ୍ତରୀ ପିଲାମାନଙ୍କର ଏବଂ ଆମ ରୋଗୀ ଓ ସେମାନଙ୍କ ପାଖରେ ରହୁଥିବା ଜ୍ଞାତି ପରିଜନମାନଙ୍କର।

ପୁଣି ଏମିତି ବି ହୋଇପାରେ - ମୃତ ମଣିଷମାନଙ୍କ ପ୍ରିୟଚିଜ ବା ଆସବାବପତ୍ର, ଯାହାକିଛି ସେମାନଙ୍କ ପୁତ୍ରକନ୍ୟାମାନଙ୍କ ପାଖରେ ରହିଯାଇଥିବ, ସେ ସବୁ ବି ଅଜବ କାଣ୍ଡ କାରଖାନା ଭିଆଇ ପାରନ୍ତି। ମୃତ ଜେଜେବାପାଙ୍କ ଜୋତା ହଳକ ଯଦି ତାଙ୍କ ଦାହସଂସ୍କାର ବେଳେ ଯଥାବିଧି ଅଗ୍ନିରେ ବା ଶ୍ମଶାନଘାଟରେ ବିସର୍ଜିତ ହୋଇନଥିବ, ସେ ଜୋତା, ସେ ବୁଟ୍ ଠକ୍‌ଠକ୍ ଶବ୍ଦ କରି ରାତିସାରା ଘରେ ଚାଲିପରେ। ମୃତ ପରିଜନଙ୍କ ପୋଷା ବିଲେଇ କି କୁକୁରମାନେ ବି ହଠାତ୍ ଜଳାତଙ୍କରେ ପୀଡ଼ିତ ହୋଇ ଗୋଡ଼ାଇ ଗୋଡ଼ାଇ କାମୁଡ଼ି ପାରନ୍ତି ସ୍ୱଷ୍ଟ ଦିବାଲୋକରେ। ମୃତ ଜେଜୀମା'ଙ୍କ ବଙ୍କୁଲି ବାଡ଼ି ଯଦି ଗୋଡ଼ାଇ ଗୋଡ଼ାଇ ଗୋଗଛ ପିଟିଚାଲିବ, କି ଅନର୍ଥ ନ ହେବ ଭାବନ୍ତୁ ତ! ପ୍ରଥମେ ତ ଦୋରସ୍ତ ପିଟା ଖାଇବ ବୋହୂ ସାଆନ୍ତାଣୀ ଜଣକ। ବୁଢ଼ୀ ଆରପାରିକୁ ଚାଲିଯାଇଥିଲେ ବି ତଥାପି କ'ଣ ଭୁଲି ପାରିଥିବ ତା' ଜୀବଦ୍ଦଶାରେ କି ଅନଭୋଗ ତାକୁ ନ ଦେଇଛି ସେ ବୋହୂ। ଏକଦା ଆପଣାର ପ୍ରତାପରେ ସସାଗରା ଧରା ଥରାଇ ଦେଉଥିବା ମହାନ୍ ପରାକ୍ରମୀ ରାଜନେତା ଜଣକ ପରଲୋକକୁ ତା'ର ଅନିଚ୍ଛାସତ୍ତ୍ୱେ ଘୋଷରା ହୋଇ ଗଲା ପରେ ଯଦି ତା'ର କୁର୍ତ୍ତା, ପାଇଜାମା କି ତା'ର ଦୁର୍ଗନ୍ଧଯୁକ୍ତ ରୁମାଲ ହଠାତ୍ ସଭିଙ୍କ ଚକ୍ଷୁ ସମ୍ମୁଖରେ ଦୋଳି ଖେଳି ଚାଲିବେ ଏବଂ ସେଗୁଡ଼ିକୁ ତୁରନ୍ତ ଡ୍ରାଇୱାସ୍ କରି କାହିଁକି ରଖାଯାଇନି ବୋଲି ଇଙ୍ଗିତ ଦେଇଚାଲିବେ, କି ହୀନସ୍ତା ନ ହେବ ତା'ର ଅଲିଅଳ ବିଶିକେସନ ପୁତ୍ରଜଣକ! ଏପରି ସ୍ଥଳେ ବୋଧହୁଏ ଅନତି ବିଳମ୍ବେ ଗୋଟିଏ ଦେଶ ବା ରାଜ୍ୟର ମନ୍ତ୍ରିମଣ୍ଡଳରେ ସ୍ୱତନ୍ତ୍ର ବିଭାଗଟିଏ ଖୋଲାଯାଇପାରେ - ଯା'ର ଏକମାତ୍ର କାମ ହେବ ମୃତ ଲୋକମାନଙ୍କ ଅସ୍ଥି ଠାରୁ ଆରମ୍ଭ କରି ଅନ୍ୟ ପ୍ରତ୍ୟେକ ଦେହଲଗା ଚିଜମାନଙ୍କର ବିହିତ ଶାସ୍ତ୍ରାନୁମୋଦିତ ବ୍ୟବସ୍ଥା ସବୁର ତ୍ୱରିତ କାର୍ଯ୍ୟାନ୍ୱୟନ କରିବା।

ଏ ଲେଖକ ଅବଶ୍ୟ ମାନିବ ଯେ ଉପରୋକ୍ତ କଥାଗୁଡ଼ିକ ଭାରି ଲଘୁ କିମ୍ବା ତୁଚ୍ଛା ଅତିଶୟୋକ୍ତି ମନେ ହୋଇପାରେ ଅନେକଙ୍କୁ। କିନ୍ତୁ ବନ୍ଧୁ! ଆମମାନଙ୍କ ସାମୂହିକ ଚେତନା ତ ଘୋର ପ୍ରଦୂଷିତ ହୋଇସାରିଲାଣି କେବେଠାରୁ - ଏହା କଣ ଏକ ଧ୍ରୁବ ସତ୍ୟ ନୁହେଁ କି? ଯାବତୀୟ ଅନ୍ଧବିଶ୍ୱାସ ଓ କୁସଂସ୍କାରଗୁଡ଼ିକୁ ଆଜି ଆମ ନେତୃବୃନ୍ଦ ପୂରାପୂରି ଧର୍ମୀୟ, ଆମ ମହାନ୍ ସଂସ୍କୃତିର ଅନୁକୂଳ ବୋଲି ରଟି ଚାଲିଛନ୍ତି ଏକ ବିଚିତ୍ର ଉନ୍ମାଦନାରେ। ସହଜେ ତ ଆମ ଦେଶର ଶତକଡ଼ା ଅନେଶୋତ ସବୁକାଳେ ଧର୍ମଭୀରୁ; ଭାଗ୍ୟ, ଭଗବାନ, ଭୂତ, ପ୍ରେତ, ପିଶାଚ ଆଦିରେ ଆଜନ୍ମ ବିଶ୍ୱାସୀ। ତେଣୁ ଯେତେବେଳେ ଆମ ଦେଶ ବା ଆମ ରାଜ୍ୟର ତଥାକଥିତ ମହାଜନମାନେ 'ଅସ୍ଥି-ଉପଦ୍ରବ' ଉପାଖ୍ୟାନକୁ ନେଇ ପାରାୟଣ କରିବେ, ସେଇମାନଙ୍କ କଥାକୁ ଶିରୋଧାର୍ଯ୍ୟ କରିବେ ସେମାନଙ୍କ ବୋଲକରା ଭକ୍ତମାନେ। କାରଣ ଆମ ଶାସ୍ତ୍ର ତ ଆମକୁ କହିଛି - 'ମହାଜନୋ ଯେନା ଗତଃ ସ ପନ୍ଥା'। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ (ଜଗତ୍‌ସିଂହପୁର),
ମୋ: ୯୮୫୩୩୫୫୧୦୭

# ବୌଦ୍ଧ ଐତିହ୍ୟ: ଦକ୍ଷିଣକୋଶଳ

## ଦ୍ୱିତୀୟ-ବୁଦ୍ଧ କଥା

**ପ୍ରବୀର କୁମାର ପଟ୍ଟନାୟକ**

ଭାରତୀୟ ଇତିହାସର ସ୍ରୋତରେ ବିଭିନ୍ନ ସାମ୍ରାଜ୍ୟର ଉତ୍‌ଥାନ ଓ ପତନ ଘଟିଛି। କିନ୍ତୁ ଉତ୍ତରର ମଗଧ, ଗୌଡ଼, ବଙ୍ଗ, ଅବନ୍ତୀ, ଲତା, ସୌରାଷ୍ଟ୍ର, କୋଶଳ ଓ ଉତ୍କଳ ଆଦି ଏବଂ ଦକ୍ଷିଣରେ କଳିଙ୍ଗ, ଆନ୍ଧ୍ର, ମହାରାଷ୍ଟ୍ର, କର୍ଣ୍ଣାଟ ଓ ଚୋଳ ଆଦି ପ୍ରଦେଶଗୁଡ଼ିକ ସମଗ୍ର ଭାରତୀୟ ଇତିହାସ କାଳରେ ଭିନ୍ନ ଭିନ୍ନ ନାମରେ ଭିନ୍ନ ଭିନ୍ନ ସାମ୍ରାଜ୍ୟର ଅଂଶଭାବେ ତିଷ୍ଠି ରହିଛନ୍ତି।

ଏ ସବୁ ରାଜ୍ୟଗୁଡ଼ିକ ମଧ୍ୟରେ ଭାରତୀୟ ପରମ୍ପରା ଓ ସାହିତ୍ୟରେ କୋଶଳର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା ରାମଙ୍କର ରାଜ୍ୟଭାବେ ପ୍ରଥମରୁ ପରିଚିତ ଏବଂ ପରେ ଖ୍ରୀ.ପୂ ୬ଷ୍ଠ ଶତାବ୍ଦୀରୁ ବୌଦ୍ଧଗ୍ରନ୍ଥ 'ଅଙ୍ଗୁତ୍ତର ନିକାୟ'ରୁ ଏହାର ଅନ୍ୟ ଏକ ପରିଚୟ। ପୌରାଣିକ ଗ୍ରନ୍ଥ ରାମାୟଣ ମୁତାବକ ରାମଙ୍କ ତିରୋଧାନ ପରେ ତାଙ୍କ ରାଜ୍ୟ କୋଶଳ ଦୁଇପୁଅ ଲବ ଓ କୁଶଙ୍କ ମଧ୍ୟରେ ଦୁଇଭାଗ ହୋଇ ବଣ୍ଟନ ହେଲା। ଲବଙ୍କ ଅଂଶ ଉତ୍ତରକୋଶଳ ଏବଂ କୁଶଙ୍କ ଭାଗରେ ଦକ୍ଷିଣକୋଶଳ ରହିଲା। ମୋଟାମୋଟି ଭାବେ ଦକ୍ଷିଣକୋଶଳ ବର୍ତ୍ତମାନର ଅବିଭକ୍ତ ରାୟପୁର ଓ ବିଳାସପୁର ଜିଲ୍ଲା(ପୂର୍ବର ମଧ୍ୟପ୍ରଦେଶ ଓ ବର୍ତ୍ତମାନର ଛତିଶଗଡ଼ ଅନ୍ତର୍ଗତ) ଓଡ଼ିଶାର ଅବିଭକ୍ତ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ-ଫୁଲବାଣୀ ଏବଂ କୋରାପୁଟ ଜିଲ୍ଲା ଅଞ୍ଚଳ ରହିଲା। ଦକ୍ଷିଣକୋଶଳର ଐତିହାସିକ ଭୂଗୋଳ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ (୭ମ ଶତାବ୍ଦୀ)ଙ୍କ ବିବରଣୀରୁ ମଧ୍ୟ ଜଣାପଡ଼ିଥାଏ।

ଦକ୍ଷିଣକୋଶଳର ରାଜଧାନୀ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବାର ଦେଖାଯାଏ। ନଳମାନଙ୍କ କାଳରେ ରାଜଧାନୀ ପୁଷ୍କରୀ (କୋରାପୁଟର ଉମରକୋଟ ଅଞ୍ଚଳ), ଶରଭପୁରିଆଙ୍କ ସମୟରେ ଶରଭପୁର(ସୁନ୍ଦରଗଡ଼ ଜିଲ୍ଲା), ପରବର୍ତ୍ତୀ କାଳରେ ମହାନଦୀ କୂଳରେ ଶ୍ରୀପୁର ବା ଶିର୍‌ପୁର(ଛତିଶଗଡ଼ର ଏବେର ମହାସମୁଦ ଜିଲ୍ଲା)। ସେଠାରୁ ମହାଭବଗୁପ୍ତ ଜନ୍ମେଜୟଙ୍କ କାଳରେ ସୁବର୍ଣ୍ଣପୁର (ସୋନପୁର), ପୁଣି ସେଠାରୁ ମହାଶିବଗୁପ୍ତ ଯଯାତିଙ୍କ ସମୟରେ ସେହି ସୋନପୁର ଜିଲ୍ଲାର ବିନୀତପୁରକୁ। ସେଠାରୁ ପୁଣି ଚାଲିଗଲା ବଉଦକୁ- ଯାହାକୁ ଯଯାତିନଗର କୁହାଗଲା (ଏବେର ବଉଦ ନିକଟସ୍ଥ ମହାନଦୀ କୂଳସ୍ଥ ଜଗତି)।

ଦକ୍ଷିଣକୋଶଳ ପ୍ରାକୃତିକ ଭାବେ ନଦୀ ଉପତ୍ୟକା ଓ ପାହାଡ଼ିଆ ଅଞ୍ଚଳ। ଏହି ଭୂଖଣ୍ଡର ସଭ୍ୟତା ମୁଖ୍ୟତଃ ମହାନଦୀ ତଟବର୍ତ୍ତୀ ଅଞ୍ଚଳରେ ବିକାଶ ଲାଭ କରିଥିଲା। ସୋମବଂଶୀମାନଙ୍କର ତାମ୍ରଫଳକଗୁଡ଼ିକରେ ମହାନଦୀ ବହୁବାର ଲିପିବଦ୍ଧ ହୋଇଛି। ସେହିଭଳି ଶରଭପୁରିଆ ଓ ପାଣ୍ଡୁବଂଶୀମାନଙ୍କର ରାଜଧାନୀ ସେହି ମହାନଦୀ କୂଳରେ ଶ୍ରୀପୁର, ସୁବର୍ଣ୍ଣପୁର ଓ ଜଗତିଠାରେ ସ୍ଥାପିତ ହୋଇଥିଲା।

**ଦକ୍ଷିଣକୋଶଳରେ ବୌଦ୍ଧଧର୍ମ:** ଦକ୍ଷିଣ କୋଶଳ ଆଂଶିକ ବା ସମ୍ପୂର୍ଣ୍ଣ ଭାବରେ ଖ୍ରୀ.ପୂ ତୃତୀୟ ଶତାବ୍ଦୀରୁ ମୌର୍ଯ୍ୟ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିବା ଜଣାଯାଏ। ଛତିଶଗଡ଼ର ସରଗୁଜା ଜିଲ୍ଲାର ସୀତାବେଙ୍ଗା ଓ ଯୋଗୀମରାର ପ୍ରସ୍ତର ଗୁମ୍ଫାର ଶିଳାଲିପିରୁ ତଥା ହୁଏନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତରୁ ଏହା ଜଣାଯାଏ। ଅଶୋକ ଏହି ଅଞ୍ଚଳରେ ସ୍ତୂପ ଓ ଅନ୍ୟାନ୍ୟ ବୌଦ୍ଧ କୀର୍ତ୍ତିମାନ ପ୍ରତିଷ୍ଠା କରିଥିବା ହୁଏନ୍‌ସାଂ କହିଛନ୍ତି। ଏଥିରେ ସ୍ପଷ୍ଟ ମୌର୍ଯ୍ୟ କାଳରେ ହିଁ ବୌଦ୍ଧଧର୍ମ ଦକ୍ଷିଣକୋଶଳକୁ ପ୍ରବେଶ କରିଥିଲା। ପାଟଳୀପୁତ୍ରଠାରେ ମୋଗଲିପୁତ୍ତ ତିସ୍‌ସଙ୍କ ନେତୃତ୍ୱରେ ତୃତୀୟ ବୌଦ୍ଧ ସମ୍ମିଳନୀର ନିଷ୍ପତ୍ତିକ୍ରମେ ଭାରତ ମଧ୍ୟରେ ଓ ଭାରତ ବାହାରେ ବୌଦ୍ଧଧର୍ମ ପ୍ରଚାର କରିବା ନିମନ୍ତେ ଅଭିଜ୍ଞ ଭିକ୍ଷୁମାନଙ୍କୁ ପ୍ରେରଣ କରାଗଲା। ହୁଏନ୍‌ସାଂଙ୍କ ବର୍ଣ୍ଣନା ମୁତାବକ ସାତବାହନ ଶାସନ କାଳରେ ଦକ୍ଷିଣକୋଶଳ ରାଜଧାନୀ ସନ୍ନିକଟ ଏକ ବୌଦ୍ଧ ବିହାରରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନ ବସବାସ କରୁଥିଲେ। ସମ୍ଭବତଃ ସେ ଏହି ଅଞ୍ଚଳରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରୁଥିଲେ।

ପାଣ୍ଡୁବଂଶୀମାନେ ଖ୍ରୀ. ଷଷ୍ଠ ଶତାବ୍ଦୀରୁ ଦକ୍ଷିଣକୋଶଳରେ ଶାସନ କରୁଥିଲେ। ସେମାନଙ୍କ ସମୟରେ ଏ ଅଞ୍ଚଳରେ ବୌଦ୍ଧଧର୍ମ ବ୍ୟାପକଭାବେ ପ୍ରଚାର ପ୍ରସାର କରିଥିଲା। ପାଣ୍ଡୁବଂଶୀ ରାଜା ଭାବଦେବ ବୌଦ୍ଧ ମନ୍ଦିର ଓ ବିହାର ସ୍ଥାପନ କରିଥିବାର ପ୍ରମାଣ ରହିଛି। ତାଙ୍କ ପୂର୍ବରୁ ତାଙ୍କ ବଂଶର ରାଜା ସୂର୍ଯ୍ୟଘୋଷ ତାଙ୍କ ମୃତ ପୁତ୍ରଙ୍କ ସ୍ମୃତି ସ୍ୱରୂପ ବୌଦ୍ଧକୀର୍ତ୍ତି ନିର୍ମାଣ କରିଥିଲେ। ସେହି ବଂଶର ରାଜା ଭାବଦେବ ରତ୍ନକେଶରୀ ସ୍ୱୟଂ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ। ଏ ସବୁରୁ ଗୁପ୍ତ ସାମ୍ରାଜ୍ୟର ପରବର୍ତ୍ତୀ କାଳରେ ଏ ଅଞ୍ଚଳରେ ବୌଦ୍ଧକୀର୍ତ୍ତିମାନ ସ୍ଥାପିତ ହୋଇଥିବାର ଜଣାଯାଇଛି। ମହାଶିବଗୁପ୍ତ ବାଳାର୍ଜୁନଙ୍କ ତାମ୍ରଫଳକ ଏବଂ ମାମୁଁ ଭାସ୍କର ଦର୍ଶନଙ୍କ କାର୍ଯ୍ୟକଳାପ ସବୁରୁ ଦକ୍ଷିଣକୋଶଳରେ ମଗଧ ତରଫରୁ ବହୁ ବୌଦ୍ଧ ଅନୁଷ୍ଠାନମାନ ସ୍ଥାପିତ କରାଯାଇଥିଲା। ● (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାବେବିରା ହାଇସ୍କୁଲ ଖୋଲିବା ନେଇ ମହିଳାଙ୍କ ଧାରଣା ଜାରି



ଅତାବିରା, ୨୮ । ୩(ସମିସ): ଅତାବିରା ବ୍ଲକ ବାବେବିରା ହାଇସ୍କୁଲ ପୁନଃଖୋଲିବା ପାଇଁ ଗୁରୁବାର ଦ୍ୱିତୀୟ ଦିନରେ ମହିଳାମାନେ ଧାରଣା ଦେଇଛନ୍ତି। ଏଠାରେ ୪ ଜଣ ଶିକ୍ଷକ ଓ ଜଣେ ପିଅନ ଅନ୍ୟତ୍ର ଡେପୁଟେସନରେ କାମ କରି ସ୍କୁଲରୁ ଦରମା ନେଉଛନ୍ତି। ସ୍କୁଲ ଗତ ୨ ଶିକ୍ଷା ବର୍ଷ ହେଲା ବନ୍ଦ ହୋଇଛି। ଆବଶ୍ୟକ ପିଲା ଥିଲେ ମଧ୍ୟ ଶିକ୍ଷା ବିଭାଗ ଦୃଷ୍ଟିଦେଉ ନଥିବାରୁ ଗ୍ରାମବାସୀ ଗତ ୧୭ ତାରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ଯାଇ ସ୍କୁଲ ପୁଣି ଖୋଲିବା ପାଇଁ ଦାବି ଜଣାଇଥିଲେ। ସ୍କୁଲ ଖୋଲିବାରେ ବାଧକ ଥିବା ଭାରପ୍ରାପ୍ତ ଶିକ୍ଷକଙ୍କୁ ଅପସାରିତ କରି ଅନ୍ୟ ଶିକ୍ଷକଙ୍କୁ ଦାୟିତ୍ୱ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେବାରୁ ବୁଧବାରଠାରୁ ଗ୍ରାମର ମହିଳାମାନେ ଅଫିସରେ ତାଲା ପକାଇ ଧାରଣା ଦେଉଛନ୍ତି।

## ପାଇକମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଇକମାଲ, ୨୮।୩ (ସମିସ) : ପାଇକମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି,ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଧନେନ୍ଦ୍ର କୁମାର ବାରିକ, ଅବସରପ୍ରାପ୍ତ ଶିକ୍ଷକ ଚୋଳାମଣି ମାହାର, ପାଇକମାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଦୁଇ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର ଓ ପବିତ୍ର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କିଡ୍ନୀ ରୋଗୀଙ୍କୁ ସାହାଯ୍ୟର ହାତ ବଢ଼ାଇଲେ କାଉନସିଲର

ବରଗଡ଼,୨୮ । ୩(ସମିସ): ଅତାବିରା ଏନଏସିର କାଣ୍ଡପାଲି ସ୍ଥିତ ସବିତା ସାହୁ ଗତ କିଛିଦିନ ହେଲା କିଡନୀ ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କର ଏବେ ଡାଏଲିସିସ୍ ଚାଲିଛି। ପଇସା ଅଭାବ ଯୋଗୁ ସେ ଠିକ୍ ଭାବରେ ଚିକିତ୍ସା ହୋଇପାରୁ ନଥିଲେ। ତାଙ୍କୁ ଅତାବିରା କାଉନସିଲର ଦୀପକ ରାଓ ୩୦ ହଜାର ଟଙ୍କା ଦେଇ ମାନବିକତା ଦେଖାଇଛନ୍ତି। ତା ସହ ସରକାରୀ ସ୍ତରରେ ବି ଯାହା କିଛି ସହଯୋଗ ହୋଇପାରିବ ଜିଲ୍ଲା ପ୍ରଶାସନ ପକ୍ଷରୁ କରିବା ପାଇଁ ଚେଷ୍ଟା କରାଯିବ ବୋଲି ଦୀପକ କହିଛନ୍ତି।

## ପଦ୍ମଭୂଷଣ କବି ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼,୨୮ ।୩ (ସମିସ): ଗାନ୍ଧୀ ସ୍ମୃତି ପାଠାଗାର ଠାରେ ସ୍ୱର୍ଗତ ରାମାକାନ୍ତ ରଥଙ୍କ ସ୍ମୃତିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଆଲୋଚକ କବି ବିଜୟ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। 'ଶ୍ରୀରାଧା' ର ସମ୍ବଲପୁରୀ ଅନୁବାଦ ୨୦୦୫ ମସିହାରେ କରିଛି ଏବଂ ମୋ ଜୀବନରେ ଏହାଠାରୁ ଆଉ ବଡ଼ ଉପଲବ୍ଧି କ'ଣ ହୋଇପାରେ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ମହାନ୍ତି, ମୋହନ ସାହୁ, କମଳିନୀ ମେହେର, ଡ. ସଂଘମିତ୍ରା ମିଶ୍ର ପ୍ରମୁଖ ସ୍ୱର୍ଗତ ରଥଙ୍କ ମହନୀୟ କୃତି ଓ ସ୍ମୃତି ଚାରଣ ପୂର୍ବକ ଏବଂ ଡ. ସଂଗୀତା ରଥ 'ଶ୍ରୀରାଧା' ର ସଂସ୍କୃତ ଅନୁବାଦ ଉପସ୍ଥାପନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀରାଧା ପରି ଅମୂଲ୍ୟ କବିତାକୁ ସମ୍ବଲପୁରୀରେ ଅନୁବାଦ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ବକ୍ତା ଗଣ ମତପ୍ରକାଶ କରିଥିଲେ। ଶ୍ରୀରାଧାର ସମ୍ବଲପୁରୀ ଅନୁବାଦକୁ ଗାନ୍ଧୀ ସ୍ମୃତି ପାଠାଗାର ପ୍ରକାଶିତ କରି ବିନା ମୂଲ୍ୟରେ ବିତରଣ କରିବ ବୋଲି ସଭାରେ ଘୋଷଣା କରାଯାଇଥିଲା। କବି ଦିବ୍ୟ କିଶୋର ଦେବତାଙ୍କ ସଭାପତିତ୍ୱ ଏବଂ ଡ. ପ୍ରଦୀପ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାର ପ୍ରାରମ୍ଭରେ ଦୂର୍ବାଦଳ ମେହେର ଦୀପ ପ୍ରଜ୍ୱଳନ ଏବଂ ଶେଷରେ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତାବିରା ଦୁର୍ଗାମନ୍ଦିରରେ ସପ୍ତଚଣ୍ଡୀ ଯଜ୍ଞ

ଅତାବିରା, ୨୮ । ୩(ସମିସ): ଜାତୀୟ ରାଜପଥ ପ୍ରଶସ୍ତିକରଣ ପରେ ଅତାବିରା ସ୍ଥିତ ଦୁର୍ଗାମନ୍ଦିର ପୁନଃପ୍ରତିଷ୍ଠାର ସପ୍ତମ ବର୍ଷ ପରେ ଆୟୋଜିତ ହେବାକୁ ଯାଉଛି ସପ୍ତଚଣ୍ଡୀ ଯଜ୍ଞ। ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ହେବାକୁ ଥିବା ଏହି ଯଜ୍ଞ ଆଗାମୀ ୨୯ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଧି, ନିୟମ ନିଷ୍ଠା ସହ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏଥିପାଇଁ କର୍ତ୍ତା ଭାବେ ସୁଶାନ୍ତ ଅଗ୍ରୱାଲ ଓ ପତ୍ନୀ ରାଜକୁମାରୀ ଅଗ୍ରୱାଲଙ୍କୁ ଶୁକ୍ରବାର ବରଣ କରାଯାଇଛି। ପଣ୍ଡିତ ଧରଣୀଧର ମିଶ୍ର, ସୁରେନ୍ଦ୍ର ମହାପାତ୍ର ବରଣ ପୂଜା କାର୍ଯ୍ୟ ସଂପାଦନ କରିଥିବା ବେଳେ ଦୁର୍ଗାମନ୍ଦିର କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ୫୦ତମ ଜନ୍ମଦିନରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ

ବରଗଡ଼,୨୮ । ୩(ସମିସ): ବରଗଡ଼ ଫିଜିକାଲ ଏକାଡେମୀର ପ୍ରତିଷ୍ଠାତା ସୁରେଶ କୁମାର ଦାଶଙ୍କ ୫୦ତମ ଜନ୍ମଦିନ ଅବସରରେ ବରଗଡ଼ ଫିଜିକାଲ ଏକାଡେମୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱଚ୍ଛୋକୃତ ରକ୍ତଦାନ ଶିବିର ବରଗଡ଼ର ସାଇକ୍ରିଷ୍ଣା ପ୍ୟାଲେସରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ସୁରେଶ କୁମାର ଦାଶ ନିଜ ଜନ୍ମଦିନରେ ଫିତାକାଟି ଆନୁଷ୍ଠାନିକ ଭାବରେ ରକ୍ତଦାନ ଶିବିରର ଶୁଭାରମ୍ଭ କରି ନିଜେ ରକ୍ତଦାନ କରିଥିଲେ। ତାଙ୍କ ଏକାଡେମୀର ପୁଅ ଝିଅ ରକ୍ତଦାନ କରି ଏକ ନିଆରା ଢଙ୍ଗରେ ଜନ୍ମଦିନକୁ ପାଳନ କରିଥଲେ। ଏହି ଶିବିରରୁ ମୋଟ ୫୦ ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିରକୁ ବରଗଡ଼ ଫିଜିକାଲ ଏକାଡେମୀର ସଦସ୍ୟ ସଦସ୍ୟା ଓ ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ସଚି ପଣ୍ଡା, ସଭାପତି ରକ୍ଷ ପାଲ ସାହୁ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ସୁପରିଚାଳନା କରିଥିଲେ।

## ପିଏମ୍ଶ୍ରୀ ସ୍କୁଲ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦେଖିଲେ ବିଡିଓ

ବରଗଡ଼,୨୮ । ୩(ସମିସ): ସରକାରଙ୍କ ପିଏମଶ୍ରୀ ସ୍କୁଲ ଯୋଜନାରେ ସାମିଲ ହୋଇଛି ଝାରବନ୍ଧ ବ୍ଲକର ଲୌଡ଼ିଦର୍ହା ଗ୍ରାମପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୀଳଜୀପତ୍ରା। ବିଦ୍ୟାଳୟ ପରିସରରେ ସୌନ୍ଦର୍ଯ୍ୟକରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଆଜି ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ସୌନ୍ଦର୍ଯ୍ୟକରଣ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରି ବିଦ୍ୟାଳୟର ଚାରିଆଡେ ବୁଲି ଦେଖିଛନ୍ତି । ପରିଦର୍ଶନ ସମୟରେ ଝାରବନ୍ଧ ବ୍ଲକ ଏଇଇ ଫକୀର ଚରଣ ପ୍ରଧାନ,ଜେଇ ଆଲୋକ କୁମାର ଚୌଧୁରୀ,ପ୍ରଧାନଶିକ୍ଷକ ଜରବିନ୍ଦ ନାୟକ,ଚେୟାରମ୍ୟାନ ବିବେକାନନ୍ଦ ପଟେଲ, ଏବିଇଓ ଦିବ୍ୟକିଶୋର ପଣ୍ଡା, ମହେନ୍ଦ୍ର ପ୍ରଧାନଙ୍କ ସହିତ ବିଦ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ । ସଠିକ ଭାବେ ନିର୍ମାଣ କାର୍ଯ୍ୟ କରିବା ପାଇଁ ବିଡିଓ ଶ୍ରୀଯୁକ୍ତ ପଣ୍ଡା କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି ।

### ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସୌଖିନ ରଙ୍ଗମଞ୍ଚରେ କଳାକାର

# ନାଟକ 'ଶାସ୍ ବହ ଘିଚାଟନା ଯମରଜା ବାଟବନା' ମଞ୍ଚସ୍ଥ

ବରଗଡ଼,୨୮ ।୩(ସମିସ):

ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଗତ ଗୁରୁବାର ସଂଧ୍ୟାରେ ସୌଖିନ ରଙ୍ଗ ମଞ୍ଚରେ ଏକ ସମ୍ବଲପୁରୀ ନାଟକ 'ଶାସ୍ ବହ ଘିଚାଟନା ଯମରଜା ବାଟ ବନା' ମଞ୍ଚସ୍ଥ ହୋଇଥିଲା। ନାଟକର ଲେଖକ ସନ୍ତୋଷ କୁମାର ମିଶ୍ର ଓ ସଙ୍ଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲେଖକଙ୍କୁ ସଂଘର ସଭାପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ନାଟକର ବିଭିନ୍ନ ଭୂମିକାରେ ପ୍ରଭାସ ରଞ୍ଜନ ମହଲା, ଅଶୋକ କୁମାର ବେହେରା, ବିଜୟ



କୁମାର ବେହେରା, କାହ୍ନୁଚରଣ ପୃଷ୍ଟି, କେତନ ବଗାର, ବିକାଶ ରଞ୍ଜନ ମିଶ୍ର, କନକ ଦନସନା ଚୌଧୁରୀ ଅଭିନୟ କରିଥିଲେ। ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ପୂର୍ଣ୍ଣଚନ୍ଦ୍ର ଦାଶ ଓ ସଂଜୟ କୁମାର ପାଢ଼ୀ, ସଙ୍ଗୀତ ନିର୍ଦ୍ଦେଶନା ଗୋପାଳ ପ୍ରସାଦ ମିଶ୍ର, ପରିତୋଷ ବେହେରା, ସୁଶିଲ କୁମାର ମିଶ୍ର, ଶୁଭମ୍ ମହାପାତ୍ର। ନୃତ୍ୟ ନିର୍ଦ୍ଦେଶନା ବିଶାଳ ନାଗ, ମଞ୍ଚ ସଜ୍ଜା ଚୂଡ଼ାମଣି ସିଂ, ଆଲୋକ ଓ ଧ୍ୱନି ସଂଜୟ ଶତପଥୀ ଓ ସଂଜୟ ବେହେରା , ଆଲୋକ ବାସନ୍ତୀ ଲାଇଟ୍ ଏଣ୍ଡ ସାଉଣ୍ଡ, ନାଟକରେ ସହଯୋଗ କରିଥିଲେ ସ୍ୱରୂପ ପଟ୍ଟନାୟକ,ପ୍ରୟାସ ରଞ୍ଜନ ବିର୍ତିଆ , ମୋହିତ ଭୋଇ, ଅଜିତ ଖମାରୀ।

## ସାନ ଅମ୍ଲିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭଟଲି,୨୮।୩(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ନାରଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଗ୍ରାମ ସାନ ଅମ୍ଲିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସମାଜସେବୀ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପମୋଦ ଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ବିଚ୍ଛୁଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ହୋତା, ବନପାଳ ରାଜେନ୍ଦ୍ର କୁମାର ସିଂ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଜେଠୁ ବରିହା, ସିଆରସିସି ଗୁପ୍ତ ଚନ୍ଦ୍ର ରାଏ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ବୈରାଗୀ ସାହୁ ନିଜର ନାଟ୍ୟାଭିନୟ ବକ୍ତବ୍ୟ ଦ୍ୱାରା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଶିକ୍ଷକ ସଂଘର ସଭାପତି ଯୋଗଶ୍ୱର ପଧାନଙ୍କ ସମେତ ବ୍ଲକର ସମସ୍ତ ଖବର କାଗଜର ଖବରଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆର୍ଟ ଅଫ୍ ଲିଭିଂ ପକ୍ଷରୁ ବାଳିକା ଯୋଗ ଶିବିର



**ବରଗଡ଼,୨୮ ।୩(ସମିସ):** ଆର୍ଟ ଅଫ୍ ଲିଭିଂ ବରଗଡ଼ ଶାଖା ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ବାଳିକାଙ୍କ ପାଇଁ ଏକଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ତଥା ସାଧନ କର୍ମୀ ନାରାୟଣ କାନସଲ ,ସୁଧା କନସଲ ପାୟଲ ଅଗ୍ରୱାଲ,ଲତା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ନବମ, ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଯୋଗ ଶିକ୍ଷା ପ୍ରଦାନକରିବା ସହ ବାଳିକାମାନେ କିଶୋରୀ ବୟସରେ କିପରି ଆତ୍ମସଂଯମ ରକ୍ଷାକରି ଶୃଙ୍ଖଳିତ ଜୀବନ ଯାପନ କରିବେ, ସେ ବିଷୟରେ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଯୋଗ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଲାଗି ଶୁଭସ୍ତମ୍ଭ ସ୍ଥାପନ

ପଦ୍ମପୁର, ୨୮ ।୩ (ସମିସ): ପଦ୍ମପୁର ଉପଖଣ୍ଡ ଜମଲା ଗ୍ରାମପଞ୍ଚାୟତ ଡୁଙ୍ଗୁରିପାଲି ଗାଁରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ସୌକିଲାଲ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୁଭସ୍ତମ୍ଭ ସ୍ଥାପନରେ ଡାକ୍ତର ସୌରଭ ପାଣୀଗ୍ରାହୀ ଓ ଡାକ୍ତର ପ୍ରିୟଦର୍ଶିନୀ ନନ୍ଦ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଛନ୍ତି। ଆଗାମୀ ଏପ୍ରିଲ ୧୪ ରୁ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇ ଅପ୍ରେଲ ୧୮ ତାରିଖ ଦିନ ସମାପନ ହେବ। ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଗୌନ୍ତିଆ ପରିବାରର ରାଧାମାଧବ ପାଣିଗ୍ରାହୀ,ରାଧାରମଣ ପାଣିଗ୍ରାହୀ ଏବଂ ଗାଁର ରାଜ କିଶୋର ପ୍ରଧାନ,ଶାନ୍ତି ଦାଶ, ମେଘନାଦ ପ୍ରଧାନ, ଶ୍ୱେତ କୁମାର ସାହୁ ଏବଂ ଦିଲ୍ଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୫୦ ୟୁନିଟ୍ ରକ୍ତ ସଂଗୃହୀତ



ବରଗଡ଼,୨୮ । ୩(ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ମନାପଡ଼ା ଗ୍ରାମରେ ପୂର୍ଣ୍ଣମାସୀ ମନ୍ଦିର ପ୍ରତିଷ୍ଠା ଅବସରରେ ମନ୍ଦିର ପ୍ରତିଷ୍ଠା କମିଟି, ଆର୍ଟ ଅଫ ଲିଭିଂ ପରିବାର ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱଚ୍ଛୋକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଗାଁର ଗୌନ୍ତିଆ ପ୍ରତାପ ଚନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଥିଲେ। ମୋଟ ୫୦ ୟୁନିଟ୍ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶେଷରେ ରାବଣ ଦରବାରରେ ଲଙ୍କାଧୀପତି ରାବଣ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାରକୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## 'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମ

**ପାଇକମାଲ, ୨୮ ।୩ (ସମିସ) :** ବରଗଡ଼ ଜିଲ୍ଲା ପାଇକମାଳ, ନୃସିଂହନାଥ ଏସଏସଡି ହାଇସ୍କୁଲରେ ଶୁକ୍ରବାର 'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ବଡ଼ ଶତପଥୀ, ସମ୍ମାନିତ ଅତିଥିଭାବେ ଅଶ୍ୱିନୀ ସାହୁ, ମୁଖ୍ୟ ବକ୍ତା ଭାବେ ବିଜୟ ଶଙ୍କର ଦେହୁରୀ ଯୋଗଦେଇଥିଲେ। ସଭା ଆରମ୍ଭରୁ ଭଗବାନ ନୃସିଂହନାଥଙ୍କ ଫୋଟଚିତ୍ରରେ ଦୀପ ପ୍ରଜ୍ୱଳନ କରି ଅତିଥିମାନେ ସ୍କୁଲର ଉନ୍ନତି ପ୍ରାର୍ଥନା କରିଥିଲେ। ସ୍କୁଲର ବିଭିନ୍ନ ଇଭେଣ୍ଟରେ ରାଜ୍ୟ ସ୍ତରରେ ପୁରସ୍କାର ପାଇଥିବା ଛାତ୍ରୀ ମୀନା କୁମାରୀ କଳେତ, ପିଙ୍କି ଭୋଇ, ଶାଶ୍ୱତା ଭୋଇ, ସୁପ୍ରିୟା ସୁନା, ମାମିନା ବାଗ, ପ୍ରକାଶ ବରିହା, ଛବିଳ ଭୋଇ ପ୍ରମୁଖ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

## ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବରଗଡ଼,୨୮ । ୩(ସମିସ): ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀର ପ୍ରିୟାବତୀ ଭବନ ଠାରେ ଆଜି ଦ୍ୱିତିୟ ଥର ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ଏବଂ ଜନଜୀବନ ବିକାଶ ଟ୍ରଷ୍ଟ ଆନୁକୂଲ୍ୟରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିକାଶ ହସ୍ପିଟାଲ ବରଗଡ଼ରୁ ଚକ୍ଷୁ ବିଭାଗ, ଦନ୍ତ ବିଭାଗ, ମେଡିସିନ, ଶିଶୁ ଓ ମହିଳା ଓ ଫିଜିଓ ଥେରାପି ବିଭାଗର ଅଭିଜ୍ଞ ଡାକ୍ତରମାନେ ଚିକିତ୍ସା କରିଥିଲେ। ଏଥିରେ ଡୁଙ୍ଗୁରି ପଞ୍ଚାୟତ ସମେତ ଆଖପାଖ ୪/୫ ଟି ପଞ୍ଚାୟତର ରୋଗୀ ଆସି ଚିକିତ୍ସିତ ହେବାର ସୁଯୋଗ ପାଇଥିଲେ। ବରଗଡ଼ ବିକାଶ ହସ୍ପିଟାଲରୁ ଡାକ୍ତର ଅଜିତ କୁମାର ବାରିକ, ଡାକ୍ତର ଅନ୍ନପୂର୍ଣ୍ଣା ମିଶ୍ର, ଡାକ୍ତର ଚମନ ମିନିଆ, ଡାକ୍ତର ଅଙ୍କିତା ସାହୁ,ଡାକ୍ତର ସୁପ୍ରିୟା ସାହୁ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜନଜୀବନ ବିକାଶ ଟ୍ରଷ୍ଟର ସଭାପତି ପ୍ରେମାନନ୍ଦ ସା, ସଂପାଦକ ଶରତ କୁମାର ମିଶ୍ର, କୋଷାଧ୍ୟକ୍ଷ ତରଣୀସେନ ପଧାନ ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଥିଲା ।

## କ୍ଷେତରପଡ଼ା ସ୍କୁଲର ବାର୍ଷିକୋତ୍ସବ

ବିଜେପୁର, ୨୮ ।୩(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଜାଙ୍ଗି କ୍ଲଷ୍ଟରର କ୍ଷେତରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସୌଦାମିନୀ ମାଝୀଙ୍କ ଆବାହକତ୍ୱ ତଥା ସ୍କୁଲ ଚେୟାରମ୍ୟାନ ରାଜେଶ ପଟେଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ମୁଖ୍ୟ ଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦିବାକର ବରିହା, ସୁଶାନ୍ତ ପାଣ୍ଡେ, ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବାସୁଦେବ ପଧାନ,ସରପଞ୍ଚ ପ୍ରତିନିଧି କର୍ଣ୍ଣ ବିଭାର, ସାମାଜିକ କର୍ମୀ ପଙ୍କଜିନୀ ଦନ୍ତା ପ୍ରମୁଖ ସମ୍ମାନୀୟ ଅତିଥି,ଜାଙ୍ଗି ସିଆରସିସି ରାଜେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସିଆରସିସି ଦୁର୍ବାଦଳ ବଡଗୋଛିଆ, ସୁଧାଂଶୁ ଶେଖର ଜାଲ ସଭାକୁ ସଂଯୋଜନା ଓ ପ୍ରଧାନଶିକ୍ଷକ ସୌଦାମିନୀ ମାଝୀ ବାର୍ଷିକ ବିବରଣୀ ପଠନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଦିଲୀପ କୁମାର ମହାନ୍ତିଙ୍କ ଦେହାନ୍ତ

ବରଗଡ଼,୨୮ । ୩(ସମିସ): ସାଇକ୍ରିଷ୍ଣା ଓଲ୍ଡ ଏଜ ହୋମରେ ରହୁଥିବା ଦିଲୀପ କୁମାର ମହାନ୍ତି (୬୫) ଙ୍କ ପରଲୋକ ହୋଇଯାଇଛି। ବିଗତ ୬ ମାସ ହେଲା ସେ ଏଠାରେ ରହିଆସୁଥିଲେ। ଝାରସୁଗୁଡ଼ାରେ ସରକାରୀ କାର୍ଯ୍ୟାଳୟରେ କିରାଣି ଭାବରେ ସେ କାର୍ଯ୍ୟକରି ଆସୁଥିଲେ। ଅବସର ପରେ ପୁଅ ଦେବାଶିଷ ମହାନ୍ତି ତାଙ୍କୁ ଆଣି ଏହି ଜାଗାରେ ରଖିଥିଲେ। ଦୁଇ ଦିନ ପୂର୍ବରୁ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ତାଙ୍କୁ ଓଲ୍ଡ ଏଜ ହୋମର ମୁଖ୍ୟ ସୁଷମା ମହାରଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ଆଜି ବରଗଡ଼ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ସୂରଜ୍ ମହାରଣା, ଡିଷ୍ଟ୍ରିକ୍ଟ ପ୍ରେସ କ୍ଲବ ସଭାପତି ସତ୍ୟଜିତ ଦାଶ,ବେଣୁଧର ବଘେଲ, ଜିତ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପୁଅ ଦେବାଶିଷ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ରାଣା ପ୍ରତାପ ସ୍କୁଲ ପରୀକ୍ଷା ଫଳ ପ୍ରକାଶିତ

ବରଗଡ଼,୨୮ । ୩(ସମିସ): ବରଗଡ଼ ରାଣା ପ୍ରତାପ ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶିତ ହୋଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତା ଜାଲ ,ତପସ୍ୱିନୀ ତ୍ରିପାଠୀ,ବବିତା ନାଏକ,ସୁନୀତା ମିଶ୍ର,ଦୀପିକା କୁଲୁ ପ୍ରମୁଖ ଶ୍ରେଣୀ ଶିକ୍ଷୟିତ୍ରୀ ନିଜ ନିଜ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ଘୋଷଣା କରିଥିଲେ । ଏହି ଅବସରରେ ଆସନ୍ତା ଏପ୍ରିଲ ୨ ରୁ ୫ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶିଶୁ ବାଟିକାର ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ଯୋଗଦାନ ପାଇଁ ସମସ୍ତ ଅଭିଭାବକଙ୍କୁ ବିଦ୍ୟାଳୟ ତରଫରୁ ନିମନ୍ତ୍ରଣ କରାଯାଇଛି।

# ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ବରଗଡ଼,୨୮ ।୩(ସମିସ):

ଜୟ କିଷାନ ଆନ୍ଦୋଳନ ତରଫରୁ ବରଗଡ଼ ଗାନ୍ଧି ଛକରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ସିଂ ମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କିନ୍ତୁ କୁଶପୁତ୍ତଳିକା ଦାହ ସମୟରେ ଶହ ଶହ ସଂଖ୍ୟାରେ ପୁଲିସ ପହଞ୍ଚି ପୁତ୍ତଳିକା ଛଡେଇ ନିଜେ ଚିରି ଦେଇଥିଲେ। ଜୟ କିଷାନ ଆନ୍ଦୋଳନର କର୍ମୀମାନେ ଗାନ୍ଧୀ ଛକରେ ସମବେତ ହୋଇ ଚାଷୀ ବିରୋଧୀ ନରେନ୍ଦ୍ର ମୋଦି, ଅମିତ ଶାହ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ମୁର୍ଦାବାଦ, ଚାଷୀ ଆନ୍ଦୋଳନକୁ ଦମନକରିବା ଚଳିବ ନାହିଁ ଆଦି ସ୍ଲୋଗାନ ଦେଇ




ଏକ ପଥପ୍ରାନ୍ତ ସଭା କରିଥିଲେ। ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ଗତ ୧୯ ତାରିଖରେ ଯେଭଳି ଭାବରେ ଦମନ କରାଗଲା ଏବଂ ସରକାରଙ୍କ ସହିତ ଆଲୋଚନା ସମୟରେ ସେହି କୃଷକ ନେତାଙ୍କୁ ଯେଭଳି ଗିରଫ କରାଗଲା, ଏହାକୁ ଚାଷୀ ନେତା ଲିଙ୍ଗରାଜ ଦୃଢ଼ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହର ବଣିଆଁ, ବରିଷ୍ଠ ଚାଷୀନେତା ଶିବପ୍ରସାଦ ପ୍ରଧାନ, ଚଞ୍ଚଳ ପ୍ରଧାନ, ଅରୁଣ କୁମାର ସାହୁ, ସରୋଜ ପଧାନ, ସିଲି ସାହୁ, ଭଞ୍ଜନ ବାରିକ, କିଶୋର ସାହୁ, କୁନା ବେହେରା, ବିଜୟ ପ୍ରଧାନ, ତପୋବନ୍ତ ନାୟକ ରେବତିକାନ୍ତ ବେହେରା, ଲକ୍ଷ୍ମଣ ସୁନା ଉପସ୍ଥିତ ଥିଲେ।

## ରେମଣ୍ଡା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ଅଧିବେଶନ




**ଥୁଆପାଲି, ୨୮ ।୩(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଲି.ର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ରେମଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଶିବପ୍ରସାଦ ଖମାରୀ । ମୁଖ୍ୟ ଅତିଥି ଭାବେ ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ , ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସମସ୍ତ ସଦସ୍ୟ /ସଦସ୍ୟା ଉପସ୍ଥିତ ଥିଲେ। ଏହା ସହିତ ସମସ୍ତ ଛୋଟ ଚାଷୀ ଓ ବଡ଼ ଚାଷୀ ନିଜ ନିଜର ସୁବିଧା ଅସୁବିଧା, ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ୟା ଗୁଡିକ ସମାଧାନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସମବାୟ ସମିତିର ସଂପାଦକ ଆଲୋକ ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ସମୟରେ ସମିତି ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ସଭାପତି ଶିବପ୍ରସାଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।


ମ୍ୟାଁମାର ଭୂକମ୍ପରେ ଭୁଶୁଡି ପଡ଼ିଲା ଦେଶର ଦ୍ୱିତୀୟ ବୃହତ୍ତମ ପୋଲ


ଧ୍ୱସ୍ତ ବିଧ୍ୱସ୍ତ କୋଠା


ରାସ୍ତାରେ ଫାଟ

## କାହିଁକି ଆସିଲା ଭୂକମ୍ପ

ନାପିତ୍ୟ, ୨୮।୩ (ଏଜେନ୍ସି): ମ୍ୟାଁମାର ଭୂପୃଷ୍ଠ ତଳେ ଥିବା ଏକ ପ୍ଲେଟ୍‌ରେ ବହୁତ ବଡ଼ ଫାଟ ସୃଷ୍ଟି ହୋଇଛି। ଏହା ଦେଶର ଅନେକ ଭାଗ ଦେଇ ଗତି କରୁଛି। ଏହି ଫାଟ ସାଗାଇଙ୍ଗ ସହର ନିକଟ ଦେଇ ଯାଇଛି। ତେଣୁ ଏହାର ନାମ ସାଗାଇଙ୍ଗ ଫଲ୍ଟ ରଖାଯାଇଛି। ଏହା ମ୍ୟାଁମାରର ଉତ୍ତରରୁ ଦକ୍ଷିଣକୁ ୧୨୦୦ କିମି ଯାଏଁ ବ୍ୟାପିଛି। ଏହାକୁ 'ଷ୍ଟ୍ରାଇକ-ସ୍ଲିପ୍ ଫଲ୍ଟ' କୁହାଯାଏ। ଏହାର ଉଭୟ ପାର୍ଶ୍ୱରେ ଥିବା ପ୍ଲେଟ ପରସ୍ପର ନିକଟରୁ ସମାନ୍ତର ଭାବେ ଧସିବାରେ ଲାଗିଛି। ଏହି ଫାଟ ଆଣ୍ଡାମାନ ସାଗରରୁ ହିମାଳୟ ପାଦଦେଶ ପର୍ଯ୍ୟନ୍ତ ଯାଇଛି। ପୃଥିବୀର ଟେକ୍‌ଟୋନିକ ପ୍ଲେଟ୍ ଦୋହଲିବାରୁ ଏହା ସୃଷ୍ଟି ହୋଇଛି। ଭାରତୀୟ ପ୍ଲେଟ ଉତ୍ତର-ପୂର୍ବ ଅଭିମୁଖେ ବଢୁଛି। ଏହା ଦ୍ୱାରା ସାଗାଇଙ୍ଗ ଫଲ୍ଟ ଉପରେ ଚାପ ବଢୁଛି। ତେଣୁ ପ୍ଲେଟ୍ ଧସିବାରେ ଲାଗିଛି। ଏହି ସାଗାଇଙ୍ଗ ଫଲ୍ଟ ଯୋଗୁଁ ମ୍ୟାଁମାରରେ ଅନେକ ଭୂକମ୍ପ ଆସିଛି। ଏହା ପୂର୍ବରୁ ୨୦୧୨ରେ ୬.୮ ତୀବ୍ରତାର ଭୂକମ୍ପ ହୋଇଥିଲା। ୧୯୩୦ରୁ ୧୯୫୭ ମଧ୍ୟରେ ସାଗାଇଙ୍ଗ ଫଲ୍ଟ ନିକଟରେ ୭ ତୀବ୍ରତାର ୬ରୁ ଅଧିକ ଭୂକମ୍ପ ଆସିଥିଲା।

## ୨୦୦୦ ବିମାନର ଅବତରଣ ବାତିଲ

ବ୍ୟାଙ୍କକ, ୨୮।୩ (ଏଜେନ୍ସି): ମ୍ୟାଁମାରରେ ଶୁକ୍ରବାର ସକାଳେ ଆସିଥିବା ୭.୭ ତୀବ୍ରତାର ଭକମ୍ପ ଥାଇଲାଣ୍ଡରେ ତାଣ୍ଡବ ସୃଷ୍ଟି କରିଛି। ଏଥିଯୋଗୁଁ ଚାରିଆଡେ ଭୟର ବାତାବରଣ ଖେଳି ଯାଇଛି। ବ୍ୟାଙ୍କକରେ ଏକ ନିର୍ମାଣାଧିନ ୩୦ ମହଲା କୋଠା ଭୁଶୁଡ଼ି ଯାଇଥିବାବେଳେ ଅନେକ ଲୋକ ରାସ୍ତାକୁ ବାହାରି ଆସି ଯାଇଛନ୍ତି। ବିଭିନ୍ନ ଅଞ୍ଚଳରେ ଅନେକ କୋଠା ଭୁଶୁଡ଼ି ଯାଇଛି। ସ୍ଥିତିକୁ ଦେଖି ଥାଇଲାଣ୍ଡରେ ଏମର୍ଜେନ୍ସି କାର୍ଯ୍ୟକାରୀ କରାଯାଇଛି। ଏଥିଯୋଗୁଁ ବିମାନ ଯାତ୍ରା ପ୍ରଭାବିତ ହୋଇଛି। ଦକ୍ଷିଣ ପୂର୍ବ ଏସିଆର ପ୍ରମୁଖ ଏୟାର ଟ୍ରାନ୍ସପୋର୍ଟ କେନ୍ଦ୍ର ଭାବେ ପରିଚିତ ଥାଇଲାଣ୍ଡରେ ଦୁଇ ହଜାରରୁ ଅଧିକ ବିମାନର ଅବତରଣକୁ ରୋକି ଦିଆଯାଇଛି। ଏଥିଯୋଗୁଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନେକ ଲୋକ ବିମାନବନ୍ଦରରେ ଅଟକି ରହିଛନ୍ତି। ପର୍ଯ୍ୟଟନ ଏବଂ ବ୍ୟବସାୟ ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଯାତ୍ରୀ ଏହି ଦେଶକୁ ଆସନ୍ତି। ତେଣୁ ଏହି ଭୂକମ୍ପ ଦ୍ୱାରା ଉଡ଼ାଣ ଏବଂ ଯାତ୍ରୀଙ୍କ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ୨୦୨୪ରେ ଥାଇ ବିମାନବନ୍ଦରରେ ପ୍ରାୟ ୭.୬ ଲକ୍ଷ ଉଡ଼ାଣ ରେକର୍ଡ କରାଯାଇଥିଲା। ଏଠାରୁ ଦିନକୁ ପ୍ରାୟ ୨୦୮୨ ବିମାନ ଉଡ଼ାଣ କରୁଛି। ଏହି ଦେଶକୁ ୟୁରୋପରୁ ସର୍ବାଧିକ ଯାତ୍ରୀ ଆସୁଛନ୍ତି।

## ଭୂକମ୍ପର ଭବିଷ୍ୟବାଣୀ କରିଥିଲେ ଭାରତୀୟ ଜ୍ୟୋତିଷ



ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି): ମ୍ୟାଁମାର୍‌ରେ ଆସିଥିବା ଶକ୍ତିଶାଳୀ ଭୂକମ୍ପକୁ ନେଇ ତିନି ସପ୍ତାହ ତଳେ ଭବିଷ୍ୟବାଣୀ ହୋଇଥିବା ଦାବି କରାଯାଉଛି। କର୍ଣ୍ଣାଟକ ମହୀଶୂରର ଜ୍ୟୋତିଷ ଅଭିଜ୍ଞ ଆନନ୍ଦ (୨୦) ମାର୍ଚ୍ଚ ୧ରେ ନିଜ ୟୁଟ୍ୟୁବ ଚ୍ୟାନେଲରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଥିରେ ଆଗାମୀ କିଛି ସପ୍ତାହ ମଧ୍ୟରେ କିମ୍ବା ଚଳିତ ବର୍ଷ ମଧ୍ୟଭାଗରେ ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ସେ କହିଥିଲେ। ତାରିଖ ସହିତ ମାନଚିତ୍ରରେ ସ୍ଥାନ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ ଅଭିଜ୍ଞ ୧୧ ବର୍ଷ ହେଲା ଜ୍ୟୋତିଷ ବିଦ୍ୟା ଅଧ୍ୟୟନ କରୁଛନ୍ତି। ସେ ୭ ବର୍ଷ ବୟସରେ ଭଗବତ୍ ଗୀତା କଣ୍ଠସ୍ଥ କରି ନେଇଥିଲେ। ବହୁତ କମ୍ ବୟସରୁ ସେ ସଂସ୍କୃତ ଶିକ୍ଷା କରିଥିଲେ। ଏଥିପାଇଁ ମା' ଅନୁପ୍ରାଣୀତ କରିଥିଲେ ବୋଲି ସେ କହିଛନ୍ତି। ଅଭିଜ୍ଞ ଏକ ଭିଡିଓ ଚ୍ୟାନେଲ ଚଳାଉଛନ୍ତି। ଏଥିରେ ଅନେକ ଭିଡିଓ ଅପଲୋଡ ହୋଇଛି। ଏହା ମାଧ୍ୟମରେ ସେ ଅନେକ ବଡ଼ ଭବିଷ୍ୟବାଣୀ କରିଛନ୍ତି।

### ଜଷ୍ଟିସ ବର୍ମାଙ୍କ ବଦଳିକୁ କେନ୍ଦ୍ରର ମଞ୍ଜୁରୀ

# ନ୍ୟାୟିକ କାର୍ଯ୍ୟ ପ୍ରଦାନ ନ କରିବାକୁ ନିର୍ଦ୍ଦେଶ



### ଏତଲା ଦାଏର ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାକୁ ନେଇ ବିବାଦରେ ଥିବା ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିଦିଆଯାଇଛି। ଏ ନେଇ ସୁପ୍ରିମକୋର୍ଟ କରିଥିବା ସୁପାରିସକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଛନ୍ତି। ଶୁକ୍ରବାର ଏହି ନିର୍ଦ୍ଦେଶ ଜାରି କରାଯାଇଛି। ତେବେ ଜଷ୍ଟିସ ବର୍ମାଙ୍କୁ କୌଣସି ନ୍ୟାୟିକ କାର୍ଯ୍ୟ ପ୍ରଦାନ ନ କରିବା ପାଇଁ ଆହ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ଏତଲା ଦାବି କରି ଆଗତ ଜନସ୍ୱାର୍ଥ ମାମଲା (ପିଆଇଏଲ) କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂଇଁଆଙ୍କ ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରିମକୋର୍ଟର ଆଭ୍ୟନ୍ତରୀଣ କମିଟି ଏହି ମାମଲାର ତଦନ୍ତ କରୁଛି। ଯଦି ରିପୋର୍ଟରେ କିଛି ଅନିୟମିତତା ସାମ୍ନାକୁ ଆସେ ତେବେ ଏତଲା ରୁଜୁ କରାଯିବ କିମ୍ବା ମାମଲା ସଂସଦକୁ ପଠାଇ ଦିଆଯିବ। ଜଷ୍ଟିସ ବର୍ମାଙ୍କ ବିରୋଧରେ ଏତଲା ଦାବି କରି ଓକିଲ ମାଥ୍ୟୁଜ୍ ଏବଂ ଅନ୍ୟ ତିନି ଜଣ ଏହି ଆବେଦନ ଦାଏର କରିଥିଲେ। ଏଥିରେ ସୁପ୍ରିମକୋର୍ଟଙ୍କ ୩୪ ବର୍ଷ ତଳର ଏକ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ୧୯୯୧ରେ ବୀରସ୍ୱାମୀ ମାମଲାରେ ସୁପ୍ରିମକୋର୍ଟ ନିଷ୍ପତ୍ତି ଶୁଣାଣି କହିଥିଲେ ଯେ ସିଜେଆଇଙ୍କ ଅନୁମତି ବିନା ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର କୌଣସି ବିଚାରପତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ।

ଏହା ମଧ୍ୟରେ ଜଷ୍ଟିସ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟର ପ୍ରାଶାସନିକ କମିଟିରୁ ହଟାଇ ଦିଆଯାଇଛି। ସୁପ୍ରିମକୋର୍ଟ ୱେବସାଇଟ ଅନୁଯାୟୀ ଗତ ୨୬ ତାରିଖରେ ଏହି କମିଟିର ପୁନର୍ଗଠନ କରାଯାଇଥିଲା। ଏଥିରେ ଜଷ୍ଟିସ ବର୍ମାଙ୍କୁ ସାମିଲ କରାଯାଇ ନ ଥିଲା। ସୂଚନାଯୋଗ୍ୟ ଯେ ଗତ ୧୪ ତାରିଖରେ ଜଷ୍ଟିସ ବର୍ମାଙ୍କ ସରକାରୀ ବଙ୍ଗଳାରେ ନିଆଁ ଲାଗି ଯାଇଥିଲା। ଏହି ନିଆଁ ଲିଭାଇବାକୁ ଯାଇଥିବା ଦମକଳ ଟିମ୍ ବିଚାରପତିଙ୍କ ଷ୍ଟୋରରୁମ୍‌ରୁ ବସ୍ତାରେ ଥିବା ଅଧା ଜଳା ୫୦୦ ଟଙ୍କିଆ ନୋଟ୍ ପାଇଥିଲା। ସେହିଦିନଠାରୁ ଏହି ମାମଲା ଚର୍ଚ୍ଚାରେ ରହିଛି।

## ଅକ୍ସଫୋର୍ଡ ୟୁନିଭର୍ସିଟିରେ ମମତାଙ୍କୁ ବିରୋଧ

ଲଣ୍ଡନ,୨୮।୩ (ଏଜେନ୍ସି): ଇଂଲଣ୍ଡର ଅକ୍ସଫୋର୍ଡ ୟୁନିଭର୍ସିଟିର କେଲୋଗ୍ କଲେଜରେ ଭାଷଣ ଦେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଫସି ଯାଇଛନ୍ତି। ଏଠାରେ ଦେଇଥିବା ଏକ ବୟାନକୁ ନେଇ ଦିଦିଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏହି ସମୟରେ କିଛି ଛାତ୍ର ଆରଜି କର ହସ୍ପିଟାଲରେ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଏବଂ ହତ୍ୟା ମାମଲାକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ। ମମତାଙ୍କୁ ପ୍ରଶ୍ନ ପଚାରିବା ସହ ଫେରିଯାଅ ବୋଲି ସ୍ଲୋଗାନ ଦେଇଥିଲେ । ତେବେ ମମତା ବାନାର୍ଜୀ ଏହି ପ୍ରତିବାଦର ଜବାବ ଦେଇ ୧୯୯୦ ମସିହାର ଏକ ଫଟୋ ଦେଖାଇଥିଲେ। ଦିଦି କହିଥିଲେ ବିରୋଧୀ ଦଳରେ ଥିବା ବେଳେ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ମମତା ବାନାର୍ଜୀଙ୍କ ଭାଷଣ ସମୟରେ ପଶ୍ଚିମବଙ୍ଗରେ କୋଟି କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଉପରେ ଜଣେ ଦର୍ଶକ ତାଙ୍କୁ ପ୍ରଶ୍ନ ପଚାରିବାରୁ ପ୍ରଥମେ ଏହି ବିବାଦ ଆରମ୍ଭ ହୋଇଥିଲା। ମମତା ଏହାର ଦେଉଥିବା ବେଳେ ଆଉ ଜଣେ ଦର୍ଶକ କିଛି ପଚାରିଥିଲେ । ଏହାପରେ କିଛି ଲୋକ ତାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ନେଇ ପ୍ରଶ୍ନ କରିଥିଲେ । ଏହା ଉପରେ ମମତା କହିଥିଲେ ଯେ ମାମଲା କୋର୍ଟରେ ବିଚାରାଧୀନ ରହିଛି । ଏହାକୁ ରାଜନୈତିକ ମଞ୍ଚରେ ପରିଣତ କରନ୍ତୁ ନାହିଁ। ଆପଣ ପଶ୍ଚିମବଙ୍ଗ ଯାଇ ନିଜର ରାଜନୈତିକ ଦଳକୁ ମଜବୁତ କରନ୍ତୁ ଏବଂ ତା›ପରେ ମୋତେ ପ୍ରଶ୍ନ କରନ୍ତୁ । ପ୍ରଥମେ କିପରି ମୋତେ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା ତାହା ଦେଖନ୍ତୁ । ଏହି ସମୟରେ କିଛି ଲୋକ ବଙ୍ଗଳାରେ ହିନ୍ଦୁଙ୍କ ପ୍ରତି ହେଉଥିବା ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇଥିଲେ। ତେବେ ମୋ ପାଇଁ ସମସ୍ତେ ସମାନ ବୋଲି ଦିଦି କହିଥିଲେ।



### କଠୁଆ ଏନ୍‌କାଉଣ୍ଟର


## ୪ ସୁରକ୍ଷାକର୍ମୀ ସହିଦ; ୨ ଆତଙ୍କବାଦୀ ନିହତ



ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି): ଜମ୍ମୁ-କଶ୍ମୀର କଠୁଆ ଜିଲ୍ଲା ଘଟି ଜୁଥାନା ଅଞ୍ଚଳର ଜଖୋଲା ଗ୍ରାମ ନିକଟରେ ଏନ୍‌କାଉଣ୍ଟର ହୋଇଛି। ଏଠାରେ ସୁରକ୍ଷାବାହିନୀ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆହୁରି ତିନିରୁ ଚାରି ଆତଙ୍କବାଦୀ ଲୁଚି ରହିଥିବା ଆଶଙ୍କା କରାଯାଉଛି। ସେହିପରି ଆତଙ୍କବାଦୀଙ୍କ ଗୁଳିରେ ଚାରି ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି। ଏସ୍‌ଓଜି ଟିମ୍‌ର ନେତୃତ୍ୱ ନେଉଥିବା ଡିଏସ୍‌ପି ଧୀରଜ ସିଂହଙ୍କ ସମେତ ୭ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଛନ୍ତି। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଗୁରୁବାର ଏନକାଉଣ୍ଟର ସମୟରେ ଯବାନ ତାରିକ ଅହମ୍ମଦ, ଜଶବନ୍ତ ସିଂହ ଏବଂ ବଲବିନ୍ଦର ସିଂହଙ୍କ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଏମାନେ ପ୍ରାଣ ହରାଇଥିଲେ। ଏହି ଯବାନ ଏସଓଜିରେ ସାମିଲ ଥିଲେ। ସେହିପରି ଶୁକ୍ରବାର ସକାଳେ ଚତୁର୍ଥ ଯବାନଙ୍କ ମୃତଦେହ ମିଳିଥିଲା। ଗୁରୁବାର ସକାଳରେ ଏହି ଅଞ୍ଚଳରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଛାମୁଆ ସଂଗଠନ ପିପୁଲ୍ସ ଆଣ୍ଟି ଫାସିଷ୍ଟ ଫ୍ରଣ୍ଟର ୯ ଆତଙ୍କବାଦୀ ଲୁଚି ରହିଥିବାର ଗୁଇନ୍ଦା ସୂଚନା ମିଳିଥିଲା। ଏହା ପରେ ବିଏସଏଫ, ସେନା, ସିଆରପିଏଫ, ଏନଏସ୍‌ଜି, ଏସିଓପି, ଏବଂ ପୁଲିସର ମିଳିତ ଟିମ୍ ଚାରିପଟୁ ଘେରଉ କରି ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ରବିବାରଠାରୁ ଏହି ଅଞ୍ଚଳରେ ଏନକାଉଣ୍ଟର ଜାରି ରହିଛି।

### ଟଙ୍କା ଦୁଇ ଗୁଣ କରିବା ନାମରେ ଠକେଇ

## ଶ୍ରେୟସ୍ ତଲ୍‌ପଡେଙ୍କ ବିରୋଧରେ ମାମଲା



ଲକ୍ଷ୍ନୌ, ୨୮।୩ (ଏଜେନ୍ସି): ବଲିଉଡ ଅଭିନେତା ଶ୍ରେୟସ ତଲପଡେଙ୍କ ବିରୋଧରେ ଉତ୍ତର ପ୍ରଦେଶରେ ମାମଲା ରୁଜୁ ହୋଇଛି। କୋଟି କୋଟି ଟଙ୍କା ଚିଟଫଣ୍ଡ ଦୁର୍ନୀତିରେ ସେ ସାମିଲ ଥିବା ଅଭିଯୋଗ ହୋଇଛି। ତାଙ୍କ ବ୍ୟତୀତ ଆଉ ୧୪ ଜଣଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ରିପୋର୍ଟ ଅନୁଯାୟୀ ଅଭିନେତା ଶ୍ରେୟସ 'ଲୋନି ଅର୍ବାନ ମଲ୍ଟିଷ୍ଟେଟ କ୍ରେଡିଟ ଆଣ୍ଡ ଥ୍ରିଫ୍ଟ କୋ-ଅପରେଟିଭ ସୋସାଇଟି ଲିମିଟେଡ କମ୍ପାନୀ' ସହ ଜଡ଼ିତ ଅଛନ୍ତି। ଏହି କମ୍ପାନୀ ଗ୍ରାମବାସୀଙ୍କ ଟଙ୍କା ଦୁଇ ଗୁଣ କରିବ ବୋଲି ଦାବି କରୁଛି। ଶ୍ରେୟସ ତଲପଡେ ଏହି କମ୍ପାନୀରେ ସାମିଲ ଥିବା କୁହାଯାଉଥିଲା। ଲୋକେ ଅଭିନେତାଙ୍କୁ ଦେଖି ସହଜରେ ଭରସା କରି ନେଇଥିଲେ। ଆଉ ଏହି କମ୍ପାନୀରେ କୋଟି କୋଟି ଟଙ୍କା ଲଗାଇ ଥିଲେ। ଟଙ୍କା ନିବେଶ କରିଥିବା ଲୋକଙ୍କ ମଧ୍ୟରେ ମେକାନିକଙ୍କଠାରୁ ନେଇ ମିସ୍ତ୍ରୀଙ୍କ ପର୍ଯ୍ୟନ୍ତ ସାମିଲ ଅଛନ୍ତି। ତେବେ ଟଙ୍କା ଫେରାଇବାକୁ କହିବାରୁ କମ୍ପାନୀର ଏଜେଣ୍ଟ ଅଚାନକ ଅଫିସ ବନ୍ଦ କରିଦେଇଥିଲେ। ଜିଲ୍ଲାରୁ ପଳାଇ ଥିଲେ। ଏହି ମାମାରେ ମହୋବାର ଶ୍ରୀନଗର ଥାନାରେ କମ୍ପାନୀର ଅଧ୍ୟକ୍ଷ, ଶ୍ରେୟସ ତଲପଡେଙ୍କ ସମେତ ୧୫ ଜଣଙ୍କ ବିରୋଧରେ ଗ୍ରାମବାସୀ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଦେଇଛି। ଏବେ କମ୍ପାନୀର ସବୁ ନମ୍ବର ବନ୍ଦ ଅଛି ବୋଲି ଯାଞ୍ଚରୁ ଜଣାପଡ଼ିଛି। ଏହା ପୂର୍ବରୁ ମଧ୍ୟ ଶ୍ରେୟସଙ୍କ ବିରୋଧରେ ଠକେଇ ଅଭିଯୋଗ ଲାଗିଥିଲା।

### ନେପାଳରେ ରାଜତନ୍ତ୍ର ପ୍ରତିଷ୍ଠା ଦାବିରେ ହିଂସ୍ରକ ଆନ୍ଦୋଳନ

## ଏମର୍ଜେନ୍ସି ଭଳି ସ୍ଥିତି; ହିଂସାରେ ୨ ମୃତ

### କାଠମାଣ୍ଡୁରେ କର୍ଫ୍ୟୁ;ସେନା ମୁତୟନ


### ସରକାରଙ୍କୁ ସପ୍ତାହେ କଣ୍ଟ ଦେଲେ ବିକ୍ଷୋଭକାରୀ

କାଠମାଣ୍ଡୁ, ୨୮।୩ (ଏଜେନ୍ସି): ନେପାଳରେ ଗଣତନ୍ତ୍ର ବିରୋଧୀ ଆନ୍ଦୋଳନ ଜୋରଦାର ହେବାରେ ଲାଗିଛି। ରାଜତନ୍ତ୍ର ପ୍ରତିଷ୍ଠା ଦାବିରେ ଲୋକେ ଶୁକ୍ରବାର ହିଂସ୍ରକ ଆନ୍ଦୋଳନ କରିଛନ୍ତି। ପ୍ରଦର୍ଶନକାରୀ କାଠମାଣ୍ଡୁର ତିନକୁନେରେ ଥିବା ଏକ କୋଠାରେ ଭଙ୍ଗାରୁଜା କରି ନିଆଁ ଲଗାଇ ଦେଇଛନ୍ତି। ଗଣତନ୍ତ୍ର ସପକ୍ଷବାଦୀଙ୍କ ସହ ମୁହାଁମୁହିଁ ହୋଇଛନ୍ତି। ପୁଲିସ ଉପରେ ପଥରମାଡ କରିଛନ୍ତି। ପୁଲିସ ଅଟକାଇବାରୁ ବାରିକେଡ ଭାଙ୍ଗି ଆଗକୁ ବଢିଛନ୍ତି। ଏହାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସ୍ଥିତି ବିଗୁଡୁଥିବା ଦେଖି ପୁଲିସ ଲୁହବୁହା ଗ୍ୟାସର ଗୋଳା ମାଡ଼ କରିଛି। ଏଥିରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି। ୩୦ରୁ ଅଧିକ ଆହତ ହୋଇଛନ୍ତି। ପୁଲିସ ଅନେକ ଯୁବକଙ୍କୁ ମଧ୍ୟ ଗିରଫ କରିଛି। ଏହା ଜାଣିବା ପରେ ପ୍ରଦର୍ଶନକାରୀ ଅଧିକ ଉଗ୍ର ହୋଇ ଉଠିଛନ୍ତି। କାଠମାଣ୍ଡୁରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ସେନା ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ ଦେଶର ୪୦ରୁ ଅଧିକ ସଂଗଠନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପ୍ରଦର୍ଶନକାରୀ ରାଜା ଆସନ୍ତୁ ଦେଶ ବଞ୍ଚାନ୍ତୁ, ଭ୍ରଷ୍ଟ ସରକାର ମୁର୍ଦାବାଦ ଏବଂ ପୁଣି ରାଜତନ୍ତ୍ର ଫେରୁ ବୋଲି ସ୍ଲୋଗାନ ଦେଇଛନ୍ତି। ସେମାନେ ସରକାରଙ୍କୁ ସପ୍ତାହେ କଣ୍ଟ ଦେଇଛନ୍ତି। ଯଦି ସପ୍ତାହେ ମଧ୍ୟରେ ସରକାର କୌଣସି ନିଷ୍ପତ୍ତି ନ ନେବେ ତେବେ ଉଗ୍ର ବିରୋଧ ପ୍ରଦର୍ଶନ କରାଯିବ। ଅନ୍ୟପକ୍ଷରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଗୋଷ୍ଠୀ ସମାଜବାଦୀ ମୋର୍ଚ୍ଚାର ନେତୃତ୍ୱରେ ହଜାର ହଜାର ପ୍ରଦର୍ଶନକାରୀ ଭ୍ରିକୁଟିମଣ୍ଡପ ଅଞ୍ଚଳରେ ଏକାଠି ହୋଇଛନ୍ତି। ଏମାନେ ଗଣତନ୍ତ୍ର ଜିନ୍ଦାବାଦ, ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ରାଜତନ୍ତ୍ରକୁ ସମାପ୍ତ କର ବୋଲି ସ୍ଲୋଗାନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଫେବୃଆରୀ ୧୯ରେ ଗଣତନ୍ତ୍ର ଦିବସ ଅବସରରେ ନେପାଳର ପୂର୍ବତନ ରାଜା ଏକ ଭିଡିଓ ବାର୍ତ୍ତା ଜାରି କରି ଜନତାଙ୍କୁ ସମର୍ଥନ ମାଗିଥିଲେ। ସେ ରାଜତନ୍ତ୍ରକୁ ସମର୍ଥନ ଦେବାକୁ କହିଥିଲେ। ଏହା ପରେ ନେପାଳରେ ପୁଣି ରାଜତନ୍ତ୍ର ପ୍ରତିଷ୍ଠା ଦାବି ଜୋର ଧରିଥିଲା। ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଏବଂ ଅନ୍ୟ ରାଜତନ୍ତ୍ର ସପକ୍ଷବାଦୀ ଦଳ ଏହି ଦାବିକୁ ଜୋରଦାର କରିଥିଲେ।



## ପତ୍ନୀଙ୍କୁ ହତ୍ୟା କରି ସୁଟ୍‌କେସ୍‌ରେ ଭର୍ତ୍ତି କଲେ




ବେଙ୍ଗାଲୁରୁ, ୨୮।୩ (ଏଜେନ୍ସି): ବେଙ୍ଗାଲୁରୁରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଏକ ସୁଟକେସରେ ଭର୍ତ୍ତି କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ଏଥିରେ ବିଫଳ ହେବାରୁ ପୁନେ ପଳାଇ ଯାଇଛନ୍ତି। ଏବେ ସତାରା ପୁଲିସ ଅଭିଯୁକ୍ତ ରାକେଶକୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ଯେ ରାକେଶଙ୍କୁ ସତାରାର ପାରଗାଁଓ ଖଣ୍ଡାଲାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେ ଏକ କାର ଭିତରେ ଅଚେତ ଅବସ୍ଥାରେ ଥିଲେ। ପତ୍ନୀଙ୍କୁ ହତ୍ୟା କରିବା ପରେ ରାକେଶ ବିଷ ଖାଇଦେଇଥିଲେ। ଲୋକେ ତାଙ୍କୁ ଉଦ୍ଧାରକରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ନିଜେ ଏହି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ସେ ଶାଶୁଶଶୁରଙ୍କୁ ଫୋନ୍ କରି ଝିଅକୁ ହତ୍ୟା କରିଥିବାର ସୂଚନା ଦେଇଛନ୍ତି। ୩୨ ବର୍ଷୀୟ ପୀଡ଼ିତା ଗୌରୀ ଅନିଲ ସାମ୍ବେକର ଗଣମାଧ୍ୟମ ଏବଂ ଯୋଗାଯୋଗରେ ପାଠ ପଢ଼ିଥିଲେ। ମାତ୍ର ସେ କିଛି ଚାକିରି ନକରି ଘରେ ବସିଥିଲେ। ଆର୍ଥିକ ସ୍ଥିତି ଖରାପ ହୋଇଯିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ଏହାକୁ ନେଇ ରାକେଶ ତାଙ୍କୁ ହତ୍ୟା କରିଥିଲେ।

### କୃଷ୍ଣକାୟ ଶିଶୁଙ୍କୁ ପୋଷ୍ୟ କରି ଗୋଲାମ ବନାଉଥିଲେ

## ଆମେରିକା ଦମ୍ପତିଙ୍କୁ ୩୬୫ ବର୍ଷ ଜେଲ୍‌ଦଣ୍ଡ

ୱାସିଂଟନ, ୨୮।୩ (ଏଜେନ୍ସି): ଆମେରିକା ୱେଷ୍ଟ ଭର୍ଜିନିଆର ଶ୍ୱେତାଙ୍ଗ ଦମ୍ପତି ଜେନି କେ ହ୍ୱାଇଟଫିଦର (୬୩) ଏବଂ ତାଙ୍କ ସ୍ୱାମୀ ଡୋନାଲ୍ଡ ଲାଣ୍ଟଜ (୬୪) କୃଷ୍ଣକାୟ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିଲେ। ଏଭଳି କାର୍ଯ୍ୟ ପାଇଁ ସମାଜରେ ନିଜର ଭଲ ଛବି ସୃଷ୍ଟି କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ଜଣେ କି ଦୁଇ ଜଣ ନୁହେଁ, ପ୍ରାୟ ୫ କୃଷ୍ଣକାୟ ଶିଶୁଙ୍କୁ ସେ ପୋଷ୍ୟ କରିଥିଲେ। ମାତ୍ର ଶ୍ୱେତାଙ୍ଗ ଦମ୍ପତି ହୋଇ କଳା ପିଲାଙ୍କୁ ପୋଷ୍ୟ କରୁଥିବା ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ତଦନ୍ତରୁ ଏହା ପଛରେ ଥିବା ଭୟଙ୍କର ଉଦ୍ଦେଶ୍ୟ ସାମ୍ନାକୁ ଆସିଥିଲା। ଉଭୟେ ବର୍ଣ୍ଣବୈଷମ୍ୟ ଭେଦଭାବ ରଖିଥିଲେ। ମାନବ ଚାଲାଣ କରିବାକୁ ଚାହୁଁଥିଲେ। ପିଲାଙ୍କୁ ଗୋଲାମ କରି ଘରୋଇ କାମ କରିବାକୁ ବାଧ୍ୟ କରୁଥିଲେ। ଖରାପ ପରିବେଶରେ ରଖିଥିଲେ। ଏବେ ୱେଷ୍ଟ ଭର୍ଜିନିଆର ସର୍କିଟ କୋର୍ଟ ଏହି ମାମଲାରେ ଦମ୍ପତିଙ୍କୁ ୩୬୫ ବର୍ଷର କଠୋର ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହା ଆମେରିକା ଇତିହାସର ସବୁଠୁ ଅଧିକ ବର୍ଷର ଜେଲ୍ ଦଣ୍ଡ ବୋଲି କୁହାଯାଉଛି। ରାୟ ଶୁଣାଣି ବିଚାରପତି କହିଥିଲେ ଯେ ଦମ୍ପତି ଶିଶୁଙ୍କ ଜୀବନକୁ ନର୍କ କରିଦେଇଥିଲେ। ଏବେ ତାଙ୍କୁ ନିଜ ସ୍ଥାନକୁ ପଠାଇ ଦିଆଯିବ। ଭଗବାନ ତୁମକୁ କ୍ଷମା ଦେଇପାରନ୍ତି, କିନ୍ତୁ କୋର୍ଟ ଦେବେ ନାହିଁ।



ଏହି ମାମଲା ୨୦୨୩ର। କନୱାହା କାଉଣ୍ଟି ସେରିଫ ବିଭାଗର ଅଧିକାରୀ ଦମ୍ପତିଙ୍କ ଘରେ ଚଢ଼ଉ କରିଥିଲେ। ସେଠାରେ ଯାହା ଦେଖିଥିଲେ ତାହା କୌଣସି ଖରାପ ସ୍ୱପ୍ନଠାରୁ ବି କମ୍ ନ ଥିଲା। ପିଲାଙ୍କୁ ଗୋଟିଏ କ୍ଷୁଦ୍ର ଜନ୍ତା ଭଳି ପ୍ରକୋଷ୍ଠରେ ଅମାନବୀୟ ସ୍ଥିତିରେ ରଖାଯାଇଥିଲା। ବାୟୁ ଚଳାଚଳର କୌଣସି ବ୍ୟବସ୍ଥା ମଧ୍ୟ ନ ଥିଲା। ପାଣି କି ପବନ ଠିକ୍‌ରେ ଆସୁ ନ ଥିଲା। ଶିଶୁଙ୍କୁ ତଳେ ଶୋଇବାକୁ ପଡୁଥିଲା। ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଏହି ପ୍ରକୋଷ୍ଠକୁ ବନ୍ଦ କରି ରଖାଯାଉଥିଲା। ଏହି ୫ ଶିଶୁ ଦୁର୍ବଳ ହୋଇ ଯାଇଥିଲେ। ଖାଇବାକୁ ନ ପାଇ ସମସ୍ତେ ଅପପୁଷ୍ଟିର ଶିକାର ହୋଇଥିଲେ। ଏହି ଦମ୍ପତି କଳା ଶିଶୁଙ୍କୁ ଘୃଣା କରୁଥିଲେ।

## କଟକଣା ଭିତରେ ପାଳିତ ହେବ ରାମନବମୀ

ଝାରସୁଗୁଡ଼ା, ୨୮ ।୩ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ଏପ୍ରିଲ ୬ ତାରିଖରେ ରାମନବମୀ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମନବମୀ ଉତ୍ସବ ସମୟରେ କୌଣସି ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ହେବନି ବୋଲି ନିର୍ଦ୍ଦେଶ ଦିଆଯାଇଛି। ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ସହ ଭାଇଚାରା ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଆଖଡ଼ା କମିଟି ଧାର୍ଯ୍ୟ ସମୟ ଅନୁଯାୟୀ ଶୋଭାଯାତ୍ରା ପରିଚାଳନା କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଧାର୍ଯ୍ୟ ପରିଧି ଭିତରେ ରହି ଡାକବାଜି ତଥା ଡିଜେ ବ୍ୟବହାର କରାଯିବ। ଶୋଭାଯାତ୍ରା ସମୟରେ କୌଣସି ଉତ୍ତେଜନାମୂଳକ ସ୍ଲୋଗାନ ଦିଆଯିବନି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଖଡ଼ା କମିଟିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ପି ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ଯୁବକ ମୃତ, ମହିଳା ଗୁରୁତର

ଦେବଗଡ଼, ୨୮ ।୩(ସମିସ): ବାରକୋଟ ଫରେଷ୍ଟ ରେଞ୍ଜର ବୁଢାଖମଣ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରକୋଟ ବ୍ଲକର ବୁଢାଖମଣ ଗ୍ରାମର ଧବଳ ନାଏକ(୪୫)। ସକାଳୁ ସକାଳୁ ନିକଟସ୍ଥ ଜଙ୍ଗଲକୁ ଧବଳ ମହୁଲ ଗୋଟାଇବା ପାଇଁ ଯାଇଥିଲେ। ଏହି ସମୟରେ ଏକ ଦନ୍ତାହାତୀ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ଧବଳ ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିବା ପରେ ଜଙ୍ଗଲରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଏସିଏଫ ସ୍ୱାଧୀନତା ସାହାଣୀ, ବାରକୋଟ ରେଞ୍ଜ ଅଫିସର ଚିତ୍ତରଞ୍ଜନ ପୁରୋହିତ, ଠିଆନାଳ ଫରେଷ୍ଟର ଭୀମସେନ ଶତପଥୀ ପ୍ରମୁଖ ପହଞ୍ଚି ଥିଲେ।

ସେହିପରି ରିଆମାଳ ଫରେଷ୍ଟ ରେଞ୍ଜ କୁଣ୍ଢେଇଗୋଲା ସେକ୍ସନ ଅଧୀନ ଫଙ୍ଘାପଶି ଗ୍ରାମରେ ଦନ୍ତା ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ସେହି ଗ୍ରାମର ଅନିଲ ସାହୁଙ୍କ ସ୍ତ୍ରୀ ମମତା ମାଝୀ (୩୦)। ମମତା ସକାଳେ ଗ୍ରାମର ଶେଷ ମୁଣ୍ଡରେ ମହୁଲ ଗୋଟାଉଥିବା ବେଳେ ହାତୀ ଆକ୍ରମଣ କରିଥିଲା। ପାଖରେ ମହୁଲ ଗୋଟାଉ ଥିବା ଅନ୍ୟ କେତେକ ଗ୍ରାମବାସୀ ଏହା ଦେଖି ହାତୀକୁ ଘଉଡ଼ାଇବା ସହ ଗୁରୁତର ମମତାଙ୍କୁ ଉଦ୍ଧାର କରି ପ୍ରଥମେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବେଆଇନ ମଦ ଚାଲାଣ ବେଳେ ଯୁବକ ଗିରଫ

ଝାରସୁଗୁଡା, ୨୮ ।୩(ସମିସ):ବେଆଇନ ମଦ ଚାଲାଣ ବେଳେ ଗୋବିନ୍ଦପୁର ଛକ ନିକଟରୁ ଜଣେ ଯୁବକକୁ ରେଙ୍ଗାଲି ପୁଲିସ ଗିରଫ କରିଛି। ଏହି ଯୁବକ ଜଣକ ଗୋବିନ୍ଦପୁରର ନିର୍ମଳ ଖଡିଆ। ଏକ ମେଷ୍ଟ୍ରିଓ ସ୍କୁଟି(ଓଡି୨୩ଏଲ ୪୪୮୧) ରେ ସେ ବେଆଇନ ଭାବରେ ମଦ ଚାଲାଣ କରୁଥିବାବେଳେ ପୁଲିସ ତାକୁ ଗିରଫ କରିଥିଲା। ତା ପାଖରୁ ପ୍ରାୟ ୧୫୦ ଲିଟର ମଦ ଜବତ ହୋଇଛି।

## ପିପିଲିମାଲରେ ଭୁଶୁଡ଼ିଲା ନିର୍ମାଣାଧୀନ ଘର

ଝାରସୁଗୁଡା, ୨୮ ।୩(ସମିସ): ଝାରସୁଗୁଡା ଜିଲ୍ଲା ପିପିଲିମାଲରେ ଏକ ନିର୍ମାଣଧୀନ ଘର ଭୁଶୁଡି ପଡ଼ିଛି। ଶୁକ୍ରବାର ସକାଳ ପ୍ରାୟ ୯ ଟାରେ ଏହି ଘଟଣା ଘଟିଥିଲା। ଘର ନିର୍ମାଣ ପାଇଁ ସେଠାରେ କିଛି ଶ୍ରମିକ କାର୍ଯ୍ୟ କରୁଥିବାବେଳେ ହଠାତ ଘରଟି ଭୁଶୁଡି ପଡ଼ିଥିଲା। କେତେକ ଶ୍ରମିକ ସାମାନ୍ୟ ଆହତ ହୋଇଥିଲେ। ପ୍ରକାଶଯୋଗ୍ୟ, ପିପିଲିମାଲ ଅଞ୍ଚଳ କୁଡାଲୋଇ ନର୍ଥ ଏ କୋଲ ବ୍ଲକ ଅଧୀନରେ ଆସୁଛି। କୋଲ ବ୍ଲକରେ ଜମି ଏବଂ ଘର ଅଧିଗ୍ରହଣ ହେଲେ ମୋଟା ଅଙ୍କର ଟଙ୍କା ପାଇବା ଆଶା ରହୁଛି। ଏଣୁ ବାହାର ଅଞ୍ଚଳରୁ ଅନେକ ଲୋକ ଏଠାରେ ଘର ନିର୍ମାଣ କରୁଛନ୍ତି।



### ୧୯ ଦିନରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଧାରଣା

# ଝାରସୁଗୁଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟସେବା ପ୍ରଭାବିତ

ଝାରସୁଗୁଡା, ୨୮ ।୩(ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିତ କର୍ମଚାରୀଙ୍କ ଧାରଣା ୧୯ ଦିନରେ ପହଞ୍ଚିଛି। ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆହ୍ୱାନରେ ୪୨୦୦ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ଭୁବନେଶ୍ୱରସ୍ଥିତ ରାଜରାସ୍ତାରେ ଧାରଣାରେ ବସିଛନ୍ତି। ଏଣୁ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଉଛି। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ସହରାଞ୍ଚଳର ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଉପକେନ୍ଦ୍ର ପର୍ଯ୍ୟନ୍ତ ସବୁଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଛି। ରୋଗୀଙ୍କୁ ଠିକ୍ ସମୟରେ ମିଳୁନି। ଝାରସୁଗୁଡ଼ା ଜିଲ୍ଲାରୁ ପ୍ରାୟ ୮୦ରୁ ଅଧିକ କର୍ମଚାରୀ ମାର୍ଚ୍ଚ ୧୦ ତାରିଖରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବସିଛନ୍ତି। ଏଣୁ ସ୍ୱାସ୍ଥ୍ୟ ବିଭାଗର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ବ୍ୟାଘାତ ହେଉଛି। ଅବସ୍ଥା ଏପରି ହୋଇଛି ଯେ ପିଲାଙ୍କ ଟୀକାକରଣ ଗଭୀର ଭାବରେ ପ୍ରଭାବିତ ହେବାରେ ଲାଗିଛି। ସେହିଭଳି ନିୟମିତ ସମୀକ୍ଷା କରାଯାଉଥିବା ସମସ୍ତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପ୍ରଭାବିତ ହେଉଛି। ଏପରିକି ବିଧାନସଭା ଚାଲିଥିବାରୁ ସମସ୍ତ ତଥ୍ୟ ମଧ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଯୋଗାଇବାରେ ସମସ୍ୟା ଆସୁଛି। ସେହିପରି ଯକ୍ଷ୍ମା ନିରାକରଣ, କୁଷ୍ଠ ନିରାକରଣ, ମ୍ୟାଲେରିଆ ନିରାକରଣ, ମାତୃ ସ୍ୱାସ୍ଥ୍ୟ ଓ ଶିଶୁ ସ୍ୱାସ୍ଥ୍ୟ, ଜିଲ୍ଲାରେ ଥିବା ଜିଲ୍ଲା ସଅଳ କେନ୍ଦ୍ର, ଜିଲ୍ଲା ପୁଷ୍ଟିକେନ୍ଦ୍ର, ଅଣ ସଂକ୍ରାମକ ରୋଗ ଚିହ୍ନଟ ଓ ନିରାକରଣ, ପ୍ରତିରୋଧକ ସ୍ୱାସ୍ଥ୍ୟ ଆଦି ବହୁ କାର୍ଯ୍ୟକ୍ରମର ପରିଚାଳନା ପ୍ରଭାବିତ ହୋଇଛି। ବିଶେଷ ଭାବରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ସୂଚନାଯୋଗ୍ୟ, ୨୦ ବର୍ଷ ଧରି କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗର ଏହି ପରିଚାଳନା କର୍ମଚାରୀ ଚାକିରୀ ସ୍ଥାୟୀ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବ୍ରଜରାଜନଗର, ୨୮ ।୩(ସମିସ): ପି ଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଖଲିଆକାନି ହସ୍ପିଟାଲର ଡ. ରୋଷନ୍ ପଣ୍ଡା, ଡ.ସୌମ୍ୟା ପାଣ୍ଡେ, ସ୍ୱାସ୍ଥ୍ୟକର୍ମୀ ବିନିତା ଗର୍ଡ଼ିଆ, ବନିତା ପଟେଲ ପ୍ରମୁଖ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ବ୍ୟକ୍ତିଗତ ପରିଚ୍ଛନ୍ନତା ଉପରେ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଜାତୀୟ ଏଡସ୍ ପରାମର୍ଶଦାତ୍ରୀ ସଂଯୁକ୍ତା ମହାପାତ୍ର ଏଚ୍‌ଆଇଭି ଏଡସ୍‌ର ବିଭିନ୍ନ କାରଣ ଓ ତାର ନିରାକରଣ ସମ୍ବନ୍ଧରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରତିଭା ମହାପାତ୍ର ଫାଷ୍ଟଏଡ୍ ଉପରେ ତାଲିମ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ, ସୁଜାତା ପଟେଲ, ମୁକ୍ତା ସୋରେନ, କାର୍ତ୍ତିକ ଶେଠ୍, ରିଙ୍କୁ ପ୍ରଧାନ, ସୁନନ୍ଦା ଧୁରୁଆ, ସସ୍ମିତା ଜେନା, ପୁରନ୍ଦର ବାଗ, ପ୍ରଦୀପ ନାୟକ, ଗୋବିନ୍ଦ ପ୍ରଧାନ, ସୁଶାନ୍ତି ଡିଗା, ବବିତା ମିଞ୍ଜ, ଗୌତମ ତପୋ ପ୍ରମୁଖ ସହଯୋଗ କରିଥିଲେ।

## ଖରାରେ ଗାଡ଼ିଚାଳକଙ୍କ ସୁରକ୍ଷା ପାଇଁ ପ୍ରସ୍ତୁତି

ଝାରସୁଗୁଡା, ୨୮ ।୩(ସମିସ): ଗାଡ଼ି ଚାଳକଙ୍କୁ ରୌଦ୍ରତାପରୁ ସୁରକ୍ଷା ପ୍ରଦାନ ନିମନ୍ତେ ଏକ ଆନ୍ତଃରାଜ୍ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଲଖନପୁର ଏମ୍‌ସିଏଲସ୍ଥିତ ତ୍ରିବେଣୀ ଗେଷ୍ଟ ହାଉସଠାରେ ଅନୁଷ୍ଠିତ ଏହି ଆନ୍ତଃରାଜ୍ୟ ବୈଠକରେ ଝାରସୁଗୁଡା ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ପଡ଼ୋଶୀ ରାଜ୍ୟ ଛତିଶଗଡ଼ ରାଇଗଡ଼ ଜିଲ୍ଲାପାଳ କାର୍ତ୍ତିକେୟ ଗୋଏଲ, ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ରାଇଗଡ଼ ଆରକ୍ଷୀ ଅଧିକ୍ଷକ ଦିବ୍ୟାଙ୍ଗ ପଟେଲ, ଝାରସୁଗୁଡା ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ରାଇଗଡ଼ ଅତିରିକ୍ତ ଜିଲ୍ଲାପାଳ ରବି ରାହି, ରାଇଗଡ଼ ଏସ୍ ଡି ଏମ୍ ପ୍ରବୀଣ କୁମାର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନ, ରାଇଗଡ଼ ଖଣି ଉପନିର୍ଦ୍ଦେଶକ, ଉଭୟ ଜିଲ୍ଲାର ଆଞ୍ଚଳିକ ପରିବହନ ଅଧିକାରୀ, ବ୍ରଜରାଜନଗର, ଇବ ଭ୍ୟାଲି ଓ ଲଖନପୁର ଏମ୍‌ସିଏଲ୍ କ୍ଷେତ୍ର ପ୍ରବନ୍ଧକ ଓ ଏନଟିପିସି ଲାରାର ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ।

ରୌଦ୍ରତାପ ସମୟରେ ଡ୍ରାଇଭର, ହେଲ୍ପର ଓ ଅନ୍ୟ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଭୟ ରାଜ୍ୟ ମଧ୍ୟରେ ବିଶେଷ କରି ଛତିଶଗଡ଼ ଓ ଝାରସୁଗୁଡା ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ଆଦାନପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଖଣିଜ ଦ୍ରବ୍ୟ ବିଶେଷ କରି କୋଇଲା, ଫ୍ଲାଇଆସ ଓ ଲଘୁ ଖଣିଜ ଦ୍ରବ୍ୟ ପରିବହନ କ୍ଷେତ୍ରରେ ଉଭୟ ରାଜ୍ୟ ମଧ୍ୟରେ ସହଯୋଗ ଓ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ଉଭୟ ଜିଲ୍ଲା ନିମନ୍ତେ ସାଧାରଣ ନିୟାମକ ମାନକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭାରିଯାନ ଗୁଡିକର ଚଳପ୍ରଚଳ ଉପରେ ମିଳିତ ଭାବେ କଟକଣା ନିୟନ୍ତ୍ରଣ କରିବାକୁ ଗୁରୁତ୍ୱାରୋପ କରାଯିବା ସହ ଡ୍ରାଇଭର, ଗାଡ଼ି ମାଲିକ, ବିଭିନ୍ନ ଗାଡ଼ି ମାଲିକ ସଂଘ, ପରିବହନ ସଂସ୍ଥା ଓ ସର୍ବସାଧାରଣସ୍ତରରେ ସଚେତନତା ସୃଷ୍ଟି ନିମନ୍ତେ କି କି ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଅଂଶୁଘାତ ଜନିତ ଲକ୍ଷଣ ପ୍ରକାଶ ପାଇଲେ କିପରି ପ୍ରାଥମିକ ଚିକିତ୍ସା କରାଯିବ ସେ ସମ୍ପର୍କରେ ପରିବହନ ସଂସ୍ଥା ଓ ଖଣି ମାଲିକମାନେ ଡ୍ରାଇଭର ଓ ହେଲ୍ପରମାନଙ୍କ ତାଲିମ ଶିବିର ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆନ୍ତଃରାଜ୍ୟ ଗାଡ଼ି ଚାଳକମାନେ ଯାତାୟାତ ସମୟରେ କିପରି ଯଥେଷ୍ଟ ତରଳ ଖାଦ୍ୟ ଗ୍ରହଣ କରିବେ, ମଦ୍ୟପାନରୁ ଦୂରେଇ ରହିବେ ତଥା ନିୟମିତ ଭାବେ ବିଶ୍ରାମ ନେବେ ସେ ଦିଗରେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଜାତୀୟ ରାଜପଥ ୪୯ ଉଭୟ ପାର୍ଶ୍ୱରେ ଯଥେଷ୍ଟ ସଂଖ୍ୟକ ଜଳଛତ୍ର ଖୋଲିବା ନିମନ୍ତେ ବେଲପାହାଡ଼, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଏବଂ ଏମ୍‌ସିଏଲ୍ ଓ ଏନଟିପିସି ଲାରା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସେହିପରି ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ନିମନ୍ତେ ଯୋଗାଣ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପ୍ରିଲ ଓ ମେ ମାସରେ ଦିନ ୧୦ଟାରୁ ଅପରାହ୍ଣ ୪ଟା ମଧ୍ୟରେ ଅଣ ବାତାନୁକୂଳିତ ଗାଡ଼ି ଚଳାଚଳ ଉପରେ ରୋକ ଲଗାଇବାକୁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମୟ ମଧ୍ୟରେ ଲଡିଂ ଓ ଅନଲଡିଂ ବନ୍ଦ ରଖିବା ନିମନ୍ତେ ଏମ୍‌ସିଏଲ୍, ଲାରା ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାଗୁଡିକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ପାର୍କିଂ ସ୍ଥାନ ଗୁଡିକରେ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ କରାଯାଇ ସେ ସବୁରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ବାତାନୁକୂଳିତ କକ୍ଷ ଓ ଅସ୍ଥାୟୀ କ୍ୟାଣ୍ଟିନର ବ୍ୟବସ୍ଥା କରିବା ନିମନ୍ତେ ପରାମର୍ଶ ଦିଆଯିବା ତଥା ଆବଶ୍ୟକ ସ୍ଥଳେ ସ୍ପ୍ରିଂକଲର ଦ୍ୱାରା ଜଳ ସିଞ୍ଚନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଜାତୀୟ ରାଜପଥରେ ଉଭୟ ଜିଲ୍ଲାର ଖଣି ଓ ଶିଳ୍ପାନୁଷ୍ଠାନ ପକ୍ଷରୁ ଆମ୍ବୁଲାନ୍ସ ରଖାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗାଡିର ବୀମାକରଣ ସହ ଡ୍ରାଇଭରମାନଙ୍କ ଜୀବନବୀମା ଯେପରି ସଂଯୋଗୀକରଣ କରାଯାଇପାରିବ ସେ ଦିଗରେ ଅନୁଧ୍ୟାନ ନିମନ୍ତେ ଉଭୟ ରାଜ୍ୟର ପରିବହନ ଆୟୁକ୍ତଙ୍କର ପରାମର୍ଶ ଲୋଡ଼ାଯିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଗୋବିନ୍ଦପୁର ଟୋଲ ପ୍ଲାଜାରେ ହାଇଡ୍ରେସନ କିୟସ୍କ ଖୋଲାଯିବା ସହ ଦୁଇଟି ଭ୍ରାମ୍ୟମାଣ ୱାଟର କିୟସ୍କର ବ୍ୟବସ୍ଥା କରିବା ନିମନ୍ତେ ଏମ୍‌ସିଏଲ୍ ଓ ଏନଟିପିସି ଲାରାର ସହଯୋଗ କାମନା କରାଯାଇଛି।

## ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୈଠକ



ଝାରସୁଗୁଡା, ୨୮ ।୩(ସମିସ): ଝାରସୁଗୁଡଡା ଜିଲ୍ଲା ଲଖନପୁର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆୟୁଷ୍ମାନ ଭାରତ ତଥା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଡ ବଣ୍ଟନ ପାଇଁ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

## ତୀର୍ଥଯାତ୍ରାରେ ଗଲେ ୨୭ ବରିଷ୍ଠ ନାଗରିକ




ଦେବଗଡ଼, ୨୮ ।୩(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଦେବଗଡ଼ ଜିଲ୍ଲାର ୩ ବ୍ଲକ ଓ ଗୋଟିଏ ପୌରାଞ୍ଚଳର ୨୭ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା, ବାରଣାସୀ ଯାତ୍ରା କରିଛନ୍ତି। ମଧ୍ୟାହ୍ନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ନିକଟରେ ଗୋଟିଏ ବସରେ ସମ୍ବଲପୁର ପର୍ଯ୍ୟନ୍ତ ସେମାନେ ଯାତ୍ରା ଆରମ୍ଭ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ସହ ଏସଆର ଏ ବିଜୟଲକ୍ଷ୍ମୀ ସାହୁ ଗ୍ରସ୍ତରେ ସାମିଲ ହୋଇଥିଲେ। ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ତାପସ ମହାନ୍ତ, ଈଶ୍ୱର ଗୁରୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଏହି ବରିଷ୍ଠ ନାଗରିକମାନେ ଟ୍ରେନ ଯୋଗେ ସମ୍ବଲପୁରରୁ ଅଯୋଧ୍ୟା ଓ ବାରଣାସୀ ଗସ୍ତ କରିବେ।

## ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼, ୨୮ ।୩(ସମିସ):ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦେବଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟ, ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ପରପୋଷି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବ୍ଲକର ମୋଟ ୧୪୭ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଘନଶ୍ୟାମ ବେହେରା, ମିହିର ଦେହୁରୀ, ମାନସ ରଞ୍ଜନ ବେହେରା, କ୍ଷୀରୋଦରୀ ଦେହୁରୀ, ପୁଷ୍ପାଞ୍ଜଳି ପ୍ରଧାନ, ଡିଲେଶ୍ୱର ମାଝୀ, ବୈରାଗୀ ସାହୁ, ଦେବେନ୍ଦ୍ର ନାୟକ, ହରେଶ କଲୋ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାନ୍ତ, ସୁଶାନ୍ତ ସାହୁ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ ପ୍ରଧାନ, ସିଆରସିସି ପ୍ରାଣବନ୍ଧୁ ଘଡେଇ, ଅଶୋକ ସାହୁ, ଭେନସ ପ୍ରଧାନ, ଚୂଡ଼ାମଣି ସାହୁ, ମହାବୀର ନାୟକ, ସୁବ୍ରତ ପ୍ରଧାନ, ରାଜେଶ ନାୟକ, ବିପିନ ଚନ୍ଦ୍ର ଅଡା ପ୍ରମୁଖ ସାମିଲ ହୋଇଥିଲେ

## 'ବଡ଼ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବା ଜରୁରି'





### ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ଝାରସୁଗୁଡା, ୨୮ ।୩(ସମିସ): ଲଖନପୁର ବ୍ଲକ ଉଣେଇଶ ଖଣ୍ଡ ମୌଜା ଅଧୀନ ରେମତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ରୋହିତ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଭକ୍ତବନ୍ଧୁ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡ଼ ମଣିଷ ହେବା ଅପେକ୍ଷା ପ୍ରଥମେ ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ମଙ୍ଗଳ ପ୍ରସାଦ ଭୋଇ ମୁଖ୍ୟବକ୍ତା ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କଣ୍ଢେଇକେଲା ସିଆରସିସି ଶେଷଦେବ ପଧାନ, ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ, ବେଲପାହାଡର ସହକାରୀ ଶିକ୍ଷକ କୁଶ ସା, ଏସଏମସି ସଭାପତି ମଧୁସୂଦନ ପଧାନ ଓ ଓକିଲ ପଧାନ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରୋହିତ ସା ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ପାଠ କରିଥିବାବେଳେ ଶିକ୍ଷକ ସୁରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରୀ ବୈଷ୍ଣବୀ ପଧାନ, ସପ୍ତମ ଶ୍ରେଣୀର ଛାତ୍ର ପ୍ରବୀଣ ସା ଓ ଷଷ୍ଠ ଶ୍ରେଣୀର ଛାତ୍ରୀ ରୋଲି ପାଣିଗ୍ରାହୀଙ୍କୁ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍ ଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଗଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହାକୁ ସ୍ନେହା ପଧାନ, ପ୍ରାଚୀ ପଧାନ, ଭାରତୀ ପଧାନ ଓ ରାଜକୁମାର ଭୋଇ ପରିଚାଳନା କରିଥିଲେ। ଦେବାନନ୍ଦ ପଧାନ, ରାଜୀବ ବାରିକ, ସୁଶାନ୍ତ ପଧାନ, କଳ୍ପନା ପଧାନ, ସୁମତି ପଧାନ, ଶୋଭା ପଧାନ, ମଞ୍ଜୁ ପଧାନ ଏବଂ ସମସ୍ତ ଏସଏମସି ସଭ୍ୟସଭ୍ୟା ବିଶେଷ ସହଯୋଗ କରିଥିଲେ। ସେହିଭଳି ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଖୋଲଜାମକାନି ପତ୍ରାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଆରସିସି ଦୋଳଗୋବିନ୍ଦ ବିଶ୍ୱାଳ, ନୀଳାଦ୍ରୀ ମୁଣ୍ଡା, ଗୁଞ୍ଜୁରାମ ମୁଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ ବିଶ୍ୱାଳ ଏବଂ ଶିକ୍ଷକ ଯୁବରାଜ ସିଂଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷେ ଲଇକେରା ବ୍ଲକ ସାହାସପୁର କ୍ଲଷ୍ଟରର ମୁଣ୍ଡେରବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନବୋଧ କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତାଳମୁଣ୍ଡା ସିଆରସିସି ମନୋରଞ୍ଜନ କଣ୍ଟା, ସୁଡୁଙ୍ଗ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ ଦେଓ, ସମିତିସଭ୍ୟା ରସବତୀ କିସାନ, ଶିକ୍ଷୟିତ୍ରୀ ବିମଳା ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଛତ୍ରଲାଲ କିସାନ ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷକ ଘସିଆ ବୁଦୁଲା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦାୟ ସମ୍ବର୍ଦ୍ଧନା ସଭାରେ ଗୁଣଗାନ କଲେ ସହକର୍ମୀ

ଦେବଗଡ଼, ୨୮ ।୩(ସମିସ): ପୁରୁକୁଣ୍ଡା କରେଇପାଣପୋଷି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ ଅବସର ନେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚଞ୍ଚଳା ସାହୁଙ୍କ ଅଧ୍ୟକ୍ଷତାରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟାବାଳି ମଞ୍ଜରୀ ନନ୍ଦ, ପ୍ରମୋଦ ପ୍ରଧାନ, ଖଗେନ୍ଦ୍ର ପୁଥାଳ ଓ କେତକୀ ବେହେରା ମଞ୍ଚାସୀନ ଥିଲେ। ସହକର୍ମୀ ଓ ଛାତ୍ରଛାତ୍ରୀ ତାଙ୍କ ଗୁଣଗାନ କରିଥିଲେ। ଶିକ୍ଷୟିତ୍ରୀ ବିକାଶଲତା କିରୋ, ଲୀଳାବତୀ ସାମଲ, ପଞ୍ଚାଳି ସାହୁ ଓ ତପନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

ଝାରସୁଗୁଡା/କିର୍ମିରା: ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ପଟେଲ ମଧ୍ୟ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଏହି ଅବସରରେ ପ୍ରଧାନ ଶିକ୍ଷକ ରୋମାଞ୍ଚ ସୁନାନୀଙ୍କ ଅଧ୍ୟକ୍ଷତାରେ ଏକ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ କିର୍ମିରା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ଚାନ୍ଦ, ରମାକାନ୍ତ ଶବର, ସମୀର ପଟେଲ, ଦିଲୀପ ମେହେର, ଫୁଲେନ୍ଦ୍ର ଗର୍ଡ଼ିଆ, ନେପାଳ ବାଗ, ବରିଷ୍ଠ ସାମ୍ବାଦିକ ଡିଲେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। କିର୍ମିରା ବ୍ଲକ ଜାମକାନୀ ସ୍କୁଲର ପ୍ରଧାନ ଶିକ୍ଷକ ତପେଶ୍ୱର ସିଂ, ଶିକ୍ଷୟିତ୍ରୀ ରଞ୍ଜୁ ନାଗ ଓ ସୁରେଶ୍ୱରୀ ପଟେଲ, କଙ୍କରାମୁଣ୍ଡାରୁ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଏକ, ଶିକ୍ଷୟିତ୍ରୀ ବିଳାସିନୀ ଦଣ୍ଡପାଟ, ଅର୍ଡାରୁ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ପଟେଲ ଓ ଶିକ୍ଷକ ଅଶ୍ୱିନୀ ପଟେଲ, ମୁକେଶ ବେହେରା, ସାରସପାଲିରୁ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଜଗତ ଓ ଶିକ୍ଷୟିତ୍ରୀ ମଞ୍ଜୁଲା ପଟେଲ, ମୁଳକି ମୁଣ୍ଡା, ବିଣାପାଣୀ ଜେନା ଓ ସୌଦାମିନୀ ଭଏଁସା, କହରପଡ଼ାରୁ ସରିତା ପଟେଲ ଦେଓପାଏନରୁ ପ୍ରଧାନଶିକ୍ଷକ ଯତୀନ୍ଦ୍ର ପଟେଲ, ଚନ୍ଦରପୁରରୁ ଅରୁଣ ଜୟପୁରିଆ, ଠାକୁରପଡ଼ାରୁ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ପଟେଲ, ଅର୍ଡା ସିଆରସିସି କ୍ଷୀରୋଦ୍ର ପୋଢ, ଜାମକାନି ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରପାଳ ନାଏକ, ଧୁତରା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ପଟେଲ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମାନସୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବରପାଏନ ସ୍କୁଲର ପ୍ରଧାନ ଶିକ୍ଷକ ସୁନୀଲ ପଟେଲ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଦେ, ତୃପ୍ତିମୟୀ ସାହୁ, ଭାରତୀ ଛତ୍ରିଆ, ଶିକ୍ଷକ ଆଦିତ୍ୟ ପ୍ରସାଦ ନାଥ ସହଯୋଗ କରିଥିଲେ।



## ନାଗପୁର ଷ୍ଟେସନରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବୌଦ୍ଧ, ୨୮ ।୩(ସମିସ):** କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ମାରଡୋଲ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ନାଗପୁର ରେଳ ଷ୍ଟେସନରେ ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରଶାନ୍ତ କୁମ୍ଭାର । ୫ ମାସ ତଳେ ସେ ସୋନପୁର ଜିଲ୍ଲା ବାଗଦୋଲି ଗ୍ରାମର ମିଟୁ ସୁନାଙ୍କ ସହ ଦଲାଲ ଜରିଆରେ ନିଜର ୪ ବର୍ଷର ଝିଅକୁ ଧରି ଇଟାଭାଟିରେ କାମ କରିବାକୁ ତେଲେଙ୍ଗାନା ଯାଇଥିଲେ । ସେଠାରେ ଭାଟି ମାଲିକ ଦିନରାତି କାମ କରିବାକୁ କହି ନିର୍ଯାତନା ଦେଉଥିବା ଘର ଲୋକଙ୍କୁ ଫୋନରେ କହିଥିଲେ । ଶେଷରେ ମାଡ଼ ଅସହ୍ୟ ହେବାରୁ ଘରକୁ ଫେରୁଥଲେ; ହେଲେ ନାଗପୁର ଷ୍ଟେସନରେ ସେ ଆଖି ବୁଜିଥିଲେ । ସେଠାକାର ରେଳବାଇ ପୁଲିସ ମୃତଦେହ ଜବତ କରି କରିଛି । ତେବେ ମୃତଦେହ ଘରକୁ ଆଣିବା ସହ ତାଙ୍କ ୪ ବର୍ଷର ଝିଅକୁ ଉଦ୍ଧାର ପାଇଁ ପତ୍ନୀ ସୁମିତ୍ରା କୁମ୍ଭାର ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ସମୟରେ ରାଷ୍ଟ୍ରୀୟ ସମାନତା ଅଧିକାର ପରିଷଦର ସଭାପତି ପ୍ରଦୀପ ମହାନନ୍ଦ, ଉପ ସଭାପତି ଅଲେଖ ଜାଲ, ସମ୍ପାଦକ ନବୀନ ଭାଇନା ଓ ପ୍ରଶାନ୍ତଙ୍କ ବାପା ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଶଗଡ଼ା, ୨୮ ।୩(ସମିସ):** କଣ୍ଟାମାଳ ଥାନା ସାନଝାରମୁଣ୍ଡା ଗ୍ରାମ ରାସ୍ତାର ବୁଲାଣି ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପଲସାଗୋରାର ପଦ୍ମନାଭ ପଣ୍ଡା । ଘଟଣାସ୍ଥଳରେ ସେ ଆଖି ବୁଜିଥିଲେ । କଣ୍ଟାମାଳ ପୁଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଲଣ୍ଡନପଡ଼ାରେ ପହଞ୍ଚିଲା ବ୍ଲକ୍ ପ୍ରଶାସନ

**ଶଗଡ଼ା, ୨୮ ।୩(ସମିସ):** କଣ୍ଟାମାଳ ବ୍ଲକ ନାରାୟଣ ପ୍ରସାଦ ପଞ୍ଚାୟତ ଲଣ୍ଡନପଡ଼ାରେ ବ୍ଲକ ପ୍ରଶାସନ ପହଞ୍ଚିଛି । ବ୍ଲକ ପ୍ରଶାସନ ପକ୍ଷରୁ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟ ନାରାୟଣ ଦାସ, ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗଙ୍କ ସହ ଆଧାର ସେଣ୍ଟର କର୍ମକର୍ତ୍ତା ପହଞ୍ଚିଥିଲେ । ଗତ ସୋମବାର ଜିଲ୍ଲାପାଳ ସୁବ୍ରତ ପଣ୍ଡା ନାରାୟଣ ପ୍ରସାଦ ପଞ୍ଚାୟତରେ ଅଭିଯୋଗ ଶୁଣାଣି ସାରି ଲଣ୍ଡନପଡ଼ା ପରିଦର୍ଶନ କରିବା ସହ ଲୋକଙ୍କ ସମସ୍ୟା ବାବଦରେ ଅବଗତ ହୋଇ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ମନମୁଣ୍ଡାରେ ନୂତନ ଥାନା ଅଧିକାରୀ



**ଶଗଡ଼ା, ୨୮ ।୩( ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଇନ୍ସପେକ୍ଟର ଅଞ୍ଜଳି ବିଶ୍ୱାଳ ଯୋଗ ଦେଇଛନ୍ତି । ମନମୁଣ୍ଡା ଥାନାରେ ଥିବା ଥାନା ଅଧିକାରୀ ତରୁଣ ତପନ ବେହେରାଙ୍କୁ ବୌଦ୍ଧ ବଦଳି କରାଯାଇଥିବା ବେଳେ ବାଉଁଶୁଣି ଥାନାରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ଅଞ୍ଜଳି ବିଶ୍ୱାଳଙ୍କୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି ।

## ଭାଗବତ ମନ୍ଦିରର ରତ୍ନମୁଦ ସ୍ଥାପନ

**ଶଗଡ଼ା, ୨୮ ।୩(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ରକ୍ସା ଗ୍ରାମରେ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ୨୩ ତାରିଖରୁ ଆରମ୍ଭ ହୋଇ ଥିବା ଏହି ମହୋତ୍ସବ ଆସନ୍ତା ୧ତାରିଖରେ ଉଦ୍‌ଯାପିତ ହେବ । ପ୍ରତ୍ୟେକ ଦିନ ଭାଗବତ ପଠନ ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଅବସରରେ ଭାଗବତ ମନ୍ଦିରର ରତ୍ନମୁଦ ସ୍ଥାପନ କରାଯାଇଛି । ରାଜା ନାଏକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ । ମୁନି ମେହେର ଓ ମିତା ମେହେର କର୍ତ୍ତା ଥିବା ନିରଞ୍ଜନ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।

## କୃଷି ବୈଜ୍ଞାନିକଙ୍କ ଅର୍ଗାନିକ୍ ଫାର୍ମ ପରିଦର୍ଶନ

**ବୌଦ୍ଧ, ୨୮ ।୩(ସମିସ):** ହରଭଙ୍ଗା ବ୍ଲକ ଗୁଡପଡ଼ା ଗ୍ରାମର ମନୋଜ ପ୍ରଧାନଙ୍କ ଅର୍ଗାନିକ ଫାର୍ମକୁ ଏକ ବୈଜ୍ଞାନିକ ଗୋଷ୍ଠୀ ପରିଦର୍ଶନ କରିଛନ୍ତି । ଶ୍ରୀ ପ୍ରଧାନ ନିଜ ପୋଖରୀରେ କରିଥିବା ଉନ୍ନତ ପ୍ରଣାଳୀରେ ମାଛ ଚାଷ ଓ ସମ୍ବନ୍ୱିତ ଚାଷକୁ ଏମାନେ ପରିଦର୍ଶନ କାରିଛନ୍ତି । ବଲାଙ୍ଗୀର ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ, ସୋନପୁର ଜିଲ୍ଲାର ଡ. ତ୍ରିନାଥ ଖଣ୍ଡାୟତ, ବରଗଡ଼ ଜିଲ୍ଲାର ଡ. ସସ୍ମିତା ସାହୁ, ଅନୁଗୁଳ ଜିଲ୍ଲାର ଡ. ଧରିତ୍ରୀ ପାତ୍ର, ବୌଦ୍ଧ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତପନ ଦାସଙ୍କ ସମେତ ୬ଟି ଜିଲ୍ଲାର ବୈଜ୍ଞାନିକ ଓ ଫାର୍ମ ମ୍ୟାନେଜରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ପରିଦର୍ଶନରେ ସାମିଲ ହୋଇଥିଲେ ।

# କପା ବିକି ଫସିଗଲେ ୨୯ ଚାଷୀ



**୫ ମାସ ହେବ ଟଙ୍କା ମିଳୁନି, ଶେଷରେ ଥାନାର ଦ୍ୱାରସ୍ଥ**

**ଓଲଟା ଗାଳିଗୁଲଜ, ଜାତିଆଣ ଆକ୍ଷେପ ଓ ହତ୍ୟା ଧମକ**

**୫ ଦିନ ଭିତରେ ଟଙ୍କା ନ ଗଣିଲେ ବନ୍ଧାହେବା ଥୟ**

**ଧର୍ମଗଡ଼, ୨୮ ।୩(ସମିସ)**

ଗୋଲାମୁଣ୍ଡା ଥାନା ଧାମନପୁର ପଞ୍ଚାୟତ କୁଳିହାରୀଗୁଡା ଗ୍ରାମର ୨୯ ଜଣ କପା ଚାଷୀ ଠକାମୀର ଶିକାର ହୋଇଛନ୍ତି । ଏ ନେଇ ସେମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସୀତାରାମ ଅଧିକାରୀ ନାମକ ଜଣେ ବ୍ୟକ୍ତି କୁଇଣ୍ଟାଲ ପ୍ରତି ୬୨୦୦ରେ କପା ନେଇ ଠକି ଦେଇଛନ୍ତି । ୨୩ ।୧୦ ।୨୦୨୪ରୁ ସେ ଚାଷୀଙ୍କଠାରୁ କପା କିଣିଥିଲେ ବି ଏ ପର୍ଯ୍ୟନ୍ତ ଟଙ୍କା ଦେଇ ନାହାନ୍ତି । ଟଙ୍କା ମାଗିବାରୁ ସେ ଗାଳିଗୁଲଜ ସହ ଜାତିଆଣ ଆକ୍ଷେପ କରି ହତ୍ୟା ଧମକ ଦେଉଛନ୍ତି । ଏ ନେଇ ଚାଷୀ କେଶବ ମାଝୀ, ଅମର ମାଝୀ, ମାଧବ ମାଝୀ, ଲାଲୁପ୍ରସାଦ ମାଝୀ, ପ୍ରତିମା ମାଝୀ, ଲଛମନ ଗଇନ୍ଦା, ଧନୁର୍ଦ୍ଧର ନାଏକ, ବିରଞ୍ଚି ମାଝୀ, ଅମ ମାଝୀ, ଓମକାର ମାଝୀ, ଲଳିତା ନାଏକ, ଲକ୍ଷ୍ମୀ ନାଏକ, ଜଗନ୍ନାଥ ବିଶି, ନୂଆଖାଉ ତାଣ୍ଡି, କୁନୁ ମାଝୀ, ଟିକେମଣି ନାଏକ, କ୍ଷୀରସିନ୍ଧୁ ନାଏକ, ଡମ୍ବରୁ ମାଝୀ, ରାକେଶ ଲହଜଲ, ଅନନ୍ତ ନାଏକ, କୋମଳସିଂ ନାଏକ, ପ୍ରଦୀପ ଗଇନ୍ଦା, ସୁବୋଧ ଗଇନ୍ଦା, ରୋହିତ ଗଇନ୍ଦା, ଗିରିଧାରୀ ଛତରିଆ, ଭାସ୍କର ମାଝୀ, ରସିକ ମାଝୀ, କ୍ଷେତ୍ରମୋହନ ଗଇନ୍ଦା ପ୍ରମୁଖ କପାଚାଷୀ ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି । ତେବେ ୫ ଦିନ ଭିତରେ ଚାଷୀଙ୍କ ପଇସା ନ ଦଲେ ସୀତାରାମ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି କହିଛନ୍ତି ।

■ **ଘର ଭିତରେ ପଶିଗଲା ହାଇୱା**

## ଅଳ୍ପକେ ବର୍ତ୍ତିଲେ ପରିବାରର ୬ଜଣ

**ଜଣେ ଗୁରୁତର**

**ଭବାନୀପାଟଣା, ୨୮ ।୩(ସମିସ):** ବେପରୁଆ ଟ୍ରକ୍ ଚାଳନା ଯୋଗୁଁ ଗୋଟିଏ ଘର ଭିତରେ ଏକ ହାଇୱା ପଶି ଯାଇଛି । ଏଥିରେ ସୌଭାଗ୍ୟକୁ ଗୋଟିଏ ପାରିବାରର ୬ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘରଟି କିନ୍ତୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । କଳାହାଣ୍ଡି ସଦର ଥାନା ଲିମପଡ଼ା ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ଦେପୁର ଓ ପାଷ୍ଟିକୁଡ଼ି ଛକକୁ ସଂଯୋଗ କରୁଥିବା ରାସ୍ତାର ଲିମପଡ଼ା ଗାଁରେ ଅଚାନକ ଏକ ହାଇୱା ରାସ୍ତା କଡ଼ରେ ଥିବା ମାନସ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶି ଆସିଥିଲା । ଘରର କାନ୍ଥ, ଆଜବେଷ୍ଟସ ଭାଙ୍ଗିଯିବା ସହ ଘରେ ଥିବା ସମସ୍ତ ଆସବାବପତ୍ର ଭାଙ୍ଗି ଯାଇଛି । ଘର ଭିତରେ ଶୋଇଥିବା ଏକ ଛୋଟ ଶିଶୁଙ୍କ ସମେତ ୬ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମାନସଙ୍କ ମୁଣ୍ଡରେ ଆଘାତ ଲାଗିଛି ତାଙ୍କୁ ପ୍ରଥମେ ଭବାନୀପାଟଣା ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଏହି ପରିବାର ବେଘର ହୋଇଯାଇଛନ୍ତି । ସଦର ଥାନ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।



## ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ



**ଭବାନୀପାଟଣା, ୨୮ ।୩ (ସମିସ):** ବଜ୍ରାପାତରେ ପ୍ରାଣ ହରାଇଥିବା ଜଣେ ଗ୍ରାହକଙ୍କ ପରିବାରକୁ ବେହେରା ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ବାବଦର ଟଙ୍କା ପ୍ରଦାନ କରାଯାଇଛି । ଗତ ବର୍ଷ ମେ ମାସ ୨୯ ତାରିଖ ଦିନ ଧର୍ମଗଡ଼ ବ୍ଲକ ଧଅଁରପୁର ପଞ୍ଚାୟତ ତେନ୍ତୁଳିପଡ଼ା ଗ୍ରାମର ଚନ୍ଦ୍ର ଚନ୍ଦନ ଓ ଫୁଲମତୀ ଚନ୍ଦନଙ୍କ ପୁଅ କାମନ୍ତ ଚନ୍ଦନ (୨୮)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି । ସେ ସେ ରାଜମିସ୍ତ୍ରି ଭାବରେ କାମ କରୁଥିଲେ । ଘଟଣାଦିନ ଘଡ଼ଘଡ଼ି ହେବା ସହ ବର୍ଷାକୁ ଦେଖି ଗୋଟିଏ ଗଛ ତଳେ ଠିଆ ହୋଇଥିଲେ । ଏହି ସମୟରେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ତାଙ୍କ ବାପା ଚନ୍ଦ୍ର ଚନ୍ଦନଙ୍କୁ ବ୍ୟାଙ୍କ ପକ୍ଷରୁ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ବେହେରା ସରପଞ୍ଚ କୁମୁଦିନୀ ଗଇଁତା, ଶାଖା ପରିଚାଳକ ଦେବାଶିଷ ଜେନା, ବ୍ୟାଙ୍କ ସହକାରୀ ପ୍ରକାଶ ଠାକୁରଙ୍କଠାରୁ ତାଙ୍କ ବାପା ଚେକ୍ ପାଇଛନ୍ତି । ସୂଚନଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବାର୍ଷିକ ମାତ୍ର ୨୦ ଟଙ୍କା ପ୍ରିମିୟମ କଟିଥାଏ । ଦୁର୍ଘଟଣା ଯୋଗୁଁ ମୃତ୍ୟୁ କିମ୍ବା ସମ୍ପୂର୍ଣ୍ଣ ଅକ୍ଷମ ହେଲେ ୨ ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମ ହେଲେ ୧ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରାଯାଇଥାଏ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଉତ୍ସାହିତ ଦଳୀୟ ନେତା, କର୍ମୀ




**ଭବାନୀପାଟଣା, ୨୮ ।୩ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଥର ପାଇଁ ରବିବାର କଳାହାଣ୍ଡି ଆସୁଛନ୍ତି । ଭବାନୀପାଟଣାସ୍ଥିତ କ୍ରିଷ୍ଣା ନଗର ପଡ଼ିଆରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ସେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ର ଶୁଭାରମ୍ଭ କରିବେ । ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ଯୋଗୁଁ ଜିଲ୍ଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟର ଉତ୍ସାହ ଦେଖିବାକୁ ମିଳିଛି । ଭବାନୀପାଟଣାସ୍ଥିତ ଏକ ହୋଟେଲରେ କଳାହାଣ୍ଡି ଜିଲ୍ଲା ଭାଜପା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଜିଲ୍ଲା ଭାଜପା ସଭାପତି ଯୁଗଳ କିଶୋର ପୋଢ଼ ଅଧ୍ୟକ୍ଷତା କରିଥିଲେ । ଏଥିରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ଜିଲ୍ଲା ସଭାପତି ଉଦେନ୍ଦ୍ର ପଣ୍ଡା, ଆର୍ତ୍ତତ୍ରାଣ ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ ।

## ନବକୁଣ୍ଡୀୟ ମହାବିଷ୍ଣୁଯଜ୍ଞ ଲାଗି କଳସ ଯାତ୍ରା



**କୋକସରା, ୨୮ ।୩ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସାନପୋଡାଗୁଡାରେ କାଳୀକୃଷ୍ଣ ସଂଘର ୪୨ତମ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାବିଷ୍ଣୁଯଜ୍ଞ ଆରମ୍ଭ ହୋଇଛି । ଏହି କ୍ରମରେ ଶୁକ୍ରବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ଅଞ୍ଚଳରୁ ମହିଳା ଓ ଯୁବତୀମାନେ ଯଜ୍ଞ ମଣ୍ଡପ ନିକଟରୁ ୩୫୧ଟି କଳସ ଧାରଣ କରି ସ୍ଥାନୀୟ ତଳବନ୍ଧ (ପୋଖରୀ)ରେ ପହଞ୍ଚିଥିଲେ । ସେଠାରେ ପୂଜାର୍ଚ୍ଚନା କରି ଜଳପୂର୍ଣ୍ଣ କଳସ ଧରି ବିରାଟ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ସମୟରେ ସଂକୀର୍ତ୍ତନ ଦଳ, ପଞ୍ଚବାଦ୍ୟ ସହ ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ହୋଇଥଲେ । ଅଞ୍ଚଳରେ ଆଧମିକ ପରିବେଶ ସୃଷ୍ଟି ହୋଇଛି । ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ପ୍ରତ୍ୟହ ମନ୍ତ୍ରଦୀକ୍ଷା, ବ୍ରତୋପନୟନ, କୁଣ୍ଡାବୋରୀ, ମୁଣ୍ଡନ, ଅନ୍ନପ୍ରାଶନ ଆଦି ସଂସ୍କାର କାର୍ଯ୍ୟ ରହିଛି । ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ସହ ପ୍ରବଚନ କାର୍ଯ୍ୟକ୍ରମ ମଧ୍ୟ ରହିଛି । ସଦଗୁରୁ ଦେବ ସ୍ୱାମୀ ସତ୍ୟାନନ୍ଦ ମାହାରାଜଙ୍କ ନିର୍ଦ୍ଦେଶ କ୍ରମେ ସଂଘ ପରିଚାଳକ ଜଗଦାନନ୍ଦ ଜୀଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ କାର୍ଯ୍ୟ ପରିଚାଳିତ ହେଉଛି । ଜଜମାନ ସଂଘର ସଭାପତି ସଞ୍ଜୟ ପଣ୍ଡା ଓ ସଂଘର ବେଦବ୍ରହ୍ମଙ୍କ ତତ୍ତ୍ୱାବଧାନରେ ଆଚାର୍ଯ୍ୟମାନେ କଳସ ଯାତ୍ରା ପୂଜନ ପରିଚାଳନା କରିଥିଲେ । କଳସ ଯାତ୍ରାରେ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ଶାଖାରୁ ଶିଷ୍ୟ ଓ ଶ୍ରଦ୍ଧାଳୁଙ୍କ ସମେତ ଆଖପାଖ ଅଞ୍ଚଳର ଶହସ୍ରାଧିକ ଲୋକେ ସାମିଲ ହୋଇଥିଲେ । ସାନପୋଡାଗୁଡା କାଳୀକୃଷ୍ଣ ସଂଘ ତଥା ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞକାର୍ଯ୍ୟ ଆୟୋଜନ ହେଉଛି । ଆସନ୍ତା ୩୧ ମାର୍ଚ୍ଚରେ ଯଜ୍ଞ ସମାପନ ହେବ ।

## ଅଭିଭାବକ ଓ ଶିକ୍ଷକ ବୈଠକ

**କେସିଙ୍ଗା, ୨୮ ।୩ (ସମିସ):** କେରୋକୁଡା ଏବଂ ଅଧମୁଣ୍ଡା ଆଶ୍ରମ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । କେରୋକୁଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ ସାହୁ ଏବଂ ଅଧମୁଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶତ୍ରୁଜିତ ପତି ଅଧକ୍ଷତା କରିଥିଲେ । କେରୋକୁଡା ଆଶ୍ରମ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଗାଇଗାଁ ସରପଞ୍ଚ ଲେମ୍ବୁବତୀ ଶବର ଏବଂ ଗୋଷ୍ଠୀ ମଙ୍ଗଳ ଅଧିକାରିଣୀ ଭୁମିସୁତା ମାଝୀ, ସ୍କୁଲ ସଭାପତି ଘୁଟୁ ଦୁର୍ଗା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସେହିପରି ଅଧମୁଣ୍ଡା ଆଶ୍ରମ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନା ନାଏକ, ସ୍କୁଲ କମିଟି ସଭାପତି କମ୍ବୁପାଣି ଚନ୍ଦନ, ଶଶୀଧର ନାଏକ, ଗଗନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । କେରୋକୁଡା ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଉପେନ୍ଦ୍ର ସା ଏବଂ ଅଧମୁଣ୍ଡା ଆଶ୍ରମ ବିଦ୍ୟାଳୟରେ ଛାତ୍ରୀ ଅନିତା ମାଝୀ, ପ୍ରମିଳା ଭୋଇ ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ ।

## ବୌଦ୍ଧରେ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ବିରୋଧ ପ୍ରଦର୍ଶନ



**ବୌଦ୍ଧ, ୨୮ ।୩(ସମିସ):** ୱାକଫ୍ ଆଇନରେ ସଂଶୋଧନ କରିବାକୁ ଭାରତ ସରକାର ଏକ ବିଲ୍ ଆଣିଛନ୍ତି । ଏହାକୁ ନେଇ ସମଗ୍ର ଦେଶରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ବିରୋଧ କରାଯାଉଛି । ସ୍ଥାନେ ସ୍ଥାନେ ଏହି ବିଲ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ମଧ କରାଯାଉଛି । ବୌଦ୍ଧ ଜିଲ୍ଲାର ମଧ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଜାମିୟା ମସଜିଦଠାରେ ବିରୋଧ କରାଯାଇଛି । ଅବଦୁଲ କଲିମ୍ ଖାନ୍‌ଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରାଯାଇଛି । ସମସ୍ତେ ହାତରେ କଳା କପଡ଼ା ବାନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମସଜିଦର ଇମାମ୍ ସାହାବୁଦ୍ଦିନ ଖାନ୍, ଅବଦୁଲ ମହସିନ ଖାନ୍, ଜାହିର ଖାନ୍, ସର୍ଫୁଦ୍ଦିନ ଖାନ୍, ନିୟାଜ୍ ହୁସେନ, ମହମ୍ମଦ ସଫିୟୁଲ, ନିଯାର ଖାନ୍, ନିଉଦ୍ଦିନ ଖାନ୍, ଜୁମନ୍ ଖାନ୍, ସେକ ସାହିଲ, ସେକ ଅମନ୍, ଲିଆକତ ଅଲ୍ଲୀଙ୍କ ସମେତ ଶତାଧିକ ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ ।

## ନାମଯଜ୍ଞ ଉଦ୍‌ଯାପିତ

**ଧର୍ମଗଡ଼, ୨୮ ।୩(ସମିସ):** ଧର୍ମଗଡ଼ ବ୍ଲକ ଭରୁଆମୁଣ୍ଡାରେ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ପରୀକ୍ଷିତ ବାଗ ଓ ଦେବକୀ ବାଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଜ୍ୟୋତିର୍ବିଦ ଭୁପେଶ ତିୱାରୀ, ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, ପ୍ରଶାନ୍ତ ତିୱାରୀ ଓ ମିଥିଲେଶ ତିୱାରୀ, ଧ୍ରୁବ ତିୱାରୀ ପୂଜକାର୍ଯ୍ୟ ସମ୍ପାଦନ କରିଥିଲେ । ଜମ୍ଭଧର ବାଗ, ଭାରତ ନିଏଲ, ହୀରାଲାଲ ନିଏଲ୍, ଲମ୍ବୋଦର ନିଏଲ, ମହେଶ ବାଗ, ଥବୀର ଚନ୍ଦନ, ଗୌରଚନ୍ଦ୍ର ବାଗ, କୃଷ୍ଣ ବାଗ ପ୍ରମୁଖ ସହଯୋଗ କରିଥିଲେ ।

## 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ



**କେସିଙ୍ଗା, ୨୮ ।୩ (ସମିସ):** କାଣ୍ଡେଲ ସରକାରୀ ହାଇସ୍କୁଲ ପକ୍ଷରୁ ବେଟି ପଢ଼ାଓ ବେଟି ବଚାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହା ଏଥିରେ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ମାଧବ ମହଲା ଅତିଥି ଭାବେ ଯୋଗ ଦେଇଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧର୍ମଗଡ଼, ୨୮ ।୩(ସମିସ):** ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ପଞ୍ଚାୟତ ପଦ୍ମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନନ୍ତରାମ ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଲଳିତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନି ମାଝୀ, ପଦ୍ମକିଶୋର ନାଏକ, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, କ୍ଷେତ୍ରମୋହନ ମାଝି, ଆଶିଷ ପ୍ରଧାନୀ, ବେଣୁଧର ନାଏକ, ଲୋକେଶ ପରି, ଅଜିତ ପଣ୍ଡା, ପ୍ରଧାନ ଶିକ୍ଷକ ଆଶିଷ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ନୀଳାମ୍ବର ପୋଡ ପରିଚାଳନା କରିଥିବା ବେଳେ ଶିକ୍ଷକ ଆଶିଷ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' ଡୁକୁରୀ ଲୋକ ମହୋତ୍ସବ ଉଦ୍‌ଘାଟିତ



**ମ.ରାମପୁର, ୨୮ ।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ମାଣିକେରା ପଞ୍ଚାୟତ ଟାପରେଙ୍ଗ ଗଡ଼ରେ ମାଁ ଡୁକୁରୀ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମା' ଡୁକରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆଜ୍ଞା ନେଇ ମଞ୍ଚରେ ସ୍ଥାପନ ହେଇଥିଲା । ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଡ, କୌତୁକ ପଦର, ସମ୍ମାନୀତ ଅତିଥି ଭାବେ ବିକାଶ ରଞ୍ଜନ ସିଂହଦେଓ, ମାଣିକେରା ସରପଞ୍ଚ ଫଗନୁ ପାତ୍ର, ଦେଢ଼ଗୁଳୀ ପଞ୍ଚାୟତର ସମିତି ସଭ୍ୟ ଜଙ୍ଗସେନ ପଣ୍ଡା, ମାଣିକେରା ସମିତି ସଭ୍ୟା ରାଜ କୁମାରୀ ସୁନା, ନୁନପୁର ସମିତି ସଭ୍ୟ ତ୍ରିନାଥ ଜାନୀ, ନବୀନ ପଧାନ, ଯୋଗେନ୍ଦ୍ର ସେନାପତି, ରଘୁନାଥ କମୁରା, ଉପିନ୍ଦ୍ର କୁମୁରା, ଶଙ୍କର ସୁନା ପ୍ରମୁଖ ଉପସ୍ଥିତ ଥିଲେ । ଯୋଗେନ୍ଦ୍ର ଧରୁଆ ସଭାପତିତ୍ୱ କରିଥିଲେ । ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ । ହିମାଂଶୁ କୁମରା ସ୍ୱାଗତ ଭାଷଣ ଦେଇଥିଲେ ।

# ଶାସ୍ତ୍ରୀଜୀ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୮ ।୩ (ସମିସ)**




ଚକ୍ରଧର ନଗରସ୍ଥିତ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ତ୍ରୟୋଦଶ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଶାସନିକ ଅଧିକାରୀ ସୌମ୍ୟ ଶୁଭମ ପାଣି ମୁଖ୍ୟ ଅତିଥି, ଡା ଦୀନବନ୍ଧୁ ସାହୁ ମୁଖ୍ୟବକ୍ତା, ଡା ନିହାରେନ୍ଦ୍ର ପଣ୍ଡା, ପୁଲିସ ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକ, ଘରୋଇ ସ୍କୁଲ ଶିକ୍ଷକ ସଂଘ ସଭାପତି ଡ. ଶିବରାମ ନାୟକ, ଭବାନୀପାଟଣା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ମାଝୀ, ବିଦ୍ୟାଳୟ ଟ୍ରଷ୍ଟି ଅଧକ୍ଷା ନିହାରିକା ପୁରୋହିତ, ସମ୍ପାଦକ ଆଶୁତୋଷ ମୁଣ୍ଡ, କହ୍ନେଶ୍ୱର ପୁରୋହିତ, ସ୍ୱପ୍ନା ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ମୁକୁନ୍ଦ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ମଧୁସୂଦନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ଚିନ୍ମୟ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ । ଧରିତ୍ରୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଜ୍ଞାନମେଳା, ଗଣିତ ମେଳା, ଚିତ୍ରକଳା ପ୍ରଦର୍ଶନୀ, ସାହିତ୍ୟ ଘର, ଇଂରାଜୀ ଘର, କଳାହାଣ୍ଡି ପ୍ରକୋଷ୍ଠ ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡ ଦାଶରଥି ଆଚାର୍ଯ୍ୟ, ଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରମିଳା ମିଶ୍ର, ଶିକ୍ଷକ ଝସକେତନ ପ୍ରଧାନ, ବୋର୍ଡା ସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ, ବିଜ୍ଞାନ ଶିକ୍ଷକ ଅମରେଶ ନେଗୀ, ବିରଞ୍ଚିନାରାୟଣ ମୁଣ୍ଡ, ଗାଳ୍ପିକ ଦିଲେଶ୍ୱର ରଣା, ଗଣିତଜ୍ଞ ପ୍ରମୋଦ ସାହୁ, ବିଜ୍ଞାନ ଓ ଗଣିତ ଶିକ୍ଷକ ଚନ୍ଦନ ସାହୁ, ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

● କନିଷ୍ଠ ପୁରୁଷ ହକି ବିଶ୍ୱକପ୍

## ଚେନ୍ନଇ, ମଦୁରାଇକୁ ଆୟୋଜନ ଅଧିକାର

ଚେନ୍ନଇ, ୨୮ ।୩ (ଏଜେନ୍ସି): ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁର ଦୁଇ ପ୍ରମୁଖ ସହର ଚେନ୍ନଇ ଓ ମଦୁରାଇରେ ଆଗାମୀ ଏଫ୍ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ । ନଭେମ୍ବର ୨୮ ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଦୁଇ ସପ୍ତାହ ଧରି ଏହି ଦୁଇଟି ଭେନ୍ୟୁରେ ଏହି ସମ୍ମାନଜନକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ହକି ଇଣ୍ଡିଆ ପକ୍ଷରୁ ଭେନ୍ୟୁ ଘୋଷଣା ନେଇ ଶୁକ୍ରବାର ଏକ ବିବୃତିରେ କୁହାଯାଇଛି ।




ପୁରୁଷ କନିଷ୍ଠ ବିଶ୍ୱକପ୍‌ର ଏହା ହେବ ୧୪ତମ ସଂସ୍କରଣ। ଏଥିରେ ବିଶ୍ୱର ୨୪ ଗୋଟି ଦଳ ଅଂଶଗ୍ରହଣ କରିବେ। ଭାରତ କ୍ରମାଗତ ୪ର୍ଥଥର ଲାଗି ଏହି ସମ୍ମାନଜନକ ଇଭେଣ୍ଟକୁ ଆୟୋଜନ କରିବାର ସୁଯୋଗ ପାଇଛି। ପୂର୍ବରୁ ୨୦୧୩ରେ ନୂଆଦିଲ୍ଲୀ, ୨୦୧୬ରେ ଲକ୍ଷ୍ନୌ ଓ ୨୦୨୧ରେ ଏହା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ଆୟୋଜିତ ହୋଇଥିଲା । 'ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ଯେ ଆମେ ଏଫ୍ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ଅଧିକାର ହାସଲ କରିଛୁ' ବୋଲି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି। ଭାରତୀୟ ଦଳ ଦୁଇଥର କନିଷ୍ଠ ବିଶ୍ୱକପ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି । ୨୦୦୧ରେ ହୋବାର୍ଟ ସଂସ୍କରଣରେ ଭାରତ ପ୍ରଥମଥର ଟାଇଟଲ୍ ଜିତିଥିଲା । ଏହାପରେ ୨୦୧୬ରେ ଘରୋଇ ମାଟିରେ ଟାଇଟଲ୍ ହାସଲ କରିବାରେ ସଫଳ ହୋଇଥିଲା ।

## ଆଫଗାନିସ୍ତାନର ନୂଆ ହୋମ୍ ଭେନ୍ୟୁ ଆବୁଧାବି

ଆବୁଧାବି,୨୮ ।୩ (ଏଜେନ୍ସି): ଆସନ୍ତା ୫ ବର୍ଷ ଲାଗି ୟୁଏଇର ଆବୁଧାବି କ୍ରିକେଟ ଆଣ୍ଡ ସ୍ପୋର୍ଟ୍ସ ହବ୍ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ନୂଆ ଭେନ୍ୟୁ ହେବ । ଏଥିଲାଗି ଉଭୟ ପକ୍ଷଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ୍ ହୋଇଛି । ରାଜନୈତିକ ଅସ୍ଥିରତା ଲାଗି ଆଫଗାନିସ୍ତାନ ଘରୋଇ ମାଟିରେ କ୍ରିକେଟ ଖେଳିବାକୁ ସମର୍ଥ ହେଉନାହିଁ। ଏଥିଲାଗି ବିଭିନ୍ନ ସ୍ଥାନରେ ଆଫଗାନିସ୍ତାନ କ୍ରିକେଟ ଖେଳୁଛି। ଏହା ପୂର୍ବରୁ ଉତ୍ତର ପ୍ରଦେଶର ନଏଡାରେ ଆଫଗାନିସ୍ତାନର ହୋମ ଭେନ୍ୟୁ ଥିଲା । ଏହି ଦେଶ ଡେରାଡୁନ୍, ଲକ୍ଷ୍ନୌ, ଗ୍ରେଟର ନଏଡ଼ା ଓ ୟୁଏଇରେ ଘରୋଇ ମ୍ୟାଚ୍ ଖେଳୁଥିଲା । ଏମିରେଟ୍ସ କ୍ରିକେଟ ବୋର୍ଡ ତାହାର କ୍ରିକେଟ ଭିତ୍ତିଭୂମି ଆଫଗାନିସ୍ତାନ କ୍ରିକେଟ ଟିମ୍‌କୁ ଯୋଗାଇଦେବାକୁ ରାଜି ହେବା ପରେ ଏହି ଦଳ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରିବ ବୋଲି ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ନସୀବ୍ ଖାନ୍ କହିଛନ୍ତି ।

● ପ୍ରଭାତ ମେମୋରିଆଲ୍ ଟି-୨୦

## ଫାଇନାଲରେ ଗଙ୍ଗପଡ଼ା

ଭୁବନେଶ୍ୱର, ୨୮ ।୩ (ସମିସ): ତମାଣ୍ଡୋ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଭାତ ମେମୋରିଆଲ୍ ଟି- ୨୦ କ୍ରିକେଟ୍‌ରେ ଦ୍ୱିତୀୟ ଦଳ ଭାବେ ଗଙ୍ଗପଡ଼ା ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଅନୁଷ୍ଠିତ ୨ୟ ସେମିଫାଇନାଲରେ ଗଙ୍ଗପଡ଼ା ଆୟୋଜକ ତମାଣ୍ଡୋ ଦଳକୁ ୧୧୬ ରନରେ ପରାସ୍ତ କରିଥିଲା ।



ପ୍ରଥମେ ବ୍ୟାଟିଂ କରି ଗଙ୍ଗପଡ଼ା ୨୦ ଓଭରରେ ୬ ୱିକେଟ୍ ହରାଇ ୨୬୧ ରନ କରିଥିଲା । ଦଳ ପକ୍ଷରୁ ମହେଶ୍ୱର ସେନାପତି ୫୦ ଓ ଶୁଭେନ୍ଦୁ ପ୍ରଧାନ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଜବାବରେ ତମାଣ୍ଡୋ ଦଳ ପ୍ରଦୀପ ରାଉତଙ୍କ ୫୪ ରନ ସତ୍ତ୍ୱେ ୧୪.୨ ଓଭରରେ ୧୪୫ ରନରେ ସୀମିତ ରହିଥିଲା । ବିଜୟୀ ଗଙ୍ଗପଡ଼ାର ରଶ୍ମୀରଞ୍ଜନ ଜେନା ଓ ମୃତ୍ୟୁଞ୍ଜୟ ମାନସିଂ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ବିଶ୍ୱଜିତ୍ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ମୃତ୍ୟୁଞ୍ଜୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଯଦୁପୁର ଓ ଗଙ୍ଗପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ।


ଆଇପିଏଲ୍ ୧୮

# ଆରମ୍ଭରୁ ନବାଗତଙ୍କ ଚମକ

ନୂଆଦିଲ୍ଲୀ,୨୮ ।୩ (ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୮ତମ ସଂସ୍କରଣ ଧମାକାଦାର ଭାବେ ଆରମ୍ଭ ହୋଇଛି। ଏହା ମଧ୍ୟରେ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ୫ଟି ଯାକ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିସାରିଛନ୍ତି । ଏହି ୫ଟି ମ୍ୟାଚ୍‌ରେ ବ୍ୟାଟରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ପ୍ରଥମଥର ପ୍ରଥମ ୫ଟି ମ୍ୟାଚ୍‌ରେ ଓଭର ପ୍ରତି ହାରହାରି ରନ୍ ସଂଗ୍ରହ ୧୦ରୁ ଅଧିକ ହୋଇଛି। ଏହି ୫ଟି ମ୍ୟାଚ୍‌ରେ ଛକା ସଂଖ୍ୟା ପୂର୍ବାପେକ୍ଷା ୩୭ ଶତକଡ଼ା ବୃଦ୍ଧି ପାଇଛି। ଏହି ୧୦ଟି ଇନିଂସରେ ୧୦ଟି ଇନିଂସରୁ ୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଛି। ସବୁଠାରୁ ବଡ଼ କଥା ହେଉଛି ରାଜସ୍ଥାନ ରୟାଲ୍ସ ପକ୍ଷରୁ ଜଣେ ଯୁବ ଖେଳାଳି ରିୟାନ ପରାଗ ଦଳର ନେତୃତ୍ୱ ନେଇଛନ୍ତି। ବିରାଟ କୋହଲି, ଷ୍ଟିଭେନ ସ୍ମିଥ ଓ ସୁରେଶ ରାଇନାଙ୍କ ପରେ ସେ ଚତୁର୍ଥ ସର୍ବକନିଷ୍ଠ ଆଇପିଏଲ୍ ଅଧିନାୟକ ହୋଇଛନ୍ତି। ଏହି ଧାରାରେ ପ୍ରଥମ ୫ଟି ମ୍ୟାଚ୍‌ରେ ୭ଜଣ ଭାରତୀୟ ଖେଳାଳି ଆଇପିଏଲ୍‌ରେ ଡେବ୍ୟୁ କରିଛନ୍ତି। ଏମାନଙ୍କ ମଧ୍ୟରୁ ୪ଜଣ ସେମାନଙ୍କ ଡେବ୍ୟୁ ମ୍ୟାଚ୍‌ରେ ପ୍ରଦର୍ଶନକୁ ସ୍ମରଣୀୟ କରିପାରିଛନ୍ତି। ଏମାନଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସର ବାମହାତୀ ସ୍ପିନର ଭିଗ୍ନେସ ପୁଥୁର, ଦିଲ୍ଲୀ କ୍ୟାପିଟାଲ୍ସର ଅଲରାଉଣ୍ଡର ବିପରାଜ ନିଗମ ଓ ଦିବେଶ ସିଂ ରାଠୀ, ପଞ୍ଜାବ କିଙ୍ଗ୍‌ସର ପ୍ରିୟାଂଶ ଆର୍ଯ୍ୟ। ଏମାନଙ୍କ ପ୍ରଦର୍ଶନ ଯେ କୌଣସି ପ୍ରତିଷ୍ଠିତ ଖେଳାଳିଙ୍କଠାରୁ କମ୍ ନୁହେଁ ବୋଲି ଆଲୋଚନା ହେଉଛି।

### ବିଗ୍ନେଶ ପୁଥୁର
(ମୁମ୍ବାଇ ଇଣ୍ଡିଆନ୍ସ)

କେରଳର ୨୫ ବର୍ଷୀୟ ବାମହାତୀ ସ୍ପିନର ବିଗ୍ନେଶ ପୁଥୁର ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଛନ୍ତି । ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ



ସେ ଋତୁରାଗ ଗାଏକ୍‌ୱାଡ୍, ଶିବମ ଦୁବେ ଓ ଦୀପକ ହୁଡାଙ୍କ ୱିକେଟ ଅକ୍ତିଆର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ମ୍ୟାଚ୍‌ରେ ତାଙ୍କ ବୋଲିଂକୁ ଖେଳିବା ଚେନ୍ନାଇ ବ୍ୟାଟରଙ୍କ ଲାଗି କଷ୍ଟକର ହୋଇଥିଲା। କେରଳ ଟି-୨୦ ଲିଗ୍‌ରେ ଆଲେପ୍ପି ରିପଲ୍ସ ପକ୍ଷରୁ ମାତ୍ର ୩ଟି ମ୍ୟାଚ୍ ଖେଳି ୨ଟି ୱିକେଟ ନେଇଥିଲେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସର କର୍ମକର୍ତ୍ତାମାନେ ତାଙ୍କ ପ୍ରଦର୍ଶନରେ ଆକୃଷ୍ଟ ହୋଇଥିଲେ। ତାଙ୍କୁ ଟ୍ରାଏଲ୍ସକୁ ଡକାଯାଇଥିଲା ଓ ପରେ ଦଳରେ ସାମିଲ ହୋଇଥିଲେ । ଜଣେ ଅଟୋ ଡ୍ରାଇଭରଙ୍କ ପୁଅ ହୋଇଥିଲେ ମଧ୍ୟ କ୍ରିକେଟ ଖେଳ ପ୍ରତି ଥିବା ଆଗ୍ରହ ତାଙ୍କୁ ଏତେବାଟ ନେଇ ଆସିଛି। ୩୦ ଲକ୍ଷ ଟଙ୍କା ବିନିମୟରେ ସେ ମୁମ୍ବାଇ ଦଳରେ ସାମିଲ ହୋଇଛନ୍ତି ।

### ବିପରାଜ ନିଗମ
(ଦିଲ୍ଲୀ କ୍ୟାପିଟାଲ୍ସ)



ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ବିପକ୍ଷରେ ଦିଲ୍ଲୀକୁ ମ୍ୟାଚ୍ ଜିତାଇବାରେ ଆଶୁତୋଷ ଶର୍ମାଙ୍କୁ ହିରୋ ସାବ୍ୟସ୍ତ କରାଯାଉଛି। କିନ୍ତୁ ଏହି ମ୍ୟାଚ୍‌ରେ ମାତ୍ର ୧୫ଟି ବଲ୍‌ରୁ ୩୯ ରନ୍ କରି ଖେଳର ଗତିପଥ ବଦଳାଇଦେଇଥିବା ଅଲରାଉଣ୍ଡର ବିପରାଜ ନିଗମଙ୍କ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଛି । ଉତ୍ତରପ୍ରଦେଶ ପକ୍ଷରୁ ୩ଟି ପ୍ରଥମଶ୍ରେଣୀ, ୫ଟି ଲିଷ୍ଟ-ଏ (ଦିନିକିଆ) ଓ ୭ଟି ଟି-୨୦ ମ୍ୟାଚ୍ ଖେଳିଥିବା ଏହି ଲେଗ୍ ସ୍ପିନରଙ୍କୁ ଦିଲ୍ଲୀ ୫୦ ଲକ୍ଷ ଟଙ୍କା ବିନିମୟରେ ଦଳରେ ସାମିଲ କରିଛି। ବୋଲିଂରେ ସେ ୩୫ ରନ୍‌ରେ ଗୋଟିଏ ୱିକେଟ ନେଇଥିଲେ। କିନ୍ତୁ ବ୍ୟାଟିଂରେ ତାଙ୍କର କ୍ଲିନ୍ ହିଟ୍ ସମସ୍ତଙ୍କୁ ଆକୃଷ୍ଟ କରିଛି। ୟୁପି ଟି-୨୦ ଲିଗ୍‌ରେ ସେ ୧୧ଟି ଇନିଂସରେ ୨୦ଟି ୱିକେଟ ନେଇଛନ୍ତି। ବୋଲିଂରେ ନ ହେଲେ ମଧ୍ୟ ବ୍ୟାଟିଂରେ ତାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ହୋଇପାରିଛି।

### ଦିବେଶ ରାଠୀ
(ଦିଲ୍ଲୀ କ୍ୟାପିଟାଲ୍ସ)

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସର ଆଉଜଣେ ସ୍ପିନର ଦିବେଶ ରାଠୀ ଡେବ୍ୟୁ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ଦିଲ୍ଲୀ ଅଧିନାୟକ



ଅକ୍ଷର ପଟେଲ ଓ ବିପଜ୍ଜନକ ସାବ୍ୟସ୍ତ ହେଉଥିବା ବିପରାଜ ନିଗମଙ୍କୁ ଆଉଟ କରିଥିଲେ। ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ ସୁପରଷ୍ଟାର୍ଜ ପକ୍ଷରୁ ଚଳିତବର୍ଷ ଖେଳି ସେ ୧୪ଟି ୱିକେଟ ନେଇଥିଲେ। ବିଶେଷକରି ସେ ଅଧିନାୟକ ଆୟୁଷ ବଦୋନୀଙ୍କ ଟ୍ରମ୍ପକାର୍ଡ ସାଜିଥିଲେ। ଏହି ପ୍ରଦର୍ଶନ ଯୋଗୁଁ ତାଙ୍କୁ ସିନିୟର ଟିମ୍‌ରେ ସାମିଲ କରାଯାଇଥିଲା ଓ ସେ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୩ଟି ମ୍ୟାଚ୍ ଖେଳି ୫ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଏହି ୨୫ ବର୍ଷୀୟ ଖେଳାଳିଙ୍କୁ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ୩୦ ଲକ୍ଷ ଟଙ୍କା ବିନିମୟରେ ଦଳରେ ସାମିଲ କରିଛି ।

### ପ୍ରିୟାଂଶ ଆର୍ଯ୍ୟ
(ପଞ୍ଜାବ କିଙ୍ଗ୍‌ସ)

ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଗୋଟିଏ ଓଭରରେ ୬ଟି ଛକା ଓ ୫୦ ବଲ୍‌ରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏହି ୨୪ ବର୍ଷୀୟ ବାମହାତୀ



ଓପନର। ସୟଦ ମୁସ୍ତାକ ଅଲି ଟି-୨୦ରେ ମଧ୍ୟ ଦିଲ୍ଲୀର ଟପ୍ ସ୍କୋରର ହୋଇଥିଲେ। ଏହି ସଫଳତା ତାଙ୍କୁ ନିଲାମିରେ ଗୁରୁତ୍ୱ ମିଳିଥିଲା। ତାଙ୍କର ମୂଳ ମୂଲ୍ୟ ୩୦ ଲକ୍ଷ ଟଙ୍କା ହୋଇଥିଲେ ମଧ୍ୟ ପଞ୍ଜାବ କିଙ୍ଗ୍‌ସ ୩ କୋଟି ୮୦ ଲକ୍ଷ ଟଙ୍କାରେ କିଣିଥିଲା। ପ୍ରିୟାଂଶ ଗୁଜରାଟ ଟାଇଟାନ୍ସ ବିପକ୍ଷ ଡେବ୍ୟୁ ମ୍ୟାଚ୍‌ରେ ଇନିଂସ ଓପନ କରି ୨୩ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ୪୭ ରନ୍ କରିଥିଲେ। ଡେବ୍ୟୁରେ ପ୍ରିୟାଂଶଙ୍କ ବ୍ୟାଟିଂ ଯେ କୌଣସି ଅଭିଜ୍ଞ ଖେଳାଳିଙ୍କଠାରୁ ପରିପକ୍ୱ ହୋଇଥିଲା। ତାଙ୍କ ବ୍ୟାଟିଂ ଯୋଗୁଁ ପଞ୍ଜାବ ଭଲ ଆରମ୍ଭ କରିଥିଲା ଓ ଚଳିତ ଆଇପିଏଲ୍‌ରେ ଏହି ଖେଳାଳି ବେଶ ପ୍ରଭାବ ପକାଇବେ ବୋଲି ଡେବ୍ୟୁ ମ୍ୟାଚ୍‌ରୁ ସ୍ପଷ୍ଟ ସୂଚନା ଦେଇଛନ୍ତି।

ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ୍ ଟୁର୍ଣ୍ଣାମେଣ୍ଟ

## ସାଇରାଂଶଙ୍କୁ ଦ୍ୱିମୁକୁଟ




ଭୁବନେଶ୍ୱର,୨୮ ।୩(ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଏଆଇଟିଏ- ଓଟିଏ ଟ୍ୟାଲେଣ୍ଟ ସିରିଜ (ଟିଏସ୍୭) ୧୨ ଓ ୧୪ ବର୍ଷରୁ କମ୍ ବାଳକ ଟେନିସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମ ବଙ୍ଗର ସାଇରାଂଶ ଝା ଦ୍ୱିମୁକୁଟ ହାସଲ କରିଛନ୍ତି । ସେ ୧୪ ବର୍ଷରୁ କମ୍ ବାଳକ ଏକକ ଫାଇନାଲରେ ଓଡ଼ିଶାର ସୂର୍ଯ୍ୟାଂଶ ଥାଟୋଇଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ସେହିପରି ସେ ୧୪ ବର୍ଷରୁ କମ ବାଳକ ଯୁଗଳ ପ୍ରତିଯୋଗିତାରେ ନିଜ ରାଜ୍ୟର ଭିଭାନ ଗୁପ୍ତାଙ୍କୁ ସାଥିକରି ଫାଇନାଲରେ ଝାଡଖଣ୍ଡର ସମୟ ଆଗମନ ଓ ଓଡ଼ିଶାର ସେଖ୍ ସରିମ ନବାଜଙ୍କୁ ୬-୨, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଅନ୍ୟପଟେ ୧୨ ବର୍ଷରୁ କମ୍ ବାଳକ ଏକକରେ ଓଡ଼ିଶାର ସୂର୍ଯ୍ୟାଂଶ ଥାଟୋଇ ୬-୧, ୬-୨ ସେଟ୍‌ରେ ନିଜ ରାଜ୍ୟର ଦିବ୍ୟେଶ ବାରିକଙ୍କୁ ପରାସ୍ତ କରି ଟାଇଟଲ ଜିତିଛନ୍ତି। ଓଟିଏ ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅସିତ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଓଟିଏ ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ଉପସ୍ଥିତ ଥିଲେ। ଇତି ପ୍ରଧାନ ଟୁର୍ଣ୍ଣାମେଣ୍ଟ ରେଫରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ବିଜେତା ଓ ଉପ- ବିଜେତା ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‌ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ରାଜ୍ୟ ଯଥା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଆୟୋଜକ ଓଡ଼ିଶାର ୫୪ ଖେଳାଳି ଅଂଶଗ୍ରହଣ କରିଥିଲେ।

● ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ

## ୮ ପଦକ ସହ କିଟ୍ ଦ୍ୱିତୀୟ ରନର୍ସଅପ୍




ଭୁବନେଶ୍ୱର, ୨୮ ।୩ (ସମିସ): ଚଣ୍ଡିଗଡ଼ସ୍ଥିତ ସୁଖନା ଲେକ୍‌ରେ ଗତ ୨୧ ତାରିଖରୁ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିଅନସିପ୍‌ରେ କିଟ୍ ମହିଳା ଦଳ ୮ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି । ଯେଉଁଥିରେ ୨ଟି ସ୍ୱର୍ଣ୍ଣ ୩ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି। ଅଂଶିକା ଭାରତୀ ମହିଳା ୨ କିମି ଇଭେଣ୍ଟ ଏବଂ ଅବିନାଶ କୌର ଓ ଅରୁଣପ୍ରୀତ୍ କୌର ୫୦୦ ମିଟର ମହିଳା ଡବଲ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏଥିସହ କିଟ୍ ମହିଳା ଦଳ ପ୍ରତିଯୋଗିତାରେ ୨ୟ ରନର୍ସଅପ୍ ହେହାଇଛି ।

ଅର୍ଜୁନ ପୁରସ୍କାର ବିଜେତା ତଥା ଅଲିମ୍ପିଆନ ଇନ୍ଦ୍ରପାଲ୍ ସିଂହଙ୍କ ପ୍ରଶିକ୍ଷଣରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ସଫଳତା ପାଇଛି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପଦକ ବିଜୟୀ ସମସ୍ତ ରୋୟର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

କଳାହାଣ୍ଡି କପ୍ ୨୦୨୫

## ରାଜକିଶୋରଙ୍କୁ ୭ ୱିକେଟ୍, ସୌରଭ ୧୬୧*

କଟକ,୨୮ ।୩(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ରାଜ୍ୟର ସବୁଠୁ ସମ୍ମାନଜନକ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି । ଶୁକ୍ରବାର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୯ ୱିକେଟରେ ବରଗଡ଼କୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ମାତ୍ର ୨୧ ରନରେ ଅଲଆଉଟ ହୋଇଥିଲା । କେନ୍ଦ୍ରାପଡ଼ାର ରାଜକିଶୋର ଦଳାଇ ଘାତକ ବୋଲିଂ କରିଥିଲେ। ଡାହାଣହାତୀ ମିଡିୟମ ପେସର୍ ରାଜକିଶୋର ୪ଓଭର ବୋଲିଂରେ ୯ରନ ବ୍ୟୟ କରି ୭ଟି ୱିକେଟ ଅକ୍ତିଆର କରିଥିଲେ। ରିତେଶ ପାଣ୍ଡେ ଅବଶିଷ୍ଟ ୩ଟି ୱିକେଟ ଦଖଲ କରିଥିଲେ। ୬ ଓଭରରେ ଗୋଟିଏ ୱିକେଟ ହରାଇ କେନ୍ଦ୍ରାପଡ଼ା ବିଜୟୀ ହୋଇଥିଲା । ରାଜକିଶୋରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।


ପାନକଳ ମୋକ୍ଷିତ


ରାଜକିଶୋର ଦଳାଇ


ସୌରଭ ଗୌଡ଼

ଆଠଗଡ଼ସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୭୬ ରନରେ ପୁରୀକୁ ହରାଇଛି। ସୌରଭ କୁମାର ଗୌଡ଼ଙ୍କ ଅପରାଜିତ ୧୬୧ ରନ ସହାୟତାରେ ଭୁବନେଶ୍ୱର-ଏ ୫ ୱିକେଟ ହରାଇ ୩୬୧ ରନ କରିଥିଲା। ପୁରୀର ପଦ୍ମଲୋଚନ ପଣ୍ଡା ୪ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ରାଜେଶ ବେହେରାଙ୍କ ୭୯ରନ ଏବଂ ବିନୟ ପାଇକରାୟଙ୍କ ୭୬ ରନର ଅର୍ଦ୍ଧଶତକୀୟ ପାଳି ବଳରେ ପୁରୀ ୪ ୱିକେଟ ହରାଇ ୨୪୦ରନ କରିଥିଲା। ଧୁଆଁଧାର ଶତକୀୟ ଇନିଂସ ଖେଳିଥିବା ସୌରଭ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଗୋଳ ୨୧୪ ରନରେ ଦେବଗଡ଼କୁ ହରାଇଛି । ରାଜ୍ୟ ଦଳର ଦୁଇ ନିୟମିତ ଖେଳାଳି ପାନକଳ ମୋକ୍ଷିତଙ୍କ ୧୨୭ ଏବଂ ଶ୍ରେୟାଂଶ ଭରଦ୍ୱାଜଙ୍କ ୮୫ ରନ ବଳରେ ଅନୁଗୋଳ ୪ ୱିକେଟ ବିନିମୟରେ ୩୧୮ ରନ କରିଥିଲା । ଦେବଗଡ଼ର ଇନିଂସ୍ ୧୦୪ ରନରେ ସୀମିତ ରହିଥିଲା । ଅନୁଗୋଳ ପକ୍ଷରୁ ସୋହମ ରାଜ ମହାପାତ୍ର ୨୪ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଳବାଇ ଷ୍ଟାଡିୟମ ଗ୍ରାଉଣ୍ଡରେ ମହମ୍ମଦ ଇକ୍ରାମଙ୍କ ୫ ୱିକେଟ ସଫଳତା ବଳରେ ରାଉରକେଲା ୫ ୱିକେଟରେ ବଲାଙ୍ଗିରକୁ ପରାସ୍ତ କରିଥିଲା। ବଲାଙ୍ଗିର ୧୨୯ ରନରେ ଅଲଆଉଟ ହୋଇଥିବା ବେଳେ ଇକ୍ରାମ ୧୯ରନ ବିନିମୟରେ ୫ଟି ୱିକେଟ ହାସଲ କରିଥିଲେ। ୩୩ତମ ଓଭରରେ ରାଉରକେଲା ବିଜୟୀ ହୋଇଥିଲା। ଇକ୍ରାମଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ ସୋନପୁର ୮ ରନ୍‌ରେ ମାଲକାନଗିରିକୁ, ସମ୍ବଲପୁର-ଏ ୩ ରନରେ ଝାରସୁଗୁଡାକୁ, କିଟ ୧୧ରନରେ ସମ୍ବଲପୁର-ବି'କୁ, ଗଞ୍ଜାମ ୮ ୱିକେଟରେ ରାୟଗଡ଼ାକୁ, ଢେଙ୍କାନାଳ ୮୮ ରନରେ କଟକ-ବି'କୁ ପରାସ୍ତ କରିଥିଲା ।

## ଜ୍ୟୋତିଙ୍କୁ ରାଜ୍ୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ୍ ଦଳର ନେତୃତ୍ୱ



ଭୁବନେଶ୍ୱର, ୨୮ ।୩ (ସମିସ): ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୫୩ତମ ସଂସ୍କରଣ ଉତ୍ତରପ୍ରଦେଶର ହାଥରସ୍‌ଠାରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବା ଲାଗି ୧୮ ଜଣିଆ ଓଡ଼ିଶା ମହିଳା ହ୍ୟାଣ୍ଡବଲ୍ ଉତ୍ତରପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଜ୍ୟୋତି ପାତ୍ରଙ୍କୁ ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି । ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ପକ୍ଷରୁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଦଳକୁ ଶୁଭକାମନା ଓ ଶୁଭେଚ୍ଛା ଜଣାଯାଇଥିଲା । ଏଥିରେ କ୍ରୀଡ଼ାବିଭାଗର ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ପ୍ରଶିକ୍ଷକ ଗୌରୀଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଗୀତାଞ୍ଜଳି ଦାସ ମ୍ୟାନେଜର ଓ ରାମଶିଷ ପ୍ରସାଦ ଜେନା ପ୍ରଶିକ୍ଷକ ଭାବେ ଦଳ ସହ ଗସ୍ତ କରିଛନ୍ତି । ଓଡ଼ିଶା ମହିଳା ହ୍ୟାଣ୍ଡବଲ୍ ଦଳ: ଜ୍ୟୋତି ପାତ୍ର (ଅଧିନାୟିକା), ସନ୍ଧ୍ୟାରାଣୀ ଦାସ, ସ୍ମୃତିରେଖା ବିଶ୍ୱାଳ, ବର୍ଷାରାଣୀ ବେହେରା, ସ୍ମୃତିରେଖା ରାଉତରାୟ, ବର୍ଷା ବେହେରା, ବର୍ଷା ସେଠୀ, ଶୁଭଶ୍ରୀ ସେଠୀ, ମାନସୀ ପ୍ରଧାନ, ସ୍ୱପ୍ନେଶ୍ୱରୀ ଦାସ, ତେଜସ୍ୱିନୀ ସେଠୀ, ଅଦ୍ୟଷା ଦାସ, ସମୀକ୍ଷା ମଣ୍ଡଳ, ବର୍ଷା ପ୍ରିୟଦର୍ଶିନୀ ବାରିକ, ଅର୍ଚ୍ଚନା ବାରିକ, ସାଇନା ବେଗମ, ପୂଜା ସ୍ୱାଇଁ ।

**ଆଇପିଏଲ୍-୧୮**
**ଚେପକ୍‌ରେ ୧୭ ବର୍ଷର ପ୍ରତୀକ୍ଷାର ଅନ୍ତ**

# ଚେନ୍ନାଇକୁ ହରାଇଲା ବେଙ୍ଗାଲୁରୁ

ଚେନ୍ନଇ, ୨୮ ।୩ (ଏଜେନ୍ସି)

ଚଳିତ ଆଇପିଏଲ୍‌ର ୧୮ ତମ ସଂସ୍କରଣରେ ଶୁକ୍ରବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫୦ ରନରେ ଘରୋଇ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ହରାଇଦେଇଛି । ବେଙ୍ଗାଲୁରୁ ପକ୍ଷରୁ ଧାର୍ଯ୍ୟ ୧୯୭ ରନର ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୬ ରନ କରିଥିଲା । ଏଥିସହ ଦୀର୍ଘ ୧୭ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବେଙ୍ଗାଲୁରୁ ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ (ଚେପକ୍)ରେ ଘରୋଇ ସୁପର୍ କିଙ୍ଗ୍‌ସ ବିପକ୍ଷରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି । ପ୍ରଥମ ଓ ଶେଷଥର ଲାଗି ଆଇପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୦୮ ମେ ୨୧ରେ ବେଙ୍ଗାଲୁରୁ ଏହି ଭେନ୍ୟୁରେ ୧୪ ରନରେ ଚେନ୍ନାଇକୁ ହରାଇଥିଲା ।

୧୯୭ ରନକୁ ପିଛା କରିଥିବା ସୁପର୍ କିଙ୍ଗ୍‌ସ ପକ୍ଷରୁ ଓପନର୍ ରାଚିନ ରବୀନ୍ଦ୍ର ସର୍ବାଧିକ ୪୧ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ସିଂ ଧୋନି ଅପରାଜିତ ୩୦, ରବୀନ୍ଦ୍ର ଜାଡେଜା ୨୫, ଶିଭମ ଦୁବେ ୧୯ ଓ ରବିଚନ୍ଦ୍ରନ ଅଶ୍ୱିନ ୧୧ ରନ କରିଥିଲେ । ଅଧିନାୟକ ଋତୁରାଜ ଗାଏକୱାଡ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଛନ୍ତି । ବେଙ୍ଗାଲୁରୁ ପକ୍ଷରୁ ସଫଳ ବୋଲର ଭାବେ ଜୋଶ୍ ହାଜଲେଉଡ୍ ୩ ଏବଂ ୟଶ ଦୟାଲ ଓ ଲିଆମ ଲିଭିଂଷ୍ଟୋନ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି । ଦ୍ୱିତୀୟ ମ୍ୟାଚରୁ ୨ୟ ବିଜୟ ସହ ବେଙ୍ଗାଲୁରୁ ୪ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଛି । ସେହିଭଳି ଚେନ୍ନାଇ ୨ୟ ମ୍ୟାଚରୁ ପ୍ରଥମ ପରାଜୟବରଣ କରିଛି ।

ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବେଙ୍ଗାଲୁରୁ ପାଇଁ ଦୁଇ ଓପନର୍ ବିରାଟ କୋହଲି ଓ ଫିଲ୍ ସଲ୍ଟ ଦମ୍‌ଦାର ଆରମ୍ଭ କରିଥିଲେ । ଉଭୟ ପ୍ରଥମ ୱିକେଟ୍ ଭାଗୀଦାରିରେ ୫ ଓଭରରେ ୪୬ ରନ ଉଠାଇଥିଲେ । ତେବେ ନୁର୍ ଅହମ୍ମଦଙ୍କ ବଲରେ ସଲ୍ଟ (୩୨ ରନ, ୧୬ ବଲ୍)ଙ୍କୁ ଚମତ୍କାର ଭାବେ ଷ୍ଟମ୍ପ ଆଉଟ୍ କରି ମହେନ୍ଦ୍ର ସିଂ ଧୋନି ଦଳକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ । ଏହାପରେ ୩ୟ ସ୍ଥାନରେ ଆସିଥିବା ଦେବଦତ୍ତ ପାଡ଼ିକଲ୍ ମଧ୍ୟ ୨ଟି ଲେଖାଏ ଚୌକା ଓ ଛକା ସହ ୧୪ ବଲରୁ ୨୭ ରନର ଦ୍ରୁତ ପାଳି ଖେଳି ରବିଚନ୍ଦ୍ରନ ଅଶ୍ୱିନଙ୍କ ଶିକାର ବନିଥିଲେ । ସେହିଭଳି ଓପନିଂରୁ ଆସି ଧୈର୍ଯ୍ୟର ଖେଳୁଥିବା କୋହଲି (୩୦ ବଲରୁ ୩୧ ରନ) ମଧ୍ୟ ନୁର୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ । ଫଳରେ ବେଙ୍ଗାଲୁରୁ୧୩ ଓଭରବେଳକୁ ୧୧୭ ରନରେ ୩ ୱିକେଟ୍ ହରାଇଥିଲା । ତେବେ ଏହି ସମୟରେ ରଜତ ପଟିଦାର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଦଳ ୨୦ ଓଭରରେ ୭ ୱିକେଟ୍‌ରେ ୧୯୭ ରନର ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା । ପଟିଦାର ୩୨ ବଲରୁ ୪ ଚୌକା ଓ ୩ ଛକା ସହାୟତାରେ ୫୧ ରନ କରି ମଥିଶା ପତିରାଣାଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ । ସେହିଭଳି ଅଷ୍ଟ୍ରେଲୀୟ ବ୍ୟାଟର୍ ଟିମ୍ ଡେଭିଡ୍ ମଧ୍ୟ ଶେଷ ଭାଗରେ ୮ ବଲରୁ ଅପରାଜିତ ୨୨ ରନ କରି ଦଳକୁ ବଡ଼ ସ୍କୋର ଦେବାରେ ସହାୟତା କରିଥିଲେ । ବୋଲିଂରେ ଘରୋଇ ସୁପର୍ କିଙ୍ଗ୍‌ସ ପାଇଁ ନୁର୍ ଅହମ୍ମଦ ୩ ଓ ସିଂହଳୀ ଦ୍ରୁତ ବୋଲର ପତିରାଣା ୨ଟି ୱିକେଟ୍ ସଫଳତା ପାଇଥିଲେ ।


ରଜତ ପଟିଦାର

**ସଂକ୍ଷିପ୍ତ ସ୍କୋର**

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୯୬/୭, ୨୦ ଓଭର**
(ପଟିଦାର- ୫୧, ସଲ୍ଟ- ୩୨, କୋହଲି- ୩୧, ପାଡ଼ିକଲ୍- ୨୭, ଡେଭିଡ୍- ଅପରାଜିତ ୨୨, ଲିଭିଂଷ୍ଟୋନ- ୧୦, ନୁର୍ ଅହମ୍ମଦ- ୩/୩୬, ପତିରାଣା- ୨/୩୬)

**ଚେନ୍ନାଇ ସୁପର୍ କିଙ୍ଗ୍‌ସ: ୧୪୬/୮, ୨୦ ଓଭର**
(ରାଚିନ- ୪୧, ଧୋନି- ଅପରାଜିତ ୩୦, ଜାଡେଜା- ୨୫, ଦୁବେ- ୧୯, ଗାଏକୱାଡ- ୦, ହାଜଲେଉଡ୍- ୩/୨୧, ୟଶ ଦୟାଲ- ୨/୧୮, ଲିଭିଂଷ୍ଟୋନ- ୨/୨୮)

## ସିଏସ୍‌କେ ବିପକ୍ଷରେ କୋହଲି ଶ୍ରେଷ୍ଠ ବ୍ୟାଟର୍



ଆଇପିଏଲ୍ ଇତିହାସରେ ବିରାଟ କୋହଲି ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ବିପକ୍ଷରେ ସବୁଠୁ ସଫଳ ବ୍ୟାଟର୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଚେନ୍ନାଇ ବିପକ୍ଷରେ ସର୍ବାଧିକ ରନ ଏବେ କୋହଲିଙ୍କ ନାମରେ ଲିପିବଦ୍ଧ ହୋଇଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଏହି ଷ୍ଟାର୍ ବ୍ୟାଟର୍ ସୁପର୍ କିଙ୍ଗ୍‌ସ ବିପକ୍ଷରେ ବର୍ତ୍ତମାନ ସୁଦ୍ଧା ୩୩ ମ୍ୟାଚ୍ ଖେଳି ୧୦୮୪ ରନ ସଂଗ୍ରହ କରିଛନ୍ତି । ଶୁକ୍ରବାର ୩୧ ରନ ପାଳି ଖେଳିବା ଅବସରରେ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି । ଏହି ଅବସରରେ ସେ ଶିଖର ଧାୱନଙ୍କୁ ପଛରେ ପକାଇଦେଇଛନ୍ତି । ଧାୱନ ଚେନ୍ନାଇ ବିପକ୍ଷରେ ୨୯ ମ୍ୟାଚ୍‌ରୁ ୧୦୫୭ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେହିଭଳି ରୋହିତ୍ ଶର୍ମା (୮୯୬ ରନ), ଦୀନେଶ କାର୍ତ୍ତିକ (୭୨୭ ରନ) ଓ ଡେଭିଡ୍ ୱାର୍ଣ୍ଣର (୬୯୬) ତାଲିକାରେ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି । ଉଲ୍ଲେଖଯୋଗ୍ୟ, ବିରାଟ ଆଇପିଏଲ୍‌ରେ ମଧ୍ୟ ସର୍ବକାଳୀନ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି । ସେ ୨୫୪ ମ୍ୟାଚରୁ ୮୦୯୪ ରନ କରିଛନ୍ତି । ଯେଉଁଥିରେ ୫୬ ଅର୍ଦ୍ଧଶତକ ଓ ୮ ଶତକ ସାମିଲ ରହିଛି ।

**ଆଇପିଏଲ୍‌ରେ ଆଜି**
**ଗୁଜରାଟ ବନାମ ମୁମ୍ବାଇ**
ଅହମ୍ମଦାବାଦ୍ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍‌ସ / ଜିଓ ହଟଷ୍ଟାର

**ଇଣ୍ଡିଆନ୍ ଗ୍ରାଁପ୍ରି**

## ପ୍ରଜ୍ଞାଙ୍କୁ ରୌପ୍ୟ, ଲାଲୁଙ୍କୁ କାଂସ୍ୟ

ଭୁବନେଶ୍ୱର, ୨୮ ।୩ (ସମିସ): ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ଆନୁକୂଲ୍ୟରେ ବେଙ୍ଗାଲୁରୁରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆନ୍ ଗ୍ରାଁପ୍ରି-୧ର ପ୍ରଥମ ଦିବସରେ ଓଡ଼ିଶାକୁ ପଦକ ସଫଳତା ମିଳିଛି । ଓଡ଼ିଶାର ଉଦୀୟମାନ ଧାବିକା ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ଓ ଲାଲୁ ପ୍ରସାଦ ଭୋଇ କାଂସ୍ୟ ପଦକ ଜିତିଛନ୍ତି ।

ପ୍ରଜ୍ଞା ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲରେ ୧୩.୪୪ ସେକେଣ୍ଡ ସମୟ ନେଇ ପୋଡିୟମର ୨ୟ ସ୍ଥାନରେ ରହିଥିଲେ । ପ୍ରଜ୍ଞା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ଆଥ୍‌ଲେଟିକ୍ସ ହାଇପରଫର୍ମାନ୍ସ (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି । ଏହି ଇଭେଣ୍ଟରେ ରିଲାଏନ୍ସ ଏଚ୍‌ପିସିର ଅନ୍ୟତମ ଚର୍ଚ୍ଚିତ ପ୍ରଶିକ୍ଷାର୍ଥୀ ଜ୍ୟୋତି ୟାରାଜୀ ସ୍ୱର୍ଣ୍ଣ ପଦକ ହାତେଇନେଇଛନ୍ତି । ୧୦୦ ମିଟର୍ ହର୍ଡଲ୍ସକୁ ଜ୍ୟୋତି ୧୩.୦୭ ସେକେଣ୍ଡରେ ଫିନିଶ୍ କରିଥିଲେ । ତାମିଲନାଡୁର କେ ନନ୍ଦିନୀ (୧୩.୭୮ ସେକେଣ୍ଡ) କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ ।


ପ୍ରଜ୍ଞା ପ୍ରଶାନ୍ତି

### ଅମ୍ଲାନଙ୍କୁ ସ୍ୱର୍ଣ୍ଣିମ ସଫଳତା

ସେହିଭଳି ଏହି ପ୍ରତିଯୋଗିତାରେ ରିଲାଏନ୍ସ ଏଚ୍‌ପିସିର ଆଉ ଜଣେ ଧାବକ ସ୍ୱର୍ଣ୍ଣପଦକ ଜିତିଛନ୍ତି । ସେ ହେଲେ ଅମ୍ଲାନ ବୋର୍‌ଗୋହେଁ । ପୁରୁଷ ୨୦୦ ମିଟର ରେସ୍‌କୁ ଅମ୍ଲାନ ୨୦.୮୩ ସେକେଣ୍ଡରେ ଶେଷ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ । ଏଚ୍‌ପିସି ଅନ୍ୟ ଦୁଇ ଧାବକ ମଣିକାନ୍ତ ହୋବ୍ଲିଧା (୨୧.୨୦ ସେକେଣ୍ଡ) ରୌପ୍ୟ ଓ ଲାଲୁ ପ୍ରସାଦ ଭୋଇ (୨୧.୨୬ ସେକେଣ୍ଡ) କାଂସ୍ୟ ପଦକ ହାସଲ କରିଛନ୍ତି ।

## ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେବେ ଶ୍ରେୟସ, ଇଶାନ

ନୂଆଦିଲ୍ଲୀ, ୨୮ ।୩ (ଏଜେନ୍ସି): ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟର ଓ ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହୋଇପାରନ୍ତି । ଗତବର୍ଷ ଏହି ଦୁଇ ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାହର କରିଦିଆଯାଇଥିଲା ଓ ସେତେବେଳେ ଏ ନେଇ ବେଶ୍ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା । ଚାମ୍ପିଅନ୍ସ ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଆୟର ଚୁକ୍ତିରେ ସାମିଲ ହେବା ଏକପ୍ରକାର ନିଶ୍ଚିତ ହୋଇଛି । ସେହିପରି ଇଶାନ ଚଳିତ ଆଇପିଏଲ୍‌ରେ ନିଜର ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ଶତକୀୟ ପାଳି ଖେଳି କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେବାର ଦାବି ଉପସ୍ଥାପନ କରିଛନ୍ତି । ଶନିବାର ଗୌହାଟୀରେ ବିସିସିଆଇର ବୈଠକ ବସିବ ଓ ଏଥିରେ ସମ୍ପାଦକ ଦେବଜିତ ସାଇକିଆ, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ପ୍ରଶିକ୍ଷକ ଗୌତମ ଗମ୍ଭୀର ଯୋଗ ଦେଇ ଏ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନେବେ । ଆୟରଙ୍କୁ ଚୁକ୍ତିରେ ଶ୍ରେଷ୍ଠ ବର୍ଗରେ ସାମିଲ କରାଯାଇପାରେ । ତେବେ ଇଶାନଙ୍କୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଚାମ୍ପିଅନ୍ସ ଟ୍ରଫିରେ ଆୟର ୫ଟି ଇନିଂସ ଖେଳି ୭୯.୪୧ ଷ୍ଟ୍ରାଇକ୍‌ରେଟ୍‌ରେ ପାଖାପାଖି ୪୯ ହାରରେ ୨୪୩ ରନକରି ଭାରତକୁ





ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏଥିରେ ତାଙ୍କର ଦୁଇଟି ଅର୍ଦ୍ଧଶତକ ସାମିଲ ରହିଥିଲା । ସେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରର ବିବେଚିତ ହୋଇଥିଲେ ।

ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଚୁକ୍ତିରେ ଏ+ ବର୍ଗରେ ସ୍ଥାନ ବଜାୟ ରଖିବା ଏକପ୍ରକାର ନିଶ୍ଚିତ । ଏହି ୩ ବରିଷ୍ଠ ଖେଳାଳି ଗତବର୍ଷ ଟି-୨୦ ବିଶ୍ୱକପ୍ ବିଜୟପରେ ଟି-୨୦ ଫର୍ମାଟରୁ ଅବସର ଘୋଷଣା କରିଥିଲେ । ସେହିପରି ଅଭିଷେକ ଶର୍ମା, ନୀତୀଶ ରେଡ୍ଡୀ ଓ ବରୁଣ ଚକ୍ରବର୍ତ୍ତୀ ମଧ୍ୟ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ବରୁଣ ଚାମ୍ପିଅନ୍ସ ଟ୍ରଫିରେ ୯ ୱିକେଟ ନେଇ ଭାରତକୁ ଚାମ୍ପିଅନ କରାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ସେହିପରି ନିତିଶ ବର୍ଡର- ଗାଭାସ୍କର ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ଅଭିଷେକ ୨୦୨୪-୨୫ ସିଜିନରେ ୧୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୦୦.୪୮ ଷ୍ଟ୍ରାଇକ୍‌ରେଟ୍ ମୋଟ୍ ୪୧୧ ରନ ସଂଗ୍ରହ କରିଥିଲେ ।

## ଆଇପିଏଲ୍ ଭ୍ୟୁୟରସିପ୍‌ର ନୂଆ ରେକର୍ଡ

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଷ୍ଟାଦଶ ସଂସ୍କରଣରେ ଭ୍ୟୁୟରସିପ୍‌ରେ ନୂଆ ରେକର୍ଡ ସୃଷ୍ଟି ହୋଇଛି । ଲିଗ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ଭ୍ୟୁୟରସିପର ପୁରୁଣା ରେକର୍ଡ ପଛରେ ପଡିଛି । ବ୍ରଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନସିଲ (ବିଏଆରସି) ଅନୁସାରେ ଆଇପିଏଲ୍‌ର ପ୍ରଥମ ୱିକେଣ୍ଡରେ ଟିଭିରେ ବହୁ ସଂଖ୍ୟାରେ ଲୋକ ଦେଖିଛନ୍ତି । ଷ୍ଟାର ସ୍ପୋର୍ଟ୍ସରେ ପ୍ରଥମ ୩ଟି ମ୍ୟାଚ୍‌ରେ ୨୫.୩ ଭ୍ୟୁୟରସିପ୍ ଆସିଛି । ପ୍ରଥମଥର ପାଇଁ ଆଇପିଏଲ୍‌ର ପ୍ରଥମ ସପ୍ତାହରେ ହିଁ ୨,୭୭୦ କୋଟି ମିନିଟ୍‌ର ୱାଚ୍ ଟାଇମ୍‌ର ରେକର୍ଡ ସୃଷ୍ଟି ହୋଇଛି । ଗତବର୍ଷ ତୁଳନାରେ ଏହା ୨୨ ପ୍ରତିଶତ ଅଧିକ । ଏଥର ଆଇପିଏଲ୍‌ର ପ୍ରଥମ ସପ୍ତାହରେ ୩ଟି ମ୍ୟାଚ୍ ଖେଳାଯାଇଥିଲା । ଜିଓହଟ୍‌ଷ୍ଟାର ଆପ୍‌ରେ ପ୍ରଥମ ୩ଟି ମ୍ୟାଚ୍‌ରେ ୧୩୭ କୋଟି ଭ୍ୟୁୟରସିପ୍ ଆସିଛି । ଡିଜିଟାଲ ପ୍ଲାଟଫର୍ମରେ ପ୍ରଥମ ପାଇଁ ଏତେ ସଂଖ୍ୟାରେ ଦର୍ଶକ ଦେଖିଛନ୍ତି । ଗତବର୍ଷ ତୁଳନାରେ ଏଥିରେ ୪୦ ପ୍ରତିଶତ ବୃଦ୍ଧି ହୋଇଛି । ଡିଜିଟାଲ ପ୍ଲାଟଫର୍ମରେ ୩ଟି ମ୍ୟାଚ୍‌ର ୱାଚ୍ ଟାଇମ୍ ୨,୧୮୬ କୋଟି ରହିଛି । ଡିଜିଟାଲ ଓ ଟିଭି ପ୍ଲାଟଫର୍ମରେ ୫ ହଜାର କୋଟି ମିନିଟ୍‌ର ୱାଚ୍ ଟାଇମ୍ ରହିଛି । ଗତବର୍ଷ ତୁଳନାରେ ଏଥିରେ ୩୩ ପ୍ରତିଶତ ଅଧିକ ବୋଲି ବିଏଆରସି ତରଫରୁ କୁହାଯାଇଛି ।

● **ଓଡ଼ିଶା ମହିଳା ଫୁଟବଲ୍ ଲିଗ୍**

## କିଟ୍/କିସ୍, ଟାଟାଷ୍ଟିଲ୍ ବିଜୟୀ



ଭୁବନେଶ୍ୱର, ୨୮ ।୩(ସମିସ): ଚଳିତ ଓଡ଼ିଶା ମହିଳା ଫୁଟବଲ ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ କିଟ୍/କିସ୍ ଓ ଟାଟାଷ୍ଟିଲ୍ ବିଜୟ ହାସଲ କରିଛନ୍ତି । ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଗ୍ରାଉଣ୍ଡରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । କିଟ୍/କିସ୍ ୧୦-୨ ଗୋଲରେ ବକ୍ସି ଜଗବନ୍ଧୁ କ୍ଲବକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଟାଟା ଷ୍ଟିଲ୍ ୧-୦ ଗୋଲ୍‌ରେ ମନୋରମା କ୍ଲବକୁ ହରାଇଛି । କିଟ୍/ କିସ୍ ତରଫରୁ ଜୋସ୍ନା ମୁଣ୍ଡାରୀ ୧୧, ୩୮, ୭୫ ମିନିଟ୍‌ରେ, ସୀମାରାଣୀ ଦେହୁରୀ ୧୪, ୧୬, ୩୭, ୭୯ତମ ମିନିଟ୍‌ରେ, ଅଞ୍ଜଳା ମୁଣ୍ଡାରୀ ୩୯ ଓ ୪୯ତମ ମିନିଟ୍‌ରେ ଏବଂ ସାଲଙ୍ଗା ସୋରେନ ୪୦ତ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ । ଅପରପକ୍ଷରେ ବକ୍ସି ଜଗବନ୍ଧୁ ତରଫରୁ ଲୋଟସ ହଣ୍ଡା ୬୧ ଓ ୭୮ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ । ସେହିପରି ଦ୍ୱିତୀୟ ମୁକାବିଲାରେ ମନୋରମା କ୍ଲବ ବିପକ୍ଷରେ ଟାଟା ପାଇଁ ରଶ୍ମିତା ଲାଗୁରୀ ୫୪ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ ।

● **ଜାତୀୟ ଫେନସିଂ ଉପ-କନିଷ୍ଠ ପ୍ରତିଯୋଗିତା**

## ଲିକ୍ଷିତ ଜିତିଲେ କାଂସ୍ୟ ପଦକ

ଭୁବନେଶ୍ୱର, ୨୮ ।୩(ସମିସ): କଟକର ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ଫେନସିଂ ଉପ-କନିଷ୍ଠ ପ୍ରତିଯୋଗିତାରେ ଓଡ଼ିଶାର ଲିକ୍ଷିତ କୁମାର ବିଶ୍ୱାଳ କାଂସ୍ୟ ପଦକ ହାସଲ କରିଛନ୍ତି । ଶୁକ୍ରବାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଇପି ଇଭେଣ୍ଟରେ ହରିୟାଣାର ଅଶ୍ୱିନୀ କୁମାରଙ୍କଠାରୁ ୧୨-୧୫ରେ ପରାସ୍ତ ହୋଇ ସେ କାଂସ୍ୟରେ ସନ୍ତୁଷ୍ଟ ହୋଇଛନ୍ତି । ହରିୟାଣା ପ୍ରତିଯୋଗୀ କିନ୍ତୁ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ସହ ମୋଟ୍ ୩ଟି ପଦକ ହାସଲ କରିଛନ୍ତି । ରାଜ୍ୟ ଫେନସିଂ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପ- ସଭାପତି ରମେଶ ମଲ୍ଲିକ, ସହଦେବ ରାଉତ ଓ ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ଅମ୍ରିତ କୁମାର ସାହୁ ପଦକ ବିତରଣ ଉତ୍ସବରେ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।



## ଜୋକୋଭିଚ୍ ବୟୋଜ୍ୟେଷ୍ଠ ସେମିଫାଇନାଲିଷ୍ଟ

ମିଆମି, ୨୮ ।୩(ଏଜେନ୍ସି): ମିଆମି ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ସର୍ବିଆର ଅଭିଜ୍ଞ ଖେଳାଳି ନୋଭାକ ଜୋକୋଭିଚ୍ ବୟୋଜ୍ୟେଷ୍ଠ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଶୁକ୍ରବାର ଚତୁର୍ଥସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍ କ୍ୱାର୍ଟରଫାଇନାଲରେ ୬-୩, ୭-୬ ସିଧାସଳଖ ସେଟ୍‌ରେ ଆମେରିକାର ୨୪ତମ ସିଡ୍ ସେବାଷ୍ଟିଆନ କୋର୍ଡ଼ାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି । ୩୭ ବର୍ଷ ୧୦ ମାସରେ ପଦାର୍ପଣ କରିଥିବା ଜୋକୋଭିଚ୍ ଏହି କ୍ରମରେ ସ୍ୱିଜରଲାଣ୍ଡର ରୋଜର ଫେଡରରଙ୍କ ୬ ବର୍ଷର ରେକର୍ଡକୁ ପଛରେ ପକାଇଛନ୍ତି । ୨୦୧୯ରେ ଫେଡେରର ୩୭ ବର୍ଷ ୭ମାସରେ ମିଆମି ଓପନ୍ ସେମିରେ ପ୍ରବେଶ କରିବାର ବୟୋଜ୍ୟେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ୬ଥର ମିଆମି ଟାଇଟଲ ଜିତିଥିବା ଜୋକୋଭିଚ୍ ଶେଷଥର ପାଇଁ ୨୦୧୬ରେ ଏଠାରେ ଚାମ୍ପିଅନ ହୋଇଥିଲେ । ରେକର୍ଡ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ୍ ସେମିରେ ବୁଲଗେରିଆର ୧୪ତମ ସିଡ୍ ଗ୍ରିଗର ଡିମିଟ୍ରୋଭଙ୍କୁ ଭେଟିବେ ।

**ଜାତୀୟ ମହିଳା ହକି ଲିଗ୍**

## ହରିୟାଣା ଚାମ୍ପିଅନ; ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୨୮ ।୩ (ସମିସ)

ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂହ ହକି ଷ୍ଟାଡିୟମରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍)ରେ ଓଡ଼ିଶା ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି । ଫାଇନାଲ ମୁକାବିଲାରେ ହରିୟାଣା ୩-୨ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରି ଚାମ୍ପିଅନ ହୋଇଛି ।

ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଓଡ଼ିଶା ପ୍ରଥମେ ଗୋଲ୍ ଖାତା ଖୋଲିଥିଲା । ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଅହଲ୍ୟା ଲାକ୍ରା ଏକ ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାକୁ ୧-୦ରେ ଆଗୁଆ କରାଇଥିଲେ । ତେବେ ଏହାର ୪ ମିନିଟ୍ ପରେ ହରିୟାଣାର କାଜଲ ଏହି ଗୋଲଟି ଶୁଝିଦେଇଥିଲେ । ଫଳରେ ପ୍ରଥମ କ୍ୱାର୍ଟର ୧-୧ରେ ବରାବର୍ ରହିଥିଲା । ଦ୍ୱିତୀୟ କ୍ୱାର୍ଟର କିନ୍ତୁ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟର କିନ୍ତୁ ହରିୟାଣା ସପକ୍ଷରେ ଯାଇଥିଲା । ୩୨ତମ ମିନିଟରେ କାଜଲ ଓ ୪୨ତମ ମିନିଟ୍‌ରେ ସାବିଙ୍କ ଗୋଲ୍ ବଳରେ ହରିୟାଣା ୩-୧ରେ ଆଗୁଆ ରହି ଦୃଢ଼ସ୍ଥିତିରେ ରହିଥିଲା । ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଓଡ଼ିଶା ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଟିଏ ଗୋଲ୍ ଦେଇପାରିଥିଲା । ୫୪ତମ ଦୀପିକା ବରୱାଙ୍କ ଗୋଲ୍ ବଳରେ ଓଡ଼ିଶା ୨-୩ ସ୍ଥିତିକୁ ଆସିଥିଲେ ମଧ୍ୟ ପରାଜୟରୁ ବର୍ତ୍ତିପାରି ନ ଥିଲା । ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୭ ମ୍ୟାଚ୍ ଖେଳି ୪ ବିଜୟ, ୨ ପରାଜୟ ଓ ଗୋଟିଏ ସୁଟ୍ ଆଉଟ୍ ବିଜୟ ସହ ୧୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଥିଲା ।




### ଝାଡ଼ଖଣ୍ଡକୁ କାଂସ୍ୟ

ଅପରପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ଝାଡ଼ଖଣ୍ଡ ୧-୦ ଗୋଲରେ ମଧ୍ୟପ୍ରଦେଶକୁ ହରାଇ କାଂସ୍ୟ ପଦକ ହାସଲ କରିଛି । ମ୍ୟାଚର ୧୨ତମ ମିନିଟ୍‌ରେ ସୁଇଟି ଡୁଙ୍ଗ୍‌ଡୁଙ୍ଗ୍ ଝାଡ଼ଖଣ୍ଡ ପାଇଁ ବିଜୟସୂଚକ ଗୋଲ୍‌ଟି ଦେଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS